



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୬ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 6 JUNE 2023

Vol.No. 34 ■ No. 149 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦୁର୍ଘଟଣାଗ୍ରସ୍ତ ଯାତ୍ରୀ ମାନଙ୍କ ମାଗଣା ବସ୍ ସେବା ଆରମ୍ଭ

ଭୁବନେଶ୍ୱର, ୫/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାହାନଗାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣା ପରେ କୋଲକାତାକୁ ରେଳଯାତ୍ରା ପ୍ରଭାବିତ ହେବା ପରେ ରାଜ୍ୟ ସରକାର ପୁରୀ, ଭୁବନେଶ୍ୱର ଓ କଟକରୁ ଦୈନିକ ମାଗଣା ବସ୍ ସେବା ଆରମ୍ଭ କରିଛନ୍ତି। ରାତି ସାଢେ ୧୧ଟା ସୁଦ୍ଧା ପୁରୀରୁ ୨୦ଟି ବସ୍, ଭୁବନେଶ୍ୱରରୁ ୨୩ ଏବଂ କଟକରୁ ୧୬ ଟି ଏଭଳି ମୋଟ୍ ୫୯ଟି ବସ୍ ମାଗଣା ସେବା ଭାବରେ କୋଲକାତା ଅଭିମୁଖେ ଯାତ୍ରା କରିଛି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ଗତ କାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ଘଟଣା ପୀଡିତ ମାନଙ୍କ ପାଇଁ ନିଶୁଳ୍କ ବସ ସେବା ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ । ଏହାକୁ କାର୍ଯ୍ୟକାରୀ କରାଯାଇଛି।

# ସେମାନେ କେବଳ ଅତୀତ କଥା କହନ୍ତି, କେବେ ବି ଭବିଷ୍ୟତ କଥା କହୁଥିବା ଆପଣମାନେ ଶୁଣିପାରିବେ ନାହିଁ: ରାହୁଲ ଗାନ୍ଧୀ

ନ୍ୟୁୟର୍କ, ୫/୦୬ : ସେମାନେ କେବେ ଭବିଷ୍ୟତ କଥା କହନ୍ତି ନାହିଁ, ନିଜର ବିଫଳତା ପାଇଁ ସବୁବେଳେ ଅତୀତର କୌଣସି ଲୋକଙ୍କୁ ଦାୟୀ କରନ୍ତି ବୋଲି ରବିବାର ଦିନ ନ୍ୟୁୟର୍କରେ ଭାରତୀୟ ବଂଶୋଦ୍ଭବଙ୍କୁ ଉଦ୍‌ବୋଧନ ଦେବା ବେଳେ ଓଡ଼ିଶା ରେଳ ଦୁର୍ଘଟଣା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ ଓ 'ବିଜେପି'କୁ ବିଦ୍ରୂପ କରି କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ କହିଛନ୍ତି। ରାହୁଲ୍ କହିଛନ୍ତି, ଆପଣମାନେ ସେମାନଙ୍କୁ ଯେକୌଣସି କଥା (ବିଜେପି) ପଚାରନ୍ତୁ, ସେମାନେ ଅତୀତକୁ ଚାହିଁବେ ଓ ଦୋଷ ଲଦିବେ। ଟ୍ରେନ୍ ଦୁର୍ଘଟଣା କାହିଁକି ହେଲା ବୋଲି ସେମାନଙ୍କୁ ପଚାରନ୍ତୁ। ସେମାନେ କହିବେ ୫୦ ବର୍ଷ ତଳେ କଂଗ୍ରେସ ରେଳ ଦୁର୍ଘଟଣା କରିଥିଲା।



ସେମାନଙ୍କର ତ୍ୱରିତ ଜବାବ ହେଉଛି 'ଅତୀତକୁ ଚାହଁ'। କଂଗ୍ରେସ ଶାସନ ଅମଳର ରେଳ ଦୁର୍ଘଟଣା ପ୍ରସଙ୍ଗରେ ମନ୍ତ୍ରୀଙ୍କ ନାମ ଉଲ୍ଲେଖ ନ କରି ରାହୁଲ୍ କହିଛନ୍ତି, କଂଗ୍ରେସ କ୍ଷମତାରେ ଥିବା ବେଳେ ଗୋଟାଏ ରେଳ ଦୁର୍ଘଟଣା ହୋଇଥିବା କଥା ମୋର ମନେପଡୁଛି। ସେତେବେଳେ କଂଗ୍ରେସ କହି ନ ଥିଲା ଯେ, ଟ୍ରେନ୍ ଦୁର୍ଘଟଣା ପାଇଁ ବ୍ରିଟିସ୍ ଦାୟୀ। କଂଗ୍ରେସ ମନ୍ତ୍ରୀ କହିଥିଲେ, ଏହା ମୋର ଉତ୍ତରଦାୟିତ୍ୱ। ତେଣୁ, ମୁଁ ଇସ୍ତଫା ଦେଉଛି। ଏହାହିଁ ହେଉଛି ଆମ ଦେଶର ସମସ୍ୟା, ଆମେ ବାହାନା କରୁ ଓ ସମ୍ମୁଖୀନ ହେଉଥିବା ବାସ୍ତବତାକୁ ଗ୍ରହଣ କରୁନାହିଁ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିଦ୍ରୂପ କରି ରାହୁଲ୍ ଆହୁରି ମଧ୍ୟ କହିଛନ୍ତି, କେବଳ 'ରିୟର-ଭ୍ୟୁ ମିରର'କୁ (ପଛ ଦୃଶ୍ୟ ଦେଖାଉଥିବା ଆଇନା) ଚାହିଁ ପ୍ରଧାନମନ୍ତ୍ରୀ ଭାରତୀୟ କାର ଚଳାଇବାକୁ ଉଦ୍ୟମ କରୁଛନ୍ତି। ତେଣୁ, କାର କାହିଁକି ଆଗକୁ ନ ଯାଇ ଦୁର୍ଘଟଣାଗ୍ରସ୍ତ ହେଉଛି, ସେ ଜାଣିପାରୁ ନାହାନ୍ତି। 'ବିଜେପି' ଓ 'ଆରଏସ୍ଏସ୍'ର ବୁଦ୍ଧି ମଧ୍ୟ ଏମିତିକା। ସେମାନେ ସମସ୍ତେ ଏମିତି। ଆପଣ ମନ୍ତ୍ରୀମାନଙ୍କ କଥା ଶୁଣନ୍ତୁ, ପ୍ରଧାନମନ୍ତ୍ରୀଙ୍କ କଥା ଶୁଣନ୍ତୁ। ସେମାନେ ଭବିଷ୍ୟତ କଥା କହୁଥିବା ଆପଣମାନେ ଶୁଣିପାରିବେ ନାହିଁ। ସେମାନେ କେବଳ ଅତୀତ କଥା କହନ୍ତି।

## ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା

## ଏତଲା ପରେ ମାମଲା ରୁଜୁ କଲା ଜିଆରପି: ଡିଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ



ବାଲେଶ୍ୱର, ୫/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଦୁର୍ଘଟଣା ନେଇ ଥାନାରେ ଏତଲା। ବାଲେଶ୍ୱର ଜିଆରପି ଥାନାରେ ଏତଲା ପରେ ମାମଲା ରୁଜୁ ହୋଇଛି। ବାଲେଶ୍ୱର ଜିଆରପି ଥାନାର ଏସ୍ଆଇ ପପୁ ନାୟକଙ୍କ ପକ୍ଷରୁ ଏତଲା ହୋଇଛି। ରେଲୱେର ଦାୟିତ୍ୱହୀନତା ପାଇଁ ଦୁର୍ଘଟଣା ଘଟିଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଆଇପିସି ଦଫା ୩୩୭, ୩୩୮, ୩୦୪-କ, ୩୪, ରେଲୱେ ଆକ୍ଟ ୧୫୩, ୧୫୪ ଓ ୧୭୫ରେ ମାମଲା ରୁଜୁ ହୋଇଛି। ଡିଏସ୍‌ପି ରଞ୍ଜିତ ନାୟକଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏହି ଭୟାନକ ଦୁର୍ଘଟଣାରେ ରେଲୱେ ବୋର୍ଡ ପକ୍ଷରୁ ସିବିଆଇ ତଦନ୍ତ ସୁପାରିସ୍ ହୋଇଥିବା ବେଳେ ଜିଆରପି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ଅଲୋଚନାର ବିଷୟ ହୋଇଛି। ଦୁର୍ଘଟଣାକୁ ୩ ଦିନ ବିତିଥିଲେ ହେଁ ଏଥିପାଇଁ କିଏ ଦୋଷୀ ଜଣାପଡ଼ିନି। ଏହି ଦୁର୍ଘଟଣାରେ ୨୭୫ ଜଣଙ୍କ ଜୀବନ ଯାଇଥିବା ବେଳେ ୧୨୦୦ରୁ ଅଧିକ ଲୋକେ ଆହତ ହୋଇଛନ୍ତି।

## ଅଲାରନାଥଙ୍କ ଅଣସର ଦର୍ଶନ ଆରମ୍ଭ: ଭୋରୁ ଲାଗିଛି ଶ୍ରଦ୍ଧାଳୁଙ୍କ ଭିଡ଼

ବ୍ରହ୍ମଗିରି, ୫/୦୬ (ନି.ପ୍ର): ମହାବାହୁ ସ୍ନାନ ବେଦୀରେ ୧୦୮ ଗଡୁ ପାଣିରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିକୁ ବିଜେ କରିଛନ୍ତି। ଭକ୍ତ ଶ୍ରୀମନ୍ଦିରରେ ପଟି ଦିଅଁଙ୍କୁ ଦର୍ଶନ କରୁଛନ୍ତି। ମହାବାହୁଙ୍କ ଅଦର୍ଶନରେ ଆଜି ସକାଳୁ ବ୍ରହ୍ମଗିରିରେ ଅଲାରନାଥଙ୍କ ଅଣସର ଦର୍ଶନ ଆରମ୍ଭ ହୋଇଛି। ଅଣସର ସମୟରେ ଶ୍ରୀ ଅଲାରନାଥଙ୍କ ଦର୍ଶନ ଶ୍ରୀଜଗନ୍ନାଥଙ୍କ ଦର୍ଶନର ସମଫଳ ଦେଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ସେଥିପାଇଁ ଆଜି ଭୋରୁ ଅଲାରନାଥଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ଭୋର ୪ଟା ରୁ ଦ୍ୱାର ଫିଟା ପରେ ମଙ୍ଗଳ ଆଳତି, ଅବକାଶ, ବେଶ, ଚନ୍ଦନ ତୁଳସୀ ଲାଗି, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ, ସୂର୍ଯ୍ୟ ପୂଜା, ରୋଷ ହୋମ ନୀତି ବଢ଼ି ସକାଳ ୬ଟା ରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ବ୍ୟାରିକାଡେ ଦେଇ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କୁ ଦର୍ଶନ କରୁଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ଅତରିକ୍ତ ଏସପିଙ୍କ ନେତୃତ୍ୱରେ ୨ଜଣ ଡ଼ିଏସପି, ୪ ଜଣ ଇନସ୍ପେକ୍ଟର, ୨୦ ଜଣ ଅଫିସର, ୫୬ଜଣ ହୋମ ଗାର୍ଡ, ୬ଜଣ ଟ୍ରଫିକ ପୁଲିସ, ୬ପ୍ଲଟୁନ ପୁଲିସ ଫୋର୍ସ, ୨ ସେକ୍ସନ ସାଦା ପୋଷାକରେ ପୁଲିସ ମୁତୟନ ହୋଇଛନ୍ତି। ଏହାଛଡ଼ା ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟ ବିଭାଗ ସହିତ ସ୍ୱେଚ୍ଛସେବୀ ମଧ୍ୟ କାର୍ଯ୍ୟରେ ଲାଗିଛନ୍ତି। ଏଠାରେ ସ୍ୱତନ୍ତ୍ର ଭାବରେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଭୋରୁ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳଙ୍କ ଭିଡ଼ ଲାଗିଛି। ଚନ୍ଦନ ଚକଡା ଠାରୁ ରତ୍ନ ସିଂହାସନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି।

## ଆଜି କଟକ ଆସୁଛନ୍ତି ମମତା: କହିଲେ, ସିବିଆଇ ତଦନ୍ତ କରି କିଛି ଲାଭ ନାହିଁ

କୋଲକାତା, ୫/୦୬ (ନି.ପ୍ର): ବାଲେଶ୍ୱର ବାହାନଗା ଠାରେ ହୋଇଥିବା ଟ୍ରେନ୍ ଦୁର୍ଘଟଣାରେ ସିବିଆଇ ତଦନ୍ତକୁ ପ୍ରଭାବ ଶୂନ୍ୟ କହିଛନ୍ତି ପଶ୍ଚିମବଙ୍ଗ ମୁକ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏହାଦ୍ୱାରା କିଛି ଫଳ ମିଳିବ ନାହିଁ ବୋଲି ମମତା କହିଛନ୍ତି। କୋଲକାତାର ଏସ୍ଏସକେଏମ୍ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଥିବା ଆହତଙ୍କୁ ଭେଟିବା ପରେ ଏପରି କହିଛନ୍ତି ମମତା। ସେ କହିଛନ୍ତି "୧୨ ବର୍ଷ ତଳେ ମୁଁ ଜ୍ଞାନେଶ୍ୱର ଏକ୍ସପ୍ରେସ୍ ଦୁର୍ଘଟମା ମାମଲା ସିବିଆଇ ତଦନ୍ତ ପାଇଁ ଦେଇଥିଲି। କିନ୍ତୁ ସେଥିରେ କୌଣସି ଫଳ ମିଳିଲା ନାହିଁ। ସେହିପରି ସାନ୍ଥିଆ ଟ୍ରେନ୍ ଦୁର୍ଗଟଣା ମାମଲା ମଧ୍ୟ ସିବିଆଇ ତଦନ୍ତ ପାଇଁ ଦେଇଥିଲି। ସେଥିରେ ବି କିଛି ଫଳ



ମିଳିଲା ନାହିଁ। ସିବିଆଇ ଅପରାଧିକ ମାମଲାର ତଦନ୍ତ କରେ। ହେଲେ ଏହା ଏକ ଦୁର୍ଘଟଣା ଜନିତ ମାମଲା। ପ୍ରଥମେ ଏହିସବୁ ମାମଲାରେ ରେଳବାଇ ସୁରକ୍ଷା କମିଶନ ତଦନ୍ତ କରୁଥିଲେ। ଆମ ଚାହୁଁଛୁ ଯେ ଲୋକେ ସତ ଜାଣନ୍ତୁ। ଏହା ସତ୍ୟକୁ ଲୁଚାଇବାର ସମୟ ନୁହେଁ। ଯେଉଁମାନେ ତାଙ୍କ ପରିବାର ସଦସ୍ୟଙ୍କୁ ହରାଇଲେ ସେମାନଙ୍କ ବିଷୟରେ ଭାବ।" ମମତା ଆହୁରି କହିଛନ୍ତି ଯେ ଅନେକ ମୃତଦେହକୁ ଏବେ ବି ଚିହ୍ନଟ କରାଯାଇ ନାହିଁ। ମୁଁ ଯାହା ଜାଣିଛି ପ୍ରାୟ ୧୨୦ ମୃତଦେହ ଅଜଣା ଭାବେ ପଡ଼ି ରହିଛି। ପ୍ରଥମେ ଏଗୁଡ଼ିକର ସମାଧାନ କରାଯାଉ ବୋଲି ମମତା କହିଛନ୍ତି। କୋଲକାତାର ଏସ୍ଏସ୍‌କେଏମ୍ ହସ୍‌ପିଟାଲ୍‌ରେ ଆହତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି ମମତା। ବାଲେଶ୍ୱର ଦୁର୍ଘଟଣା ଦଶନ୍ଧୀରେ ସବୁଠାରୁ ଭୟଙ୍କର ରେଳ ଦୁର୍ଘଟଣା ବୋଲି ମମତା କହିଛନ୍ତି। ମମତା ବାନାର୍ଜୀ ଆସନ୍ତାକାଲି କଟକ ଆସୁଛନ୍ତି। ଏ ନେଇ ସେ କହିଛନ୍ତି "ମୁଁ ଆସନ୍ତାକାଲି କଟକ ଯିବି। ସେଠାରେ ୫୩ ରୋଗୀ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭୬ ମୃତଦେହ ଆମ ରାଜ୍ୟକୁ ଅଣାଯାଇ ସାରିଛି। ରାଜ୍ୟର ବିଭିନ୍ନ ହସ୍‌ପିଟାଲ୍‌ରେ ପାଖାପାଖି ୨୦୬ ଜଣ ଚିକିତ୍ସିତ ହେଉଛନ୍ତି। ଅନ୍ୟ ରାଜ୍ୟର ୧୬ ରୋଗୀ ମଧ୍ୟ ଏଠାରେ ଚିକିତ୍ସିତ ହେଉଛନ୍ତି। ମେଦିନୀପୁରରେ ▶▶ପୃଷ୍ଠା ୭

## ଓଡ଼ିଶାରେ ଆଉ ଏକ ଟ୍ରେନ ଦୁର୍ଘଟଣାଗ୍ରସ୍ତ: ଲାଇନଚ୍ୟୁତ ହେଲା ମାଲବାହୀ



ବାଲେଶ୍ୱର, ୫/୦୬ (ନି.ପ୍ର): ଗତ ଶୁକ୍ରବାର ବାଲେଶ୍ୱର ଜିଲ୍ଲାର ବାହାନଗାରେ ଭୟଙ୍କର ଟ୍ରେନ ଦୁର୍ଘଟଣା ଘଟିଥିବା ବେଳେ ଆଜି ସକାଳେ ବରଗଡ଼ ଜିଲ୍ଲାର ମେଣ୍ଢାପାଲି ନିକଟରେ ଏକ ମାଲବାହୀ ଟ୍ରେନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇଛି। ଫଳରେ ୫ଟି ଡବା ଓଲଟି ପଡ଼ିଛି। ତେବେ ଏଥିରେ କେହି ହତାହତ ହୋଇନାହାନ୍ତି। ଏହି ମାଲବାହୀ ଟ୍ରେନଟି ବରଗଡ଼ ଜିଲା ଡଙ୍ଗୁରିରୁ ଚୁନପଥର ନେଇ ଏସିସି ସିମେଣ୍ଟ କାରଖାନାକୁ ଯାଉଥିଲା। ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ଯେ ଏହି ଦୁର୍ଘଟଣା ସହିତ ଭାରତୀୟ ରେଳର କୌଣସି ସଂପର୍କ ନାହିଁ। ▶▶ପୃଷ୍ଠା ୭

## ଏନ୍ଆଇଆରଏଫ୍ ରାଙ୍କିଙ୍ଗ: ଆଇଆଇଟି ମାଡ୍ରାସ ୧ ନମ୍ବର, ଉତ୍କଳ ବିଶ୍ୱବିଦ୍ୟାଳୟ ୯୩ ତମ ସ୍ଥାନରେ

ନୂଆଦିଲ୍ଲୀ,୫/୦୬ : ପ୍ରକାଶ ପାଇଛି ୨୦୨୩ ପାଇଁ **NIRF(National Institutional Ranking Framework)** ରାଙ୍କିଙ୍ଗ। ଶିକ୍ଷାଦାନ ଏବଂ ଉତ୍ସ, ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ, ପାସ ହାର, ପହଞ୍ଚ ଏବଂ ଆଭିମୁଖ୍ୟ ଆଦି କ୍ଷେତ୍ରକୁ ନେଇ ଇଣ୍ଡିଆ ରାଙ୍କିଙ୍ଗ ନାଁରେ ପ୍ରକାଶ ପାଉଥିବା ଏହି ତାଲିକାରେ ସାମଗ୍ରିକ ବର୍ଗରେ ଆଇଆଇଟି ମାଡ୍ରାସ ୧ ନମ୍ବରରେ ରହିଛି। ତାପଛକୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ବେଙ୍ଗାଲୁରୁ ଓ ଆଇଆଇଟି ଦିଲ୍ଲୀ ତୃତୀୟ ସ୍ଥାନରେ ରହିଛି। **NIRF** ରାଙ୍କିଙ୍ଗରେ ଇଞ୍ଜିନିୟରିଂ, ମେଡିକାଲ, ମ୍ୟାନେଜମେଣ୍ଟ, ଆଇନ, ଫାର୍ମାସି,




କୃଷି ବିଜ୍ଞାନ ଭଳି ଶିକ୍ଷାନୁଷ୍ଠାନ ସମେତ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକର ମାନ ନିର୍ଦ୍ଧାରଣ କରାଯାଇଛି। ଦେଶର ଶୀର୍ଷ ୧୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଆଇଆଇଏସ୍‌ସି ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ଓଡ଼ିଶାର ସୋଆ ୧୫ତମ ସ୍ଥାନରେ ଥିବାବେଳେ ୧୬ତମ ସ୍ଥାନରେ ରହିଛି କିଟ୍ ବିଶ୍ୱବିଦ୍ୟାଳୟ। ଉତ୍କଳ ବିଶ୍ୱବିଦ୍ୟାଳୟ ୯୩ତମ ସ୍ଥାନରେ ରହିଛି। ଓଡ଼ିଶାର ସୋଆ ବିଶ୍ୱବିଦ୍ୟାଳୟ ସାମଗ୍ରିକ ବର୍ଗରେ ୨୬ ନମ୍ବରରେ ରହିଥିବା ବେଳେ ୨୯ ତମ ସ୍ଥାନରେ ରହିଛି କିଟି ବିଶ୍ୱବିଦ୍ୟାଳୟ। ଆଇଆଇଟି ଭୁବନେଶ୍ୱର ୯୧ତମ ସ୍ଥାନରେ ରହିଛି।

## ପୁରୀରେ ଟୁରିଷ୍ଟ ବସ ଦୁର୍ଘଟଣାରେ ତିନିଜଣଙ୍କର ମୃତ୍ୟୁ



ପୁରୀ, ୫/୦୬ (ନି.ପ୍ର): ପୁରୀ ମଙ୍ଗଳାଘାଟ ଷ୍ଟଲିଂ ଛକ ବାଇପାସ୍ ରାସ୍ତାର ଓମ୍‌କାରେଶ୍ୱର ମନ୍ଦିର ସମ୍ମୁଖରେ ଏକ ବସ୍ ଧକ୍କାରେ ତିନି ଜଣଙ୍କର ମୃତ୍ୟୁ ହୋଇଯାଇଛି । ମିଳିଥିବା ସୂଚନା ମୁତାବକ ପୁରୀରେ ଆଜି ଏକ ଟୁରିଷ୍ଟ ବସରେ ଗଞ୍ଜାମ ଛତ୍ରପୁରର ସତ୍ୟ ନିରଞ୍ଜନ ଦାଶ((୫୫) ଓ ତାଙ୍କ ପତ୍ନୀ ଗାୟତ୍ରୀ ଦାଶ(୫୦)ଙ୍କ ସହ ପୁରୀ ମଙ୍ଗଳାଘାଟର ରାକେଶ ନନ୍ଦ(୨୦)ଙ୍କୁ ଧକ୍କା ଦେଇଥିଲା । ଆଉ ଘଟଣାସ୍ଥଳରେ ହିଁ ଏମାନଙ୍କ ମୃତ୍ୟୁ ହୋଇଛି ।

## ଟ୍ରେନ୍ ଦୁର୍ଘଟଣା : ଚିହ୍ନଟ ହେଲାଣି ୧୭୦ ମୃତଦେହ

ଭୁବନେଶ୍ୱର, ୫/୦୬ (ନି.ପ୍ର): ବାହାନଗା ଟ୍ରେନ୍ ଟ୍ରାଜେଡିରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୨୭୫ରେ ସ୍ଥିର ଅଛି । ମୃତଦେହ ଚିହ୍ନଟ ଏବଂ ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି। ଏ ଯାଏ ୧୭୦ ମୃତଦେହ ଚିହ୍ନଟ ସରିଲାଣି। ମୃତଦେହ ପରିବହନ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ମୃତଦେହ ନେବାର ବ୍ୟବସ୍ଥା ପାଇଁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଲିଗାଲ ଡକ୍ୟୁମେଂଟ ପାଇଁ ବ୍ୟସ୍ତ ନ ହେବାକୁ କହିଛନ୍ତି ମୁଖ୍ୟ ଶାସନ ସଚିବ । କମ୍ ସମୟ ମଧ୍ୟରେ ମୃତ୍ୟୁ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଦୁଇଟି ଟୋଲ ଫ୍ରି ନମ୍ବର ରହିଛି। ସମ୍ପର୍କୀୟ ମାନେ ଏଥିରେ କଲ୍ କରି ଆହତ ଓ ମୃତକଙ୍କ ସମ୍ପର୍କରେ ଜାଣିପାରିବେ ।

## ମଣିପୁରରେ ହାହାକାର: ଏଟିଏମ୍ ଖାଲିକୁ ମିଳୁନି ମେଡିସିନ୍, ପେଟ୍ରୋଲ ଲିଟର ପିଛା ୨ଶହ ଟଙ୍କା

ମଣିପୁର,୫/୦୬ : ଆଦିବାସୀ ଓ ଅଣଆଦିବାସୀ ସଂଘର୍ଷକୁ ନେଇ ଅଶାନ୍ତ ହୋଇ ପଡ଼ିଥିବା ମଣିପୁର ସ୍ଥିତି ଏବେ ବି ଶାନ୍ତ ପଡ଼ିନି। ସଂଘର୍ଷ ଥମିଥିଲେ ବି ଏହାର ସାଇଡ ଇଫେକ୍ଟରେ ଅତିଷ୍ଠ ହୋଇପଡୁଛନ୍ତି ଇମ୍ଫାଲବାସୀ। ଶାରୀରିକ ତାଡ଼ନାକୁ ଆର୍ଥିକ କଷ୍ଟ ବି ବଳି ଯାଉଛି। ସବୁଠୁ ହାହାକାର ଛାଇ ଯାଇଛି। ଚାରିଆଡ଼େ ଛାଇ ଯାଇଛି ନୀରବତା ସ୍ଥିତିକୁ ଆୟତ୍ତକୁ ଆଣିବାକୁ ସେନା ଦୁଇ ନଂ ଜାତୀୟ ରାଜପଥକୁ ବ୍ଲକ୍ କରିଦେବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଆସୁଥିବା ଟ୍ରକ୍‌କୁ ଇମ୍ଫାଲ ଭିତରକୁ ପ୍ରବେଶ ଅନୁମତି ମିଳୁନି। ଫଳରେ ରାତାରାତି ସବୁ ଜିନିଷ ଦାମ୍ ଦୁଇ ଗୁଣା ହୋଇ ଯାଇଛି। ଜୀବନ ରକ୍ଷାକାରୀ ମେଡିସିନର ଅଭାବ ଦେଖାଦେଇଛି। ଚାଉଳଠୁ ଆରମ୍ଭ କରି ଅତ୍ୟାବଶ୍ୟବ ସାମଗ୍ରୀ ଦାମ୍ ରାତାରାତି ୨ ଗୁଣରୁ ଅଧିକ ବଢ଼ି ଯାଇଛି। ଏପରିକି ପେଟ୍ରୋଲ ଲିଟର ପିଛା ପାଇଁ ଏଠାରେ ୨ଶହ



ଟଙ୍କା ଗଣିବାକୁ ପଡୁଥିବା ବେଳେ ପମ୍ପ ଆଗରେ କିଲୋମିଟର ବ୍ୟାପି ଲାଗି ରହିଛି ଲମ୍ବା ଲାଇନ୍। ମିଥି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଲାଗିଥିବା ଏହି ସଂଘର୍ଷ ପାଇଁ ଉଭୟ ଗୋଷ୍ଠଙ୍କୁ ବହୁ ମୂଲ୍ୟ ଦେବାକୁ ପଡୁଛି। ଉଭୟ ସମ୍ପ୍ରଦାୟର ବହୁ ଲୋକ ନିଜ ବାସସ୍ଥାନ ହରାଇ ଏବେ ହଜାର ହଜାର କିମି ଦୂରରେ ଥିବା ଶରଣାର୍ଥୀ କ୍ୟାମ୍ପରେ ରହିବାକୁ ବାଧ ହେଉଛନ୍ତି। ଇଣ୍ଟରନେଟ ସେବାକୁ ବ୍ୟାହତ କରାଯାଇଥିବାରୁ ବାହ୍ୟ ଜଗତ ସହ ସେମାନେ ବିଚ୍ଛିନ୍ନ ହୋଇ ଯାଇଛନ୍ତି। ଏଥିସହ ସହରର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଲାଗୁଥିବା ବେଳେ ମାତ୍ର କିଛି ଘଣ୍ଟା ପାଇଁ ତାହାକୁ କୋହଳ କରାଯାଉଛି। ଉଭୟ ପକ୍ଷ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁ ମଣିପୁର ଅଶାନ୍ତ ହୋଇ ପଡ଼ିଥିବା ବେଳେ ଏବେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ସ୍ଥିତିକୁ ଅଧିକ ଭୟଙ୍କର କରି ଦେଇଛି। କାରଣ ଅତ୍ୟାବଶ୍ୟକ ସାମଗ୍ରୀ ହାତେଇବା ପାଇଁ ଏକ ପ୍ରକାର ଦୌଡ଼ ଆରମ୍ଭ ହୋଇ ଯାଇଥିବା ବେଳେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ରାତାରାତି ସବୁ ଜିନିଷ ଦାମ୍ ଦୁଇ ଗୁଣା ହୋଇଯାଇଥିବାରୁ

▶▶ପୃଷ୍ଠା ୭

# ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଭଗବାନଙ୍କୁ ପାଖରୁ ପାଇ ଭକ୍ତ ବିଭୋର

ସାଲେପୁର, ୦୫/୦୬ (ନି.ପ୍ର): ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ପବିତ୍ର ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ଓ ଦେବସ୍ନାନ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତମାନେ ମହାପ୍ରଭୁ ଅଚ୍ୟୁତାନନ୍ଦଙ୍କୁ ପାଖରୁ ଦେଖି ବିଭୋର ହେବା ସହ ହରିବୋଲ , ହୁଳହୁଳୀରେ ସମଗ୍ର ନେମାଳ ପଦ୍ମବନ ପୀଠ ମୁଖରିତ ହେବା ସହ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ପ୍ରଭାତରୁ ବରିଷ୍ଠ ସେବାୟତମାନେ ଚୁଆ ,ଚନ୍ଦନ, ଅଗୁରୁ, କର୍ପୂର ଆଦି ସୁବାଶିତ ଜଳରେ ପ୍ରଭୁଙ୍କର ସ୍ନାନ ମାର୍ଜନା ସମାପନ କରିବା ପରେ ଚନ୍ଦନ ତୁଳସୀ ଲାଗି କରିଥିଲେ । ପରେ ପ୍ରଭୁଙ୍କୁ ନୂତନ ବସ୍ତ୍ର ପରିଧାନ କରିବା ସହ ମସ୍ତକରେ ସ୍ୱର୍ଣ୍ଣ ଓ ରୂପା ମିଶ୍ରିତ ମୁକୁଟକୁ ଲାଗି କରିଥିଲେ । ପ୍ରଭୁଙ୍କର ଏହି ବଡ ସିଂହାର ବେଶ ପରେ ମଙ୍ଗଳ ଆଳତୀ, ନୀତି ଭୋଗ, ଯଥାରୀତି ଅନୁଷ୍ଠିତ ହୋଇଥିଲା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପହଡ ଖୋଲା ଯାଇ ଭୋଗ କରାଯିବା ଓ ସାଧାରଣରେ ଦର୍ଶନ ମିଳିଥିଲା । ମଧ୍ୟାହ୍ନରେ ବିଭିନ୍ନ ଫଳମୂଳ ସହିତ ପିଠାପଣା ଆଦି ଅଂଚଳବାସୀମାନଙ୍କ ଦ୍ୱାରା ସମର୍ପଣ କରାଯାଇ କୋଠ ଭୋଗ ଅନୁଷ୍ଠିତ ହୋଇଥିଲା । ଏହିସମୟରେ ଇଷ୍ଟଦେବ ଗୋପୀନାଥ ଜୀଉ ସ୍ନାନ ମଣ୍ଡପକୁ ଅଣାଯାଇ ଯଥାରୀତି ପୂଜାର୍ଚ୍ଚନା କରାଯାଇଛି । ସଂଧାରେ ପ୍ରଭୁଙ୍କ ସଂଧ୍ୟା ଆଳତୀ ଦର୍ଶନ କରି ଶ୍ରଦ୍ଧାଳୁ ଭକ୍ତମାନେ ପ୍ରଭୁ ଅଚ୍ୟୁତଙ୍କ ସାନ୍ନିଧ ଲାଭ କରିଥିଲେ । ଏହି ଅବସରରେ ପୂର୍ଣ୍ଣତୋୟା ଚିତ୍ରୋତ୍ପଳାର ଶରଧା ବାଲିରେ ବାଲିମେଳା ମହୋତ୍ସବ ଯଥାରୀତି ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁମାନେ ଚିତ୍ରୋତ୍ପଳା ବାଲିରେ ବିଭିନ୍ନ ଦେବାଦେବୀଙ୍କର ବାଲୁକା ମୂର୍ତୀ ନିର୍ମାଣ କରି ପୂଜାର୍ଚ୍ଚନା କରିବା ସହିତ ଭଜନ କୀର୍ତନ ହୋମଯଜ୍ଞ, ମାଳିକାପାଠ ପ୍ରବଚନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ଗରମରେ ଭକ୍ତମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଥିବା ଦେଖିବାକୁ ମିଳିଥିଲା । ଉପଜିଲ୍ଲାପାଳ କମଳଜିତ ଦାସ, ନିଶ୍ଚିନ୍ତକୋଇଲି ତହସିଲଦାର ଦିଲ୍ଲୀପ କୁମାର ନାୟକ, ମାହାଙ୍ଗା ତହସିଲଦାର ଉମାକାନ୍ତ ବିଶ୍ୱାଳ, କିଶୋରନଗର ତହସିଲଦାର ମଧୁସୂଦନ ନାୟକ, ନିଶ୍ଚିନ୍ତକୋଇଲି ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ, ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାଢୀ, ଅତିରିକ୍ତଏସ୍ଡିପିଓ ବିମଳ ପ୍ରସାଦ ବାରିକ, ନେମାଳ ଥାନା ଅଧିକାରୀ ସୁଶୀଲ କୁମାର ନାୟକ, ଏଏସ୍ଆଇ ଗୌରାଙ୍ଗ ବିଶ୍ୱାଳ ଯୋଗଦେଇସ୍ଥିତି ଅନୁ ଧାନ କରିଥିଲା ବେଳେ ୪ ପ୍ଲାଟୁନରୁ ଉର୍ଦ୍ଧ ପୁଲିସ, ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଉତ୍ସବ ପରିଚାଳନାରେ ବରିଷ୍ଠ ସେବାୟତ ଧରଣୀଧର ପୂଝାରୀ, ଅଜୟ ପୃଷ୍ଟି, ପ୍ରବୀଣ ଦାସ, କେଶବ ଦଳାଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ଅମୀୟ ପ୍ରସାଦ ମହାନ୍ତି, ସେବାୟତ ସଂଘ ସଭାପତି କ୍ଷମାନିଧି ପୂଝାରୀ. ପଞ୍ଚାୟତର ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ । ଚିତ୍ରୋତ୍ପଳା ଶରଧାବାଲିରେ ପୂଜା ପାଇଲେ ବିଭିନ୍ନ ଦେବାଦେବୀ - ଆଜି ମହାପ୍ରଭୁ ଅଚ୍ୟୁତାନନ୍ଦଙ୍କ ପବିତ୍ର ଦେବସ୍ନାନ ଯାତ୍ରା ଅବସରରେ ପୂଣ୍ୟତୋୟା ଚିତ୍ରୋତ୍ପଳା ନଦୀ ଶରଧା ବାଲିରେ ଶିବ, ପାର୍ବତୀ, ହନୁମାନ, ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରା, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସମେତ ବହୁ ଦେବାଦେବୀଙ୍କ ବାଲୁକା ପ୍ରତିମୂର୍ତୀ ବିଭୋର କରିଥିଲା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଜ୍ଞ, ପାଲା, ଘୋଡାନାଚ, ରାମଲୀଳା, ଭଜନ, କୀର୍ତନ, ମାଳିକା ଚର୍ଚ୍ଚା ଓ ପ୍ରବଚନ କାର୍ଯ୍ୟ ଆଦି ଅନୁଷ୍ଠିତ ହୋଇଥିଲା । ସ୍ୱେଚ୍ଛାସେବୀଙ୍କ ଜଳଛତ୍ର ବଂଟନଯୋଗୁ ବହୁ ଶ୍ରଦ୍ଧାଳୁଙ୍କ ଆଶ୍ୱସ୍ତି -ପ୍ରବଳ ଗୁଳୁଗୁଳି ଯୋଗୁ ପବିତ୍ର ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବାଇକ, କାର, ସାଇକେଲ ଓ ପାଦରେ ଚାଲି ଚାଲି ଆସୁଥିବା ଭକ୍ତମାନେ ଅସହ୍ୟ ତାତି ସାଙ୍ଗକୁ ପ୍ରବଳ ଗୁଳୁଗୁଳୁ ଯୋଗୁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଅପରପକ୍ଷରେ ଚିତ୍ରୋନଦୀନାଳ ଶୁଖିଯାଇଥିବାରୁ ପାଣି ମୁନ୍ଦେ ପାଇଁ ଶ୍ରଦ୍ଧାଳୁ ଭକ୍ତମାନେ ଆଉଟୁ ପାଉଟୁ ହେଉଥିଲା ବେଳେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନ ପୀଠରେ ଥଣ୍ଡାପାନୀୟ ଜଳ ପ୍ରଦାନ କରୁଥିଲା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଥଣ୍ଡାପାଣି ସର୍ବତ ଆଦି ପ୍ରଦାନ କରି ବହୁ ଶ୍ରଦ୍ଧାଳୁଙ୍କ ପ୍ରିୟଭାଜନ ହୋଇପାରିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବାଲିଯାତ୍ରା ପଡିଆରେ ବହୁ ଅବ୍ୟବସ୍ଥା - ବାଲିଯାତ୍ରା ପଡିଆରେ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯଥା ପାନୀୟ ଜଳ, ବିଦ୍ୟୁତ ଯୋଗାଇ ଦିଆଯିବାର ପ୍ରତିଶୃତି ଦିଆଯାଇଥିଲେ ମଧ ଶହ ଶହ ବ୍ୟବସାୟୀ ଉପଯୁକ୍ତ ପାଣି ଓ ବିଦ୍ୟୁତ ସେବା ପାଇପାରିନଥିବା ଜଣାପଡିଛି । ଏପରିକି ସ୍ୱେଚ୍ଛାସେବୀମାନେ ଜଳ ବିତରଣ କରୁଥିବା କେନ୍ଦ୍ରରେ ପାଣି ନପାଇ ହତାଶ ହୋଇପଡିଥିବା ଦେଖିବାକୁ ମିଳିଛି । ପ୍ରବଳ ଗୁଳୁଗୁଳି ସାଙ୍ଗକୁ ପାଣିର ଅଭାବ ଓ ସ୍ଥାନୀୟ ଚିତ୍ରୋତ୍ପଳା ନଦୀରେ ଟୋପିଏ ପାଣି ନଥିବା ହେତୁ ଲକ୍ଷାଧିକ ଶ୍ରଦ୍ଧା ଅସୁବିଧା ଭୋଗ କରିଥିଲେ । ବାଲିଯାତ୍ରାକୁ ସରସ ସୁନ୍ଦର କରିବାକୁ ବିଧାୟକଙ୍କ ତତ୍ପରତା - ଚଳିତ ବର୍ଷ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମହାଦେବସ୍ନାନ ଯାତ୍ରା ଉଦ୍ଦେଶ୍ୟରେ ହେଉଥିବା ବାଲିଯାତ୍ରା ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଉଦ୍ୟମ କରି ବାରମ୍ବାର ପୀଠକୁ ଆସି ପ୍ରଶାସନକୁ ନିର୍ଦ୍ଦେଶଦେବା ସହ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ସାଂସ୍କୃତିକ ଦଳଙ୍କୁ କିଭଳି ସେମାନେ ନିଜର କାର୍ଯ୍ୟ କରିପାରିବେ ସେଥିପ୍ରତି ଧ୍ୟାନ ଦେଇଥିବା ଜଣାପଡିଛି । ବିଧାୟକଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଜୟନ୍ତ ଜୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

କଟକ/ଭୁବନେଶ୍ୱର, ୦୫/୦୬ (ନି.ପ୍ର): ବିଶିଷ୍ଟ ସମାଜସେବୀ, ସଂଗଠକ, ବିଜ୍ଞାନ ଭାରତୀର ଦେବଦୁର୍ଲଭ କାର୍ଯ୍ୟକର୍ତା ମା. ଜୟନ୍ତ ସହସ୍ରବୁଦ୍ଧେଙ୍କ ସ୍ମୃତିରେ କଟକ ଠାରେ ବ୍ଲେଣ୍ଡେଡ ମୋଡରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଡେରାଡୁନରୁ ଦିଲ୍ଲୀ ଫେରୁଥିବା ବେଳେ ଭୟଙ୍କର ସଡକ ଦୁର୍ଘଟଣାରେ ଗତକାଲି ତାଙ୍କର ଦେହାନ୍ତ ହୋଇଛି । ଜୟନ୍ତ ଜୀ ଙ୍କ ସ୍ମୃତିଚାରଣ କରି ଓଡିଶା ବିଜ୍ଞାନ ମଣ୍ଡଳର ରାଜ୍ୟ ସଭାପତି ପ୍ରଫେସର ଚିତରଞ୍ଜନ ତ୍ରିପାଠୀ କହିଲେ ଜୟନ୍ତ ଜୀ ଙ୍କ ଅବର୍ତ୍ତମାନରେ ଦେଶର ବିଜ୍ଞାନ ଓ ବୈଜ୍ଞାନିକ ସମାଜ ଜଣେ କୁଶଳୀ ସଂଗଠକଙ୍କ ଅନୁପସ୍ଥିତି ଅନୁଭବ କରିବ । ସଂଘ ପରିବାର ଜଣେ ଦେବଦୁର୍ଲଭ କାର୍ଯ୍ୟକର୍ତା ହରାଇଲା । ସଂଗଠନ ସଂପାଦକ ଇଂ ଅରୁଣ କୁମାର ସାହୁ ଓଡିଶାରେ ସଂଗଠନର ଅପେକ୍ଷାକୃତ ଦୁର୍ବଳ ସ୍ଥିତି ସତ୍ତ୍ୱେ ଜୟନ୍ତ ଜୀ ନିଜେ ଉପସ୍ଥିତ ରହି ଭୁବନେଶ୍ୱର ଠାରେ ବିଜ୍ଞାନ ଭାରତୀର ଦୁଇଦିବସୀୟ ଅଖିଳ ଭାରତୀୟ ଅଭ୍ୟାସ ବର୍ଗ କରାଇବା ତାଙ୍କର ଓଡିଶା ପ୍ରତି ସ୍ନେହ କୁ ଦର୍ଶାଏ ବୋଲି କହିଲେ । ସଂପାଦକ ଓ ରୟାଲ କେମିକାଲ ସୋସାଇଟିର ଫେଲୋ, ଡଃ ବିକାଶ କୁମାର ଜେନା ଜୟନ୍ତ ଜୀ ଙ୍କ ପ୍ରଚାରକ ଜୀବନ ଆରମ୍ଭ ଠାରୁ ଶେଷ ଯାତ୍ରା ବିଷୟରେ ବର୍ଣ୍ଣନା କରି ତାଙ୍କର ନିରଳସ ଓ ନିସ୍ୱାର୍ଥପର ଜୀବନ କଥା କହିଥିଲେ । କୋଷାଧକ୍ଷ ଇଂ ସଞ୍ଜୟ କୁମାର ପଟ୍ଟନାୟକ ଜୟନ୍ତ ଜୀ ଙ୍କ ସ୍ୱଦେଶୀ ବିଜ୍ଞାନ ଆନ୍ଦୋଳନକୁ ଯୋଗଦାନ ବିଷୟରେ ବର୍ଣ୍ଣନା କରି କଟକ ସହ ତାଙ୍କର ନିବିଡ଼ ସଂପର୍କ ର ସ୍ମୃତିଚାରଣ କରିଥିଲେ । ଯୁଗ୍ମ ସଂପାଦକ ସୌଭାଗ୍ୟ ସ୍ୱାଇଁ କହିଥିଲେ ଯେତେବେଳେ ଆମେ କୌଣସି ଛୋଟିଆ ବା ବଡ ସମସ୍ୟା ନେଇ ଜୟନ୍ତ ଜୀ ଙ୍କ ପାଖକୁ ଯାଉ ସେ ତୁରନ୍ତ ତାହାର ସମାଧାନ କରି ଦେଉଥିଲେ । ସୁଦୂର ନବରଙ୍ଗପୁର ପର୍ଯ୍ୟନ୍ତ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନକୁ ପହଂଚାଇବା ତାଙ୍କର ଦୁରଦୃଷ୍ଟି ଓ ସଂଗଠନ କୁଶଳତା ଯୋଗୁଁ ସମ୍ଭବ ହୋଇ ପାରିଛି । ଗୌରୀ ଭାଇଙ୍କ ସହ ସେ ଓଡିଶାର ସବୁ ଅଂଚଳ ବୁଲି ଥିଲେ, ସେ ସୁଦୂର ବରହମପୁର ର ଅପହଂଚ ବନାଂଚଳ ହେଉ କି ସମ୍ବଲପୁରର ଉପାନ୍ତ ଗ୍ରାମାଂଚଳ । ଜଣେ ରାଷ୍ଟ୍ରୀୟ ଅଧିକାରୀ କିପରି ସାଧାରଣ ଜୀବନଯାପନ କରିପାରେ, କାର୍ଯ୍ୟକର୍ତାଙ୍କ ଘରେ ରହିପାରେ, ନିତିଦିନିଆ ପଖାଳ ତୋରାଣି ଖାଇପାରେ ତାହା ଜୟନ୍ତ ଜୀ ଙ୍କୁ ଦେଖିଲେ ଜଣାପଡିବ । ସହ ସଂଗଠନ ସମ୍ପାଦନ ଡଃ ଗୌରୀଶଙ୍କର ସାହୁ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଜୟନ୍ତ ଜୀ ଙ୍କ ଅମର ଆତ୍ମାର ସଦଗତି ପ୍ରାପ୍ତି ପାଇଁ ପ୍ରାର୍ଥନା କରି ଏକାଦଶାହ ଦିନ ଏକ ସ୍ମରଣୀକା ପ୍ରକାଶନର ପ୍ରସ୍ତାବ ଦେଲେ । ଉପସ୍ଥିତ ପଦାଧିକାରୀ ମାନେ ଏଥିରେ ସମ୍ମତି ପ୍ରଦାନକରି ଗୌରୀଶଙ୍କର ସାହୁ ଙ୍କୁ ଲେଖା ପଠାଇବା ପାଇଁ ସ୍ୱୀକୃତି ଦେଲେ । ଡଃ ସାହୁ କହିଲେ ଜୟନ୍ତ ଜୀ ସାରା ଭାରତର ବୈଜ୍ଞାନିକ ନେତୃମଣ୍ଡଳୀଙ୍କ ଗୁରୁପ୍ରତିମ ଥିଲେ । ହେଲେ ଓଡିଶା ଆସିଲେ ସେ ସବୁବେଳେ ମା. ଡଃ ବସନ୍ତ ରଥଙ୍କୁ ଖୋଜନ୍ତି, ତାଙ୍କ ଭଲମନ୍ଦ ପଚାରନ୍ତି । ଡଃ ରଥ ସଂଘ ଶିକ୍ଷାବର୍ଗ ତୃତୀୟ ବର୍ଷରେ ଜୟନ୍ତ ଜୀ ଙ୍କ ଶିକ୍ଷକ ଥିଲେ । ତାଙ୍କ ସହ ଦୀର୍ଘ ପନ୍ଦର ବର୍ଷର ସଂପର୍କ ସ୍ମୃତିପଟଳରେ ଜୀବନ୍ତ ହୋଇ ରହିବ ।

# କେନ୍ଦ୍ର ସରକାର ରେଳଯାତ୍ରୀଙ୍କ ସୁରକ୍ଷା ପ୍ରତି ଉଦାସୀନ : ଅଧିର ରଞ୍ଜନ ଚୌଧୁରୀ

ଭୁବନେଶ୍ୱର, ୦୫/୦୬ (ନି.ପ୍ର): ଲୋକସଭାର କଂଗ୍ରେସ ବିରୋଧି ଦଳ ନେତା ଅଧିର ରଞ୍ଜନ ଚୌଧୁରୀ ରବିବାର ବାହାନଗା ରେଳ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ରେଳବାଇ ବିଭାଗର କର୍ମଚାରୀଙ୍କ ମାନଙ୍କ ସହ ପୁନରୁଦ୍ଧାର କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏହାପରେ ଶ୍ରୀ ଚୌଧୁରୀ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତ ଯାତ୍ରୀଙ୍କୁ ସାକ୍ଷାତ କରିଥିଲେ । ସେମାନଙ୍କୁ ଯୋଗାଇ ଦିଆଯାଉଥିବା ଚିକିତ୍ସା ସଂପର୍କରେ ପଚାରି ବୁଝିଥିଲେ । ଶ୍ରୀ ଚୌଧୁରୀ ମୁଖ୍ୟ ଚିକିତ୍ସାଳୟରୁ ସିଧା ଯାଇ ପହଂଚିଥିଲେ ବାଲେଶ୍ୱରସ୍ଥିତ ନୁସି କାର୍ଯ୍ୟାଳୟରେ ଯେଉଁଠାରେ ମୃତ ଯାତ୍ରୀଙ୍କର ଶବ ରଖାଯାଇଛି । ସେଠାରେ ମୃତକମାନଙ୍କର ପରିବାରବର୍ଗଙ୍କ ସହ ମଧ ଶ୍ରୀ ଚୌଧୁରୀ କଥାବାର୍ତା ହୋଇ ସମବେଦନା ଜଣାଇଥିଲେ । ଶ୍ରୀ ଚୌଧୁରୀ ମଧ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଂହଚି ଚିକିତ୍ସିତ ହେଉଥିବା ଆହତ ଯାତ୍ରୀମାନଙ୍କୁ ସାକ୍ଷାତ କଲେ । ସେଠାରେ ଭଦ୍ରକ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ ।

ବାଲେଶ୍ୱର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଭାରୀ ଡଃ ଏ ଚେଲ୍ଲାକୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଓ ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ଚୌଧୁରୀ କହିଥିଲେ ଯେ ଯାତ୍ରୀମାନେ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ବେଳେ ସେଠାରେ ରେଳବାଇ କର୍ତୃପକ୍ଷ ବା ରାଜ୍ୟ ପ୍ରଶାସନ ପକ୍ଷରୁ ୨ରୁ ୩ ଘଂଟା ଭିତରେ କେହି ପଂହଚି ନଥିଲେ । ଅନ୍ୟପକ୍ଷରେ ଯେଉଁ ଡାକ୍ତରଖାନାରେ ଆହତମାନେ ଚିକିତ୍ସିତ ହେଉଛନ୍ତି ସେଠାରେ ଉପଯୁକ୍ତ ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବାର ଭିତିଭୂମି ଅଭାବ ରହିଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ସେଠାରେ ଏକ ବିଶୃଙ୍ଖଳିତ ପରିସ୍ଥିତି ଉପୁଜୁଛି ବୋଲି ସେ ଉପଲବ୍ଧ କଲେ । ଯେଉଁଠାରେ ଶବ ରଖାଯାଇଛି ସେଠିକାର ପରିସ୍ଥିତି ଅମାନବିୟ, ଦୁଃଖଦାୟକ । ଶବଗୁଡ଼ିକୁ ପଚିସଢ଼ି ଯିବା ପାଇଁ ସେଠାରେ ଛାଡ଼ି ଦିଆଯାଇଛି । ଯେଉଁଭଳି ଭାବରେ ଚିହ୍ନଟ ପାଇଁ ଶବଗୁଡ଼ିକୁ ସୁରକ୍ଷିତ ରଖିବା କଥା ତାହା କରାନଯିବା ଫଳରେ ଏହି ସ୍ଥାନଟି ଦୁର୍ଗନ୍ଧମୟ ହୋଇପଡ଼ିଛି । ମୃତକଙ୍କ ପରିବାର ଲୋକ ମୃତ ଶରୀରକୁ ପାଇବା ପାଇଁ ଏଣେତେଣେ ଧାଁ ଧାପଡ଼ କରିଥିବାବେଳେ ସେମାନଙ୍କୁ ଦୂରାବସ୍ଥା ବୁଝିବା ପାଇଁ ସେଠାରେ କେହି ନଥିବା ଭଳି ମନେ ହେଉଥିଲା । ସାଧାରଣ ଯାତ୍ରୀଙ୍କର ଜୀବନର ନିରାପତାକୁ ବିଚାରକୁ ନେଇ ଏଭଳି ଦୁର୍ଘଟଣାର କାରଣ ନିବାରଣ କରିବା ଆବଶ୍ୟକତା ରହିଛି । ଆଧୁନିକିକରଣ ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଉଛି ମାତ୍ର କ୍ଷେତ୍ରରେ କ'ଣ ପରିସ୍ଥିତି ରହିଛି ତାହାର ତର୍ଜମା ହେଉନାହିଁ । ଟ୍ରେନ ଧକ୍କା କିପରି ହେଲା ତାହା ମୁଖ୍ୟ ପ୍ରସଙ୍ଗ । ଏଭଳି ଡିଜିଟାଲ ଯୁଗ ଏବଂ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ପରିସ୍ଥିତିରେ ଏବଂ ଯାତ୍ରୀମାନଙ୍କ ନିରାପତା ଯାତ୍ରା ପାଇଁ ଶହ ଶହ ପ୍ରସ୍ତାବ ବା ଉପଦେଶ ଦିଆଯାଉଥିବା ସ୍ଥଳେ ଏପରି ପରିସ୍ଥିତି ସୃଷ୍ଟି ହେବା ଚିନ୍ତାର ବିଷୟ । ସବୁଠାରୁ ମୂଳକଥା ହେଉଛି, ସରକାର ରେଳବାଇର ନିରାପତାକୁ ଏଡ଼େଇ ଦେଇ ଏହାର ଘରୋଇକରଣ ଉପରେ ପ୍ରାଧାନ୍ୟ ଦେଉଛନ୍ତି । ରେଳବାଇର ଉପଯୁକ୍ତ ପରିଚାଳନା, ରକ୍ଷଣାବେକ୍ଷଣ ଓ ମରାମତି ପ୍ରଭୃତି କାର୍ଯ୍ୟ ଠିକ୍ ଭାବରେ କରାଯିବାର ଆବଶ୍ୟକତା ରହିଛି । ସେଥିପାଇଁ ରେଳବାଇ ଡିପ୍ରେସିଏସନ ରିଜର୍ଭ ଫଣ୍ଡ ରହିଛି, ଯେଉଁ ଥିରେ ମରାପତି ଓ ପୁନଃରୁଦ୍ଧାର କାର୍ଯ୍ୟ ହୋଇଥାଏ । ମାତ୍ର ବି.ଆର.ଏଫ୍. ଫଣ୍ଡକୁ କମେଇ ଦିଆଯାଇଛି ।

ରେଳବାଇ ମନ୍ତ୍ରୀ ନିଜର ମାନ ସମ୍ମାନ ରଖିବା ପାଇଁ ପୂର୍ବରୁ ଲାଲ୍‌ବାହାଦୁରଶାସ୍ତ୍ରୀ ଓ ନିତୀଶ କୁମାର ଯେଉଁ ପନ୍ଥା ଅବଲମ୍ବନ କରିଥିଲେ, ବର୍ତମାନ ତାହା ପାଳନ କରିବା ଉଚିତ୍ । ରେଳବାଇ ମନ୍ତ୍ରୀଙ୍କର ଦୂରାବସ୍ଥା ସଂପର୍କରେ ସେ ଉପସ୍ଥାପନ କରିଥିଲେ । ମୋଦୀଙ୍କର ସିଗ୍‌ନାଲ ବିନା ଯେ ନିଜସ୍ୱ କିଛି କରିପାରନ୍ତି ନାହିଁ ତାହା ଜଣାପଡୁଛି ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଦେବସ୍ନାନ

## ■୧୦୮ କୁମ୍ଭ ସୁବାସିତ ଜଳରେ ଗାଧୋଇଲେ ମହାପ୍ରଭୁ
## ■ଦୁର୍ଲଭ ବେଶ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼



ବାରିପଦା , ୦୫/୦୬ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁଙ୍କ ଦେବସ୍ନାନ ନୀତି ପ୍ରବଳ ଜନସମାଗମ ଭିତରେ ଅନୁଷ୍ଠିତ ହୋଇଯାଇଛି । ବିଧି ମୁତାବକ ଆଜି ପ୍ରତ୍ୟୁଷରେ ମନ୍ଦିରର ସିଂହଦ୍ୱାର ଫିଟା ନୀତି ପରେ ମହାପ୍ରଭୁଙ୍କ ପହଡ଼ ଭଙ୍ଗା ନୀତି ଅନୁଷ୍ଠିତ ହୋଇଥିଲା । ମଙ୍ଗଳଆଳତୀ, ମାଦିଳା ଓ ସୁବାସିତ ଜଳ ସିଞ୍ଚନ କରି ପ୍ରଥମେ ମହାପ୍ରଭୁ ବଳଭଦ୍ର, ପରେ ଦେବୀ ଶୁଭଦ୍ରା ଓ ଜଗନ୍ନାଥଙ୍କୁ ଭୋଗ ମଣ୍ଡପକୁ ଏବଂ ପରେପରେ ତିନି ଠାକୁରଙ୍କ ସମ୍ମୁଖରେ ସୁବାଷିତ ଜଳ ସିଞ୍ଚନ କରାଯାଇ ଗୋଟି ପହଣ୍ଡି ରେ ତିନି ଦିଅଁଙ୍କୁ ସ୍ନାନମଣ୍ଡରେ ବିଜେ କରାଯାଇଥିଲା । ଶ୍ରୀ ସଦୁର୍ଶନଙ୍କ ସମେତ ଚଳନ୍ତି ପ୍ରତିମା ମଦନମୋହନ ମଧ ବିଜେ କରିଥିଲେ । ସ୍ନାନ ମଣ୍ଡପରେ ମା ଗଙ୍ଗା ଦେବୀଙ୍କ ଆହ୍ୱାନ ପରେ ତିନି ମୁଖ୍ୟ ପୂଜାପଣ୍ଡା ପଞ୍ଚାମୃତ ଶୋଧନ ନୀତି ସମାପନ କରିଥିଲେ । ଏହାପରେ ୧୦୮ କଳସ ପବିତ୍ର ସୁବାସିତ ଜଳରେ ମହାପ୍ରଭୁ ମହାସ୍ନାନ କରିଥିଲେ । ଦେବସ୍ନାନ ସରିବା ପରେ କ୍ରମାନ୍ୱୟେ ଚନ୍ଦନଲାଗି, ଫୁଲ, ଚୁଳିଆ ବେଶ ପରେ ଦ୍ୱାରପାଳ ସୂର୍ଯ୍ୟପୂଜା ଓ ଅବକାଶ ନୀତି ଶେଷ ହୋଇଥିଲା । ଏହାପରେ ସାହଣ ମେଳାରେ ଦିନ ତମାମ ମହାପ୍ରଭୁ ସ୍ନାନ ମଣ୍ଡପରେ ବିରାଜମାନ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସେହିପରି ବାରିପଦାର ବାଣ୍ଠିଆ ଜଗନ୍ନାଥ (ସାନ ଜଗନ୍ନାଥ ) ମନ୍ଦିରରେ ମଧ ଦେବସ୍ନାନ ପୂର୍ଣ୍ଣିମାର ସମସ୍ତ ନୀତିକାନ୍ତି ଅନୁଯାୟୀ ଦେବସ୍ନାନ ପର୍ବ ସମ୍ପୂର୍ଣ୍ଣ ହୋଇଛି । ତିନି ଠାକୁର ଗଜାନନ ବେଶରେ ଭକ୍ତମାନଙ୍କୁ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶନ ଦେବେ ଓ ପରେ ଠାକୁରଙ୍କ ଅଣସର ନୀତି ଆରମ୍ଭ ହେବ ବୋଲି ଜଣାଯାଇଛି । ଆଜି ରତ୍ନସିଂହାସନରେ ଛାଡ଼ି ସ୍ନାନମଣ୍ଡପରେ ଦାରୁଦିଅଁ ମାନେ ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଅଣସର ନୀତିପାଇଁ ୨୮ ଦିନ ପରେ ରତ୍ନବେଦୀକୁ ଫେରିବେ ମହାପ୍ରଭୁ । ତେବେ ମହାପ୍ରଭୁଙ୍କ ସ୍ନାନ ଏବଂ ଦୁର୍ଲଭ ବେଶ ଦର୍ଶନ ପାଇଁ ଆଜି ଭକ୍ତ ମାନଙ୍କର ପ୍ରବଳ ଗହଳି ଲାଗିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ ।

# ବିଶ୍ୱ ପରିବେଶ ଦିବସରେ ଏବିପି ପକ୍ଷରୁ ଚାରା ରୋପଣ

ଭୁବନେଶ୍ୱର, ୦୫/୦୬ (ନି.ପ୍ର): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଆଂଚଳିକ ବିକାଶ ପରିଷଦ(ଏବିପି) ପକ୍ଷରୁ ପରିବେଷ ସୁରକ୍ଷା ସଚେତନତା ଶୋଭାଯାତ୍ରା ଓ ବୃକ୍ଷ ରୋପଣ କରାଯାଇଥିଲା । ନୂଆଗାଁ ଛକରୁ ଶୋଭାଯାତ୍ରା ବାହାରି ଲିଙ୍ଗରାଜ ମନ୍ଦିରଠାରେ ପହଂଚି ପ୍ରଭୁ ଲିଙ୍ଗରାଜଙ୍କୁ ବଉଳ ଗଛ ସମର୍ପିତ କରାଯାଇଥିଲା । ଏହାପରେ ଶତାଧିକ ଏବିପି ସଦସ୍ୟ, ରାଜନେତା, ବୁଦ୍ଧିଜୀବୀ ତଥା ପ୍ରକୃତିପ୍ରେମୀଙ୍କ ଦ୍ୱାରା ସଚେତନତା ସଭା ଓ ବୃକ୍ଷ ରୋପଣ କରାଯାଇଥିଲା । ବର୍ଷାକୁ ଆଖି ଆଗରେ ରଖି ଆଜିଠୁ ଦୁଇ ସପ୍ତାହ ଧରି ବୃକ୍ଷରୋପଣ କରାଯିବ ବୋଲି ସଂଗଠନ ପକ୍ଷରୁ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ରାଜେନ୍ଦ୍ର ସମର୍ଥା, ମିଳିତ ମହାମଂଚର ଆବାହକ ଲିଙ୍ଗରାଜ ସାହୁ, ଶିକ୍ଷାବିତ୍ ରଜନି ରଞ୍ଜନ ଦାସ, ଆଂଚଳିକ ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁ, ଉପସଭାପତି ତଥା ସାହିତ୍ୟକ ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ କୁମାର ପୁରୋହିତ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ପରିବେଶ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




# ପୁରୀରେ 'ନବମନ୍ତ୍ର : ଉଚ୍ଚ ଉତ୍ପାଦକତା ପାଇଁ ନବସୃଜନ ଉପରେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ

ପୁରୀ /ଭୁବନେଶ୍ୱର, ୦୫/୦୬ (ନି.ପ୍ର): ପୁରୀ ଠାରେ ''ନବମନ୍ତ୍ର : ଉଚ୍ଚ ଉତ୍ପାଦକତା ପାଇଁ ନବସୃଜନ'' ବିଷୟବସ୍ତୁ ଉପରେ ଜାତୀୟ ସମ୍ମିଳନୀ ସଫଳତା ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଉତ୍ପାଦକତା ପରିଷଦ (ଏନପିସି) ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଜାପାନ ଟୋକିଓସ୍ଥିତ ଏସୀୟ ଉତ୍ପାଦକତା ସଂଗଠନ ଏବଂ ଉଦ୍ୟୋଗ ସହଯୋଗୀ ଭାବେ ଇଣ୍ଡିଆନ୍ ପଟାଶ ଲିମିଟେଡ୍ ପକ୍ଷରୁ ସହଯୋଗ ଯୋଗାଇ ଦିଆଯାଇଥିଲା । ଜୁନ ୫ ତାରିଖରେ ଆୟୋଜିତ ଏହି ସମ୍ମିଳନୀରେ ବିଶେଷଜ୍ଞ, ନୀତି ନିର୍ମାତା, ଶିଳ୍ପ ନେତୃବର୍ଗ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ଉଚ୍ଚ ଉତ୍ପାଦକତା ଲକ୍ଷ୍ୟ ହାସଲ ନିମନ୍ତେ ବିଚାରବିମର୍ଶ କରିବା ସହିତ ରଣନୀତି ଅନ୍ୱେଷଣ କରିବା ଉପରେ ଜୋର ଦେଇଥିଲେ । ଏହି ସମ୍ମିଳନୀରେ ଏକାଧିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ପାନେଲ ଆଲୋଚନା, ବିଶିଷ୍ଟ ଅଧିକାରୀମାନଙ୍କ ଦ୍ୱାରା ଦୀକ୍ଷାନ୍ତ ଭାଷଣ ଆଦି ସାମିଲ ରହିଥିଲା । ତିନୋଟି ପ୍ରମୁଖ ବିଷୟରେ ଉପରେ ସମ୍ମିଳନୀରେ ବିଚାରବିମର୍ଶ କରାଯାଇଥିଲା । ପ୍ରଥମ ଅଧିବେଶନରେ ''ଅମୃତ କାଳ ଏବଂ ୨୦୪୭ରେ ଏନପିସି'' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ୨୦୪୭ ସୁଦ୍ଧା ସମାବେଶୀ ଏବଂ ନବସୃଜନ ଆଧାରିତ ଉତ୍ପାଦକତା ବିକାଶ, ଏନପିସିର ଭୂମିକା ଉପରେ ନୂଆଦିଲ୍ଲୀସ୍ଥିତ ଜାତୀୟ ଉତ୍ପାଦକତା ପରିଷଦର ଇନ୍ଧନ, ପରିବେଶ ଓ ଜଳବାୟୁ କାର୍ଯ୍ୟାନୁଷ୍ଠାନ ବିଭାଗ ନିର୍ଦ୍ଦେଶକ ଓ ବିଭାଗ ମୁଖ୍ୟ ଶ୍ରୀ କେଡି ଭରଦ୍ୱାଜ ବକ୍ତବ୍ୟ ରଖିଥିଲେ । ଏହି ଅଧିବେଶନରେ ''ନବମନ୍ତ୍ର'' ପାଞ୍ଚଟି ବିଷୟଗତ କ୍ଷେତ୍ର ଏବଂ ଚାରିଟି ଭୌଗଳିକ ଲକ୍ଷ୍ୟ ଆଧାରିତ କ୍ଷେତ୍ରକୁ ସାମିଲ କରାଯାଇ ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ୯ଟି ବହୁମୁଖୀ ଦୃଷ୍ଟିକୋଣ ଉପରେ ବିସ୍ତୃତ ଭାବେ ବିଚାରବିମର୍ଶ କରାଯାଇଥିଲା । ଯୁବ ଓ ଉତ୍ପାଦକତା, ମହିଳା ଓ ଉତ୍ପାଦକତା, ନବସୃଜନ, କୃଷି ଓ ସମବାୟ ଏବଂ ଉଦ୍ୟୋଗ ଭାଗିଦାରୀ କ୍ଷେତ୍ରକୁ ଏଥିରେ ସାମିଲ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ''ଦୀର୍ଘସ୍ଥାୟୀ ଖଣି ଖନନ ପଦ୍ଧତି'' ଉପରେ ଆଲୋଚନା କରାଯାଇଥିଲା ଏବଂ ଏଥିରେ ନକାରାତ୍ମକ ପରିବେଶ ଓ ସାମାଜିକ ପ୍ରଭାବକୁ ହ୍ରାସ କରି ଖଣିଜ ଓ ପ୍ରାକୃତିକ ସମ୍ପଦର ଉତ୍ତୋଳନ ଲାଗି ଦୀର୍ଘସ୍ଥାୟୀ ଖଣି ଖନନ ପଦ୍ଧତିକୁ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅଧିବେଶନରେ ଓଡ଼ିଶା ଖଣି ନିଗମର ଅତିରିକ୍ତ ମହାପ୍ରବନ୍ଧକ (ଏସଡିପିଏଫ) ଶ୍ରୀ କେ. ସି ଷଡ଼ଙ୍ଗୀ ଏବଂ ଉପଦେଷ୍ଟା (ଏସଡିଏଫ) ଏ. ବି ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ । ଏହି ସମ୍ମିଳନୀରେ ସାମାଜିକ, ଆର୍ଥିକ ଓ ଶିଳ୍ପ ବିକାଶ ସହିତ ସବୁଜ ଉତ୍ପାଦକତାର ବାହକ ଓ ବାଧକଗୁଡ଼ିକ ଉପରେ ପାନେଲ ଆଲୋଚନା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ସେମାନଙ୍କର ଅଭିଜ୍ଞତା ଓ ବିଶେଷଜ୍ଞତା ବାଣ୍ଟିବା ସହିତ ଅଭିବୃଦ୍ଧି, ଦୀର୍ଘସ୍ଥାୟୀତ୍ୱ ଓ ସାମାଜିକ ସମାବେଶୀତା ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ । ଏଥିରେ ଆଇପିଏଲ୍ ସେଣ୍ଟର ଫର୍ ରୁରାଲ ଆଉଟରିଚ୍ର ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ଆଇଏଏସ ଡକ୍ଟର ରାଜୀବ ରଞ୍ଜନ, ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗର ଅଧକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ ଡକ୍ଟର ଏମ.ଭି ରାଓ, ଭୁବନେଶ୍ୱରସ୍ଥିତ ଏସଏନଏମ ଗ୍ରୁପର ଅଧକ୍ଷ ଶ୍ରୀ ପ୍ରଦୀପ୍ତ ମହାନ୍ତି, ଦିଲ୍ଲୀ ଉତ୍ପାଦକତା ପରିଷଦର ସଚିବ ଶ୍ରୀ ଅରୁଣ ସରୀନ୍, ଓଡ଼ିଶା ସରକାରଙ୍କ ସମବାୟ ବିଭାଗ ପ୍ରମୁଖ ସଚିବ ଶ୍ରୀ ସଞ୍ଜୀବ କୁମାର ଚଢ଼ା, ବାଙ୍ଗାଲୋର ସ୍ଥିତ କେନ୍ଦ୍ରୀୟ ବିଦ୍ୟୁତ ଗବେଷଣା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏ.କେ. ତ୍ରିପାଠୀ, କୋଏମ୍ବାଟୁର ଉତ୍ପାଦକତା ପରିଷଦର ଅଧକ୍ଷ ଇଞ୍ଜିନିୟର କେ. ଅରୁଲ ପ୍ରମୁଖ ପାନେଲ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ଚାର୍ଟାର୍ଡ୍ ଏକାଉଣ୍ଟାଣ୍ଟ ଶ୍ରୀ ରାଜୀବ ଶେଖର ସାହୁ ଓଡ଼ିଶା ପରିଦୃଶ୍ୟରେ ୫ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଓଡ଼ିଶାରେ ଏହି ସମ୍ମିଳନୀର ଆୟୋଜନ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନରେ ଡକ୍ଟର ରାଜୀବ ରଞ୍ଜନ ଦୀକ୍ଷାନ୍ତ ଅଭିଭାଷଣ ରଖି ଗ୍ରାମୀଣ କ୍ଷେତ୍ରରେ ନବସୃଜନ ଏବଂ ଉତ୍ପାଦକତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଜାତୀୟ ଉତ୍ପାଦକତା ପରିଷଦର ମହାନିର୍ଦ୍ଦେଶକ ଶ୍ରୀ ସୁନ୍ଦୀପ କୁମାର ନାୟକ ତାଙ୍କର ଅଭିଭାଷଣରେ ଆର୍ଥିକ ବିକାଶକୁ ଆଗେଇ ନେବାର ଉଚ୍ଚ ଉତ୍ପାଦକତା ଉପରେ ଗୁରୁତ୍ୱାରୋପ କରିଥିଲେ । ନେସନାଲ ସେଣ୍ଟର୍ ଫର୍ ଗୁଡ୍ ଗଭର୍ଣ୍ଣାନ୍ସର ମହାନିର୍ଦ୍ଦେଶକ ଶ୍ରୀ ଭରତ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ଦୀକ୍ଷାନ୍ତ ଭାଷଣରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ଉତ୍ପାଦକତା ଓ ଉତ୍ତମ ପ୍ରଶାସନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବାଦାମ ଚମକାଇବ ଚେହେରା, ଜାଣନ୍ତୁ କିପରି କରିବେ ବ୍ୟବହାର ?



ମନସୁନରେ ଚେହେରାକୁ ଚମକାଇବା ମହିଳାଙ୍କ ପାଇଁ ଚ୍ୟାଲେଞ୍ଜିଂ ରହିଥାଏ । ବର୍ଷା ଓ ଆର୍ଦ୍ରତା କାରଣରୁ ଚେହେରା ସାଧାରଣତଃ ମଳିନ ଦେଖାଯାଇଥାଏ । ଏପରି କ୍ଷେତ୍ରରେ ତ୍ୱଚାକୁ ଚମକାଇଥାଏ ଚିନାବାଦାମ । ବାଦାମ ଫେସପ୍ୟାକ୍ ଚେହେରାର ଉଜ୍ଜ୍ୱଳ ବୃଦ୍ଧି କରିବା ସହ ଫଳପ୍ରଦ ହୋଇଥାଏ । ପାର୍ଲରରେ ଟଙ୍କା ଖର୍ଚ୍ଚ ନକରି ଘରେ ମଧ ଆପଣ ଚେହେରାକୁ ଚମକାଇ ପାରିବେ । ଭିଟାମିନ 'ସି' ଓ 'ଇ'ରେ ଭରପୁର ଚିନାବାଦାମ ଫେସପ୍ୟାକ୍ ମନସୁନରେ ବେଷ୍ଟ କ୍ଲିଂଜିଂ ଭାବେ ପ୍ରମାଣିତ ହୋଇଥାଏ । ଏହାସହ ତ୍ୱଚାର କୋଲେଜନ ବଢାଇ ଦାଗଚିହ୍ନ ଦୂର କରିଥାଏ ।

ବାଦାମ ଓ କ୍ଷୀର : ଚେହେରାରୁ ଦାଗ ଦୂର କରିଥାଏ ବାଦାମ ଓ କ୍ଷୀର ପ୍ୟାକ୍ । ଏଥିପାଇଁ ୨ ଚାମଚ ଚିନାବାଦାମକୁ ଭିଜାଇ ବାଟି ଦିଅନ୍ତୁ । ଏହି ପେଷ୍ଟରେ ୨ ଚାମଚ କ୍ଷୀର ଓ ୩ ରୁ ୪ ଚାମଚ ଗୋଲାପ ଜଳ ମିଶାଇ ତ୍ୱଚାରେ ଲଗାନ୍ତୁ । ୧୦ ମିନିଟ ପରେ ଉଷୁମ ପାଣିରେ ଚେହେରା ଧୋଇ ନିଅନ୍ତୁ ।

ବାଦାମ ଓ କମଳା : ଭିଟାମିନ ସିରେ ଭରପୁର କମଳା ଓ ବାଦାମର ଫେସମାସ୍କ ତ୍ୱଚାର ପୋର୍ସକୁ ସଫା କରି ନରମ ଓ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ । ଏହି ମାସ୍କ ପ୍ରସ୍ତୁତ ପାଇଁ ୨ଟି କମଳା ସହ ବାଦାମକୁ ବାଟି ପେଷ୍ଟ ତିଆରି କରନ୍ତୁ । ଏବେ ସେଥିରେ ୪ ଚାମଚ କ୍ଷୀର ମିଶାଇ ତ୍ୱଚାରେ ଲଗାନ୍ତୁ । ୨୦ ମିନିଟ ପରେ ଗରମ ପାଣିରେ ଧୋଇବା ଦ୍ୱାରା ଚେହେରା ଚମକିଥାଏ ।

ବାଦାମ ଓ କଦଳୀ : ବାଦାମ ଓ କଦଳୀ ଫେସମାସ୍କ ପ୍ରସ୍ତୁତ କରିବା ପାଇଁ ୨ଟି କଦଳୀ ଚକଟି ନିଅନ୍ତୁ । ଏଥିରେ ୨ ଚାମଚ ପିନଟ ବଟର ମିଶାଇ ଚେହେରାରେ ଲଗାନ୍ତୁ । ୧୫ ରୁ ୨୦ ମିନିଟ ପରେ ହାଲୁକା ଉଷୁମ ପାଣିରେ ମୁହଁ ଧୋଇ ନିଅନ୍ତୁ । ସପ୍ତାହକୁ ୨ ରୁ ୩ ଥର ଏପରି ଫେସପ୍ୟାକ୍ ଲଗାଇବା ଦ୍ୱାରା ଚେହେରା ଉଜ୍ଜ୍ୱଳ ଦିଶିଥାଏ ।

# ରଥ ମଣ୍ଡଣୀ

ଦିଲ୍ଲୀପ କୁମାର ସାହୁ





ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଏବେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ରଥଖଳାରେ । ଶିଳ୍ପୀ, ଚିତ୍ରକର, ରୂପକାରମାନେ ମନ ଧ୍ୟାନ ଦେଇ ଲାଗିପଡିଛନ୍ତି ନିଜନିଜ କାମରେ । କାଠ କାମ ସରିଗଲେ ରଥ ମାନଙ୍କର ଉପରିଭାଗକୁ ରଙ୍ଗିନ୍ ବସ୍ତ୍ର ଦ୍ୱାରା ମଣ୍ଡଣୀ କରାଯାଇଥାଏ । ସେହି ରଙ୍ଗ ରୁ ଚିହ୍ନି ହୁଏ କେଉଁ ରଥ କେଉଁ ଦିଅଁଙ୍କର । ତିନି ରଥରେ ନାଲି ରଙ୍ଗର ବସ୍ତ୍ର ସହିତ, ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ହଳଦିଆ, ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ନୀଳ ଓ ଦେବୀ ରଥ ଦେବଦଳନରେ କଳା ରଙ୍ଗର ବସ୍ତ୍ର ମଣ୍ଡଣୀ ହୋଇଥାଏ ।ଏହି ବସ୍ତ୍ର ଗୁଡ଼ିକର ସିଲେଇ ଦାୟିତ୍ୱ ବହନ କରିଥାନ୍ତି ଦରଜୀ ସେବକମାନେ । ଚତୁର୍ଦ୍ଧା ମୂର୍ତ୍ତୀ ଅଣସର ଘରକୁ ଗଲେ ଆରମ୍ଭ ହୋଇଥାଏ ଏହି ଦରଜୀ ସେବକଙ୍କ ମଣ୍ଡଣୀ ସିଲେଇ କାମ । ସ୍ନାନ ପୂର୍ଣ୍ଣିମା ପରେ ଦିଅଁମାନେ ଏବେ ଅଣସର ଘରେ । ଆରମ୍ଭ ହୋଇଯାଇଛି ଦରଜୀ ସେବକଙ୍କ କାମ । ପାରମ୍ପରିକ ରୀତିନୀତି ରେ ଚାଲିଆସିଥିବା ମଣ୍ଡଣୀ ସିଲାଇ ରେ ଲାଗିପଡିଛନ୍ତି ସେମାନେ । ବଳଭଦ୍ରଙ୍କ ରଥ ତାଳଧ୍ୱଜ ପାଇଁ ୪୨୫ମିଟର ନାଲି ଓ ନୀଳ ରଙ୍ଗର କପଡ଼ା ଲାଗୁଥିବା ବେଳେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ମଣ୍ଡଣୀ ପାଇଁ ବ୍ୟବହୃତ ହୋଇଥାଏ ୪୨୫ମିଟର ନାଲି ଓ ହଳଦିଆ ରଙ୍ଗର କପଡ଼ା । ସେହି ଭଳି ମାଆ ସୁଭଦ୍ରାଙ୍କ ରଥରେ ଲାଗିଥାଏ ୪୦୦ ମିଟର ନାଲି ଓ କଳା ରଙ୍ଗର କପଡ଼ା । ଏହି ମଣ୍ଡଣୀ ବସ୍ତ୍ର ସିଲାଇ ପାଇଁ ଯେଉଁ ମୁଖ୍ୟ ଦରଜୀ କାର୍ଯ୍ୟ କରନ୍ତି ସେ ଜଣେ ଶାଢ଼ୀ ବନ୍ଧା ସେବକ । ତାଙ୍କୁ ସାହାଯ୍ୟ କରିଥାନ୍ତି ଏଗାରଜଣ ସହକାରୀ ଦରଜୀ ସେବକ । ଦରଜୀ ସେବକ ମାନେ ରଥ ମାନଙ୍କର ମଣ୍ଡଣୀ ବସ୍ତ୍ର ସହ ରଥ ମାନଙ୍କର ଘେର ବସ୍ତ୍ର ଓ ଚାନ୍ଦୁଆ ଆଦି ମଧ ସିଲାଇ କରିଥାନ୍ତି । ସେଥିପାଇଁ ପ୍ରାୟ ଚାରିଶହ ମିଟର କପଡ଼ା ଲାଗିଥାଏ । ସେଥିରେ କପଡ଼ାର ବିଭିନ୍ନ କଳା କୃତି ଯୋଡ଼ି ସେଗୁଡିକୁ ଖୁବ୍ ଆକର୍ଷଣୀୟ କରିଥାନ୍ତି ସେମାନେ ,ଯେଉଁଥିପାଇଁ ରଥ ଗୁଡିକ ଦୂରରୁ ଖୁବ୍ ସୁନ୍ଦର ଦେଖାଯାଆନ୍ତି ।

ଜୟ ଜଗନ୍ନାଥ

# ମେଦ ହ୍ରାସ ପାଇଁ ସ୍କିପିଙ୍ଗ

ଦଉଡ଼ିଡିଆଁ ବା ସ୍କିପିଂ ଏକ ଉତ୍ତମ ବ୍ୟାୟାମ । ଏହା ଦ୍ୱାରା ଅଧିକ କାଲୋରି ଖର୍ଚ୍ଚ ହେବା ସହ ମେଦ ନଷ୍ଟ ହୁଏ । ହୃତପିଣ୍ଡ ଓ ଫୁସଫୁସର କାର୍ଯ୍ୟ-କ୍ଷମତା ବଢ଼େ । ପେଣ୍ଡା ଶକ୍ତିଶାଳୀ ହୁଏ । ପ୍ରଥମେ ଦୁଇ ଗୋଡ଼ରେ ଡେଇଁ ସ୍କିପିଂ ଅଭ୍ୟାସ କରନ୍ତୁ । ପ୍ରଥମ ପନ୍ଦର ଦିନ, ଦୈନିକ ପନ୍ଦର ମିନିଟ୍ ଯେତେ ସଂଭବ ଅଭ୍ୟାସ କରନ୍ତୁ । ତାହା ପରେ ଆଉ ପନ୍ଦର ଦିନ, ଥରକେ ତିରିଶ ସେକେଣ୍ଡ ପରେ ଦଶ ସେକେଣ୍ଡ ବିଶ୍ରାମ, ଏହି ପରି କରନ୍ତୁ । ତାହା ପରେ ତିରିଶ ଦିନ, ଥରକେ ନବେ ସେକେଣ୍ଡ ପରେ ତିରିଶ ସେକେଣ୍ଡ ବିଶ୍ରମ, ଏହି ପରି ଆଠ ସେଟ୍ ଅଭ୍ୟାସ କରନ୍ତୁ । ଏହି ହାରରେ ବଢ଼ାଇ ଆଠ ମାସ ଭିତରେ ଥରକେ ତିନି ମିନିଟ୍ ଡେଇଁ, ଏକ ମିନିଟ ବିଶ୍ରାମ ସହ ଆଠ ସେଟ୍ ଅଭ୍ୟାସ କରନ୍ତୁ । ସ୍କିପିଂ ପରେ ଥରକେ ଯେତେ ସଂଭବ ପୁସ୍-ଅପ୍ ପାଞ୍ଚ ସେଟ୍ ମାରନ୍ତୁ । ସପ୍ତାହରେ ପାଞ୍ଚ ଦିନ ଏହା ଅଭ୍ୟାସ ସହ ଖାଦ୍ୟ-ପାନୀୟ ବାବଦରେ ସତର୍କତା ଅବଲମ୍ବନ କଲେ ଆଠ ମାସରେ ଓଜନ ପନ୍ଦର-ଅଠର କିଲୋଗ୍ରାମ କମିବ । ଆରାମଦାୟକ ଜୋତା ପିନ୍ଧି, ଧୂଳି ଉଠୁ ନଥିବା ସ୍ଥାନରେ ସ୍କିପିଂ କରନ୍ତୁ । ଏଥିପାଇଁ ଉଚ୍ଚ ମାନର ସ୍କିପିଂ ରୋପ୍ ବ୍ୟବହାର କରନ୍ତୁ । ଖଞ୍ଜାରେ ସମସ୍ୟା, ହାର୍ନିଆ, ପ୍ରୋସ୍ଟେ୍ରଟ୍, ହୃଦରୋଗ ଆଦି ଥିଲେ, ଚିକିତ୍ସକଙ୍କ ପରାମର୍ଶ ବିନା ସ୍କିପିଂ କରିବେନାହିଁ ।



# ଗ୍ରୀନ୍ ଟି'ରେ ମିଶାଇ ପିଅନ୍ତୁ ଏହିସବୁ ଜିନିଷ: କ୍ୟାନ୍ସର ପରି ରୋଗରୁ ମିଳିବ ମୁକ୍ତି

ଆଜିକାଲିର ବ୍ୟସ୍ତବହୁଳ ଜୀବନ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ କାରଣକୁ ଅଧିକାଂଶ ଲୋକଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ । ଯାହାକି ତାଙ୍କୁ ଅନେକ କଷ୍ଟ ଦେବା ସହ କିଛି ଲୋକଙ୍କର ମୃତ୍ୟୁ ମଧ ହୋଇଥାଏ । ତେବେ ବର୍ତ୍ତମାନର ସମୟରେ ମଧୁମେହ, ବେଦବହୁଳତା ହୃଦଘାତ ଏବଂ କ୍ୟାନ୍,ର ପରି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାର ଲାଗିଛି । ଯାହାକି ଶରୀର ପ୍ରତି ବହୁତ କ୍ଷତିକାରକ ହୋଇଥାଏ । ତେଣୁ ଏହିସବୁ ସମସ୍ୟା ଖାସ୍ କରି କ୍ୟାନ୍ସର ପରି ରୋଗଠାରୁ ଦୂରେଇ ରହିବା ପାଇଁ ଏପରି କିଛି ଜିନିଷ ଅଛି ଯାହାକୁ ସେବନ କରିବା ଉଚିତ୍ । ଫଳରେ ଏହା ଆମକୁ ସୁସ୍ଥ ରଖିବା ସହ ରୋଗମୁକ୍ତ ମଧ ରଖିଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଗ୍ରୀନଟିରେ କଣ ସବୁ ମିଶାଇ ସେବନ କରିବା ଉଚିତ୍ । ଯାହାଦ୍ୱାରା କ୍ୟାନ୍ସର ପରି ସମସ୍ୟାରୁ ମଧ ମୁକ୍ତି ମିଳିପାରିବ ।

ଅଦା : ଅଦା ଓଏପରି ଏକ ଜିନିଷ , ଯାହାର ବ୍ୟବହାର ଖାଦ୍ୟର ସ୍ୱାଦ ବଢାଇବା ପାଇଁ କରାଯାଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଯଦି ଏହା ଗ୍ରୀନ୍ ଟି ସହିତ ମିଶ୍ରିତ ହୁଏ, ତେବେ ଏହା ଅନେକ ଉପାୟରେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ । ଫଳରେ ଆପଣ ଅନେକ କିଛି ସମସ୍ୟାରୁ ମୁକ୍ତି ପାଇ ପାରନ୍ତି । ଏହାର ସାହାଯ୍ୟରେ କେବଳ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ନାହିଁ, ବରଂ ଏହା କର୍କଟ ଭଳି ବିପଜ୍ଜନକ ଏବଂ ମାରାତ୍ମକ ରୋଗକୁ ମଧ ରୋକିଥାଏ । ତେଣୁ ଗ୍ରୀନଟିରେ ଅଦା ମିଶାଇ ସେବନ କରିବା ଉଚିତ୍ ।



୨. ପୁଦିନା ପତ୍ର ଏବଂ ଡାଲଚିନି : କିଛି ଲୋକ ଗ୍ରୀନ୍ ଟିରେ ପୁଦିନା ପତ୍ର ଏବଂ ଡାଲଚିନି ମିଶ୍ରମ କରିଥାନ୍ତି । କାରଣ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏଥିସହିତ ହଜମ ପ୍ରକ୍ରିୟାରେ ମଧ ଉନ୍ନତି କରିଥାଏ । ତେଣୁ ଏହାକୁ ଗ୍ରୀନଟିରେ ମିଶାଇ ସେବନ କରିବା ଦ୍ୱାରା ଏହା ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ଦେବା ସହ ଓଜନ ହ୍ରାସରେ ମଧ ସାହାର୍ଯ୍ୟ କରେ ।

୩. ଲେମ୍ବୁ : ଯଦି ଲେମ୍ବୁକୁ ଗ୍ରୀନ୍ ଟି ସହିତ ମିଶାଯାଏ ତେବେ ଏହାର ତିକ୍ତ ସ୍ୱାଦ ସାମାନ୍ୟ କମିଯାଏ ଏବଂ ଏହା ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧିରେ ମଧ ସାହାଯ୍ୟ କରିଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ ହୋଇଥାଏ । ଯଦି ଆପଣ ଅଧିକ ପ୍ରଭାବ ଚାହୁଁଛନ୍ତି ତେବେ ଗ୍ରୀନ ଟି କରିସାରିବା ପରେ ଶେଷରେ ଲେମ୍ବୁ ରସ ମିଶାନ୍ତୁ ।

# ଗିନିଜ୍ ୱାର୍ଲ୍ଡ ରେକର୍ଡରେ କଳାକାର

ଗିନିଜ୍ ୱାଲର୍ଡ ରେକର୍ଡରେ ସାମିଲ ସେହି ବ୍ୟକ୍ତିବିଶେଷ ହୁଅନ୍ତି ଯିଏ ଅସାଧାରଣ ହୋଇଥିବେ । ଗିନିଜ୍ ରେକର୍ଡରେ ନାଁ ସାମିଲ ହେବା ପରେ ସେ ବ୍ୟକ୍ତି ବା ମହିଳା ସର୍ବସାଧାରଣରେ ଜଣାଯାନ୍ତି । କିନ୍ତୁ ଆପଣ କ'ଣ ଜାଣିଛନ୍ତି କିଛି ଚର୍ଚ୍ଚିତ ଲୋକ ଏହି ରେକର୍ଡ ଲିଷ୍ଟରେ ଜଡ଼ିତ ବୋଲି ! ତେବେ ଆସନ୍ତୁ ଜାଣିବା ସହି ବହୁଚର୍ଚ୍ଚିତ ବା ବେଶ୍ ଜଣାଶୁଣା କଳାକାରଙ୍କ ବିଷୟରେ ଯେଉଁମାନେ ନିଜ କଳା ବଳରେ ଲୋକଙ୍କ ଭଲପାଇବାର ହକଦାର ହୋଇଛନ୍ତି ଓ ନିଜ କାମ ପାଇଁ ଗିନିଜ୍ ୱର୍ଲ୍ଡ ରେକର୍ଡର ତାଲିକାରେ ସାମିଲ ହୋଇଛନ୍ତି ।



## ସମୀର ଅନଜାନ

ଗୀତିକାର ସମୀର ଅନଜାନ୍ ବଲିଉଡ୍ ଇଣ୍ଡଷ୍ଟ୍ରୀର ବେଶ୍ ଜଣାଶୁଣା । ତେବେ ସମୀର ଅନ୍ୟ ଗୀତିକାରଙ୍କ ତୁଳନାରେ ସଂଖ୍ୟାଧିକ ଗୀତ ଲେଖି ଗିନିଜ୍ ୱାଲର୍ଡ ରେକର୍ଡରେ ସାମିଲ ହୋଇଛନ୍ତି । ସମୀରଙ୍କ ୩୦ ବର୍ଷର ଫିଲ୍ମି କ୍ୟାରିୟରେ ସେ ପାଖାପାଖି ୬୫୦ ଫିଲ୍ମରେ ୪୦୦୦ଗୀତ ଲେଖିଛନ୍ତି । ସମୀରଙ୍କୁ ପ୍ରତ୍ୟେକ ଫିଲ୍ମ ନିର୍ଦ୍ଦେଶକ ନିଜ ଫିଲ୍ମ ପାଇଁ ସବୁ ଗୀତ ଲେଖିବାକୁ କହୁଥିଲେ, ଏବେ କିନ୍ତୁ ର୍ୟାପରମାନଙ୍କ ପ୍ରବେଶ ଯୋଗୁ ଫିଲ୍ମରେ ସମୀରଙ୍କ ଗୀତ ଟିକେ କମିଯାଇଛି ଇଣ୍ଡଷ୍ଟ୍ରୀରେ ।

## ଜଗଦୀଶ ରାଜ



୧୯୨୮ରେ ବ୍ରିଟିଶ ଶାସନ ସମୟରେ ଅଭିନେତା ଜଗଦୀଶ ରାଜ ରାଗୋଧାରେ ଜନ୍ମଗ୍ରହଣ କରିଥିଲେ । ଜଗଦୀଶ ର୍ବିମୋଟ ୧୪୪ ଟି ଫିଲ୍ମରେ ପୋଲିସ ଚରିତ୍ରରେ ଅଭିନୟ କରିବା କାରଣରୁ ତାଙ୍କୁ ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଛି । ୮୫ ବର୍ଷ ବୟସରେ ଜଗଦୀଶ ଇହଲୀଳା ସମ୍ବରଣ କରିଥିଲେ ।

## ଅଭିଷେକ ବଚ୍ଚନ




ବଲିଉଡରେ ବି ଅମିତାଭ ବଚ୍ଚନଙ୍କ ସୁପୁତ୍ର ଅଭିଷେକ ବଚ୍ଚନ । ଫିଲ୍ମି କ୍ୟାରିୟର ସେତେ ସଫଳ ନ ହେଲେ ମଧ ଅଭିଷେକଙ୍କ ଫ୍ୟାନ ଫଲୋୟର୍ସ କିଛି କମ ନୁହନ୍ତି । ତେବେ ଏହି ମହାଶୟଙ୍କ ନା ଗିନିଜ ୱାଲର୍ଡ ରେକର୍ଡରେ ସାମିଲ କରାଯାଇଛି । ତେବେ ଅଭିଷେକଙ୍କୁ ଏହି ରେକର୍ଡରେ ସାମିଲ କରାଯାଇଛି । ତେବେ ଅଭିଷେକଙ୍କୁ ଏହି ରେକର୍ଡରେ ସାମିଲ କରିବାର କାରଣ ହେଉଛି ଅଭିଷେକ ୧୨ଘଣ୍ଟା ଭିତରେ ଅନ୍ୟ ସେଲିବ୍ରିଟିଙ୍କ ତୁଳନାରେ ସର୍ବାଧିକ ଥର ଜନସାଧାରଣଙ୍କ ସମ୍ମୁଖକୁ ଆସିଛନ୍ତି । ଏହା ବ୍ୟତୀତ ଅଭିଷେକ ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାଏଙ୍କୁ ବିବାହ କରି ମଧ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ସାରିଛନ୍ତି ।

## କପୁର ଫ୍ୟାମିଲି



ପିଢ଼ି ପରେ ପିଢ଼ି ଲଗାତାର ଚାରି ପିଢ଼ି ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଅଭିନୟ କରି ଆସୁଛନ୍ତି । କପୁର ପରିବାରର ସଦସ୍ୟ ଅଭିନୟ, ନିର୍ଦ୍ଦେଶନା ପ୍ରଯୋଜନା ଆଦି କ୍ଷେତ୍ରରେ ବଲିଉଡ୍ ସହିତ ଜଡ଼ିତ । ପୃଥିରାଜ କପୁର, କପୁର ପରିବାରର ପ୍ରଥମ ସଦସ୍ୟ ଯେ ହିନ୍ଦୀ ଫିଲ୍ମରେ କାମ କରିଥିଲେ । ୧୯୯୯ ମସିହାଡାରୁ ବଲିଉଡର କପୁର ପରିବାର ପାଖରେ ଲାର୍ଜେଷ୍ଟ ସ୍କ୍ରିନ୍ ଫ୍ୟାମିଲି ହେବାର ରେକର୍ଡ ରହିଛି ।

## କୁମାର ସାନୁ




କଣ୍ଠଶିଳ୍ପୀ ସାନୁ ଯେ ଫିଲ୍ମ ଫେୟାରଆୱାର୍ଡରେ ପାଞ୍ଚଥର ବେଷ୍ଟ ପ୍ଲେ ବ୍ୟାକ୍ ସିଙ୍ଗରର ଟାଇଟଲ ହାସଲ କରିଛନ୍ତି । କୁମାର ସାନୁ ହେଉଛନ୍ତି ଗୋଟିଏ ମାତ୍ର ଗାୟକ ଯେ ମାତ୍ର ଗୋଟିଏ ଦିନରେ ୨୮ଟି ଗୀତ ରେକର୍ଡ କରିଛନ୍ତି । ଗୀତ ରେକର୍ଡ କରି କୁମାର ସାନୁ ଗିନିଜ ୱାର୍ଲ୍ଡ ରେକର୍ଡରେ ନିଜ ନାଁକୁ ସାମିଲ କରିପାରିଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୬ ଜୁନ୍ ୨୦୨୩, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୀତି ବନାମ ବ୍ୟକ୍ତି...

କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ ଏହା ପାଇଁ ଅବଶ୍ୟ ବହନ କରିଛି ଗୌରବମୟ ମୁହୂର୍ତ୍ତ। ସଙ୍ଗେ ସଙ୍ଗେ ଏହା ମଧ୍ୟ ଦଳ ପାଇଁ ନେଇ ଆସିଛି କେତେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଯାହାକୁ ଦଳ ନିଶ୍ଚିତ ଭାବରେ ମନରେ ରଖି ହୃତ ଗୌରବକୁ ଫେରାଇ ଆଣିବା ନିମନ୍ତେ ଆଗାମୀ ଦିନଗୁଡ଼ିକରେ କାମ କରିବା ଉଚିତ୍। ତେବେ କଂଗ୍ରେସର ଅନ୍ୟତମ ପୁରୋଧା ରାହୁଲ ଗାନ୍ଧୀ ସମ୍ଭବତଃ ଏହାକୁ ପାସୋରି ଯାଉଛନ୍ତି। କହିବାର କାରଣ, ନିଜର ବିଦେଶ ଗସ୍ତ କାଳରେ ସେ ବିରୋଧୀ ଦଳର ଜଣେ ନେତା ଭାବରେ ଦେଶର ସରକାରର ମୁଖ୍ୟଙ୍କ ନୀତିଗୁଡ଼ିକରେ ରହିଥିବା ଦୋଷ ତ୍ରୁଟିକୁ ଦର୍ଶାଇବା ପରିବର୍ତ୍ତେ ସରକାରୀ ଦଳର ମୁଖ୍ୟଙ୍କର ବ୍ୟକ୍ତିତ୍ୱ ବିରୁଦ୍ଧରେ ବିଷୋଦ୍‌ଗାର କରିବାରେ ଲାଗିଛନ୍ତି। ପରିଣତିରେ ବିଶେରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କର ଶାସନ ସମ୍ବନ୍ଧରେ ପୁନର୍ବାର ରାହୁଲଙ୍କ ଅରୁଚିକର ମନ୍ତବ୍ୟଗୁଡ଼ିକୁ ନେଇ ଉଭୟ କଂଗ୍ରେସ ଦଳ ଏବଂ ବିଜେପି ଆଉ ଏକ ପର୍ଯ୍ୟାୟର ନିଷ୍ଫଳ ଆତ୍ମପରାଜୟକାରୀ ମୌଖିକ ଆରୋପ ପ୍ରତ୍ୟାରୋପରେ ମାତିଛନ୍ତି। ଏଥିରେ ବିଜେପିକୁ କଦାଚିତ୍ କିଛି ଦୋଷ ଦିଆଯାଇ ପାରିବ, କାରଣ ଏହାର ମୁକୁଟ ବିହୀନ ରାଜା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଜଣେ ବିରୋଧୀ ଦଳ ନେତା ଯେତେବେଳେ ଶାଣିତ ବାକ୍ୟବାଣ ପ୍ରୟୋଗ କରୁଛନ୍ତି, ସେତେବେଳେ ଏହା ନିଜକୁ ରକ୍ଷା କରିବାପାଇଁ କିଛି କହିବା ତ ସ୍ୱାଭାବିକ କଥା। କିନ୍ତୁ ନିଜର ରାଜନୀତିକ ଶତ୍ରୁ ଯିଏକି ଦେଶପ୍ରେମର 'ଲକ୍ଷ୍ମଣ ରେଖା' ଅତିକ୍ରମ କରୁଥିବା କହି ବ୍ୟକ୍ତିଗତ ଭାବରେ ତାଙ୍କୁ ଆକ୍ଷେପ କରୁଥିବା କଂଗ୍ରେସ ନିଜେ ପ୍ରଥମେ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି। ଏଭଳି ଆକ୍ରମଣ ଯେଉଁ ରାଜନୀତିକ ମୂଲ୍ୟ ବହନ କରୁଛି, ତାହା ଢ଼େର ଅଧିକ ଏବଂ ଆଗକୁ ଆସୁଛି ୨୦୨୪ ସାଧାରଣ ନିର୍ବାଚନ ଯେତେବେଳେ କି ଯେଉଁ ଦଳ ଏ କାର୍ଯ୍ୟ କରୁଥିବ, ତାକୁ ତାର ମୂଲ୍ୟ ଦେବାକୁ ପଡ଼ିବ। ନିଃସନ୍ଦେହରେ, ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଭଳି ରାଜନୀତିକ ନେତାମାନଙ୍କର ମଧ୍ୟ ବ୍ୟକ୍ତିଗତ ମତାମତ ରହିପାରେ। ତେବେ ଅନ୍ୟମାନଙ୍କଠାରୁ ଯାହା ସେମାନଙ୍କୁ ଏ କ୍ଷେତ୍ରରେ ଭିନ୍ନ କରିଥାଏ, ତାହା ହେଉଛି – ସେମାନଙ୍କର ବ୍ୟକ୍ତିଗତ ସମ୍ପୃକ୍ତି ସମେତ ତାଙ୍କ ବିରୋଧରେ ଆଗତ ଅନ୍ୟ ସବୁ ପ୍ରକାରର ଅଭିଯୋଗକୁ ସଫଳତାର ସହିତ ସାମନା କରିପାରିବେ। ଅଧିକନ୍ତୁ, ରାଜନୀତିକ ସ୍ତରରେ ମଧ୍ୟ ଆକ୍ଷେପଗୁଡ଼ିକ ନୀତିଗତ ନିଷ୍ପତ୍ତି ଗୁଡ଼ିକ ଉପରେ ହେବା ଉଚିତ୍, ବ୍ୟକ୍ତିତ୍ୱ ଉପରେ ନୁହେଁ। ସାମ୍ପ୍ରତିକ ସରକାରଙ୍କ ଅଧୀନରେ ଦେଶର ପ୍ରଗତିକୁ ନେଇ ବିରୋଧୀ ଦଳମାନଙ୍କର ହୁଏତ ଭିନ୍ନ ମତ ଥାଇପାରେ, ଲୋକମାନଙ୍କର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ଅର୍ଥନୀତିକୁ ନେଇ ତଥା ପୁଙ୍ଖାନୁପୁଙ୍ଖ ଯାଂଚ ଆବଶ୍ୟକ କରୁଥିବା ଅମଲାତନ୍ତ୍ରର ଦୋଷ ତ୍ରୁଟିକୁ ନେଇ ବେଶ୍ କେତେକ ପ୍ରସଙ୍ଗ ରହିଥାଇପାରେ। ଏଭଳି ପ୍ରସଙ୍ଗଗୁଡ଼ିକରୁ ବଡ଼ ଧରଣର ଫାଇଦା ଉଠାଇବା ପାଇଁ ବିରୋଧୀ ଦଳମାନେ କସରତ କରିପାରନ୍ତି। କିନ୍ତୁ ଯେଉଁ ମୁହୂର୍ତ୍ତରେ ସେମାନେ ଏହାକୁ ବ୍ୟକ୍ତିଗତ ସ୍ତରକୁ ଖସାଇ ଆଣନ୍ତି, ସେଇ ସମୟରେ ସେମାନେ ତାଙ୍କର ବିରୋଧୀଙ୍କ କବଜାକୁ ଚାଲି ଯାଇଥାନ୍ତି। ମନେହୁଏ, କଂଗ୍ରେସ ଦଳ ଏବଂ ରାହୁଲ ଗାନ୍ଧୀ ନିଜେ ତଥା ଅନ୍ୟ କେତେକ ନେତା କର୍ଣ୍ଣାଟକର ଜନମତରୁ ଖୁବ୍ କମ୍ ଶିକ୍ଷାଲାଭ କରିଛନ୍ତି, ଯେଉଁଠି ନିର୍ବାଚନ ଅଧିକତଃ ଏଇ ଧାରାରେ ହିଁ ନିକଟ ଅତୀତରେ ସମ୍ପନ୍ନ ହୋଇଛି। ସେ ନିର୍ବାଚନରେ ପ୍ରକୃତରେ କଣ ହୋଇଥିଲା ? କଂଗ୍ରେସ ଦଳ ଯେତେବେଳେ ସେଠାକାର ପୂର୍ବ ସରକାରଙ୍କ ଦୁର୍ନୀତି ଏବଂ ସମ୍ବଳର ଉପଲବ୍ଧତା ସତ୍ତ୍ୱେ ଲୋକଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ବିଫଳତାକୁ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ଭଳି ପ୍ରଚାର ଚଳାଇଥଲା, ବିଜେପି ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ଉପରେ ବ୍ୟକ୍ତିଗତ ଭାବରେ ଆକ୍ରମଣ କରିବାର ଅସ୍ତ୍ରକୁ ବାଛିଥିଲା ଏବଂ ବିଭିନ୍ନ ମଂଚରେ ରାଜ୍ୟ ଓ ଏହାର ଲୋକମାନଙ୍କୁ ରାହୁଲ 'ଅପମାନିତ' କରିଥିବା କହି ନିଜ ପକ୍ଷକୁ ଆଣିବାର ଉଦ୍ୟମ କରିଥିଲା। ପରନ୍ତୁ, ଲୋକମାନେ କଂଗ୍ରେସକୁ ବହୁ ମତରେ ଜିତାଇ ପ୍ରମାଣିତ କରିଦେଲେ ଯେ ସେମାନଙ୍କ ପାଇଁ ସେମାନଙ୍କର ଜୀବନ ଜୀବିକା ଆଗରେ ଏସବୁ ମନଗଢ଼ା ମାନ ଅପମାନ କଥା କୁହାଯିବା ତୁଚ୍ଛ।

ବେଶ୍ ଦୀର୍ଘକାଳ ଧରି ଭାରତୀୟ ରାଜନୀତିକ ଶ୍ରେଣୀ ଭିତରେ ରହି ଆସିଥିବା ସାଧାରଣ ସଚେତନତା ହେଉଛି, ଦେଶ ଭିତରେ ସେମାନେ ପରସ୍ପରର ବିରୋଧୀ ରହିଲେ ସୁଦ୍ଧା, ଦେଶ ବାହାରେ ସେମାନେ ଜାତୀୟ ପ୍ରାଥମିକତା ଉପରେ ଗୁରୁତ୍ୱାରୋପ କରିଥାନ୍ତି। ବ୍ୟକ୍ତିଗତ ମାନ ମନାନ୍ତର ବା ମତାନ୍ତରକୁ ସେମାନେ କିପରି ବାହାରେ ପ୍ରକାଶ ନ କରିବେ, ସେ ବାବଦରେ ସେମାନେ ଢ଼େର ସତର୍କତା ଅବଲମ୍ବନ କରିଥାନ୍ତି। କହିବା ବାହୁଲ, ଏହା ଏକ ଅଲିଖିତ ନିୟମ। କିନ୍ତୁ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଏଇ ନିୟମ ପ୍ରତି କ୍ୱଚିତ୍ କୌଣସି ସମ୍ମାନ ପ୍ରଦର୍ଶନ କରୁଛନ୍ତି। ବିଦେଶରେ ଥିବା ବେଳେ ବିରୋଧୀମାନଙ୍କ ମତ ବ୍ୟକ୍ତ କରିବାକୁ ତାଙ୍କର ଅଧିକାର ନାହିଁ ବୋଲି କେହିକହୁନାହାନ୍ତି, କିନ୍ତୁ ସେ ଏହାକୁ ଏକ ପକ୍ଷପାତିତାର ସ୍ତରକୁ ନେଇ ଯାଉଛନ୍ତି, ବରଂ ତା'ଠୁ ବଳି ବ୍ୟକ୍ତିଗତ ସ୍ତରକୁ ନେଇ ଯାଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଏହାର ପରିଣତି ସେପରି ବିଶେଷ କିଛି ଲାଭଦାୟକ ହେବାର ସମ୍ଭାବନା କ୍ଷୀଣ।

## ଧୈର୍ଯ୍ୟଚ୍ୟୁତ ବିଦ୍ୟାର୍ଥୀ: ଆତ୍ମହତ୍ୟା ପ୍ରବଣତା

### ପ୍ରଦୋଷ କୁମାର ଦାସ

ଚଳିତ ବର୍ଷ ଆନ୍ଧ୍ର ପ୍ରଦେଶର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଗୋଟିଏ ଦିନରେ ବିଭିନ୍ନ ସ୍ଥାନରେ ଏକକାଳୀନ ୧୦ ଛାତ୍ର ଛାତ୍ରୀ ନିଜର ଅଭିଳାଷିତ ସଫଳତା ହାସଲ କରିନପାରିବାରୁ ଆତ୍ମହତ୍ୟା ଭଳି ଦୁଃଖଦ ପନ୍ଥାକୁ ବାଛିନେଇଥିବା ପ୍ରକାଶ। ଏହି ପରି ଅଘଟଣ ଆମ ଦେଶ ତଥା ସାରା ବିଶ୍ୱରେ ମଧ ବିଭିନ୍ନ ପରୀକ୍ଷା ରେ ମନୋବାଞ୍ଛିତ ଫଳ ହାସଲ କରିପାରୁନଥିବା ତଥା ବିଶାଦ କାରଣରୁ ଧୈର୍ଯ୍ୟ ଚ୍ୟୁତ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପ୍ରତି ବର୍ଷ ଓ ପ୍ରତି ସମୟ ଘଟିଚାଲିଛି। ଆମ ରାଜ୍ୟ ଓଡ଼ିଶାରେ ମଧ ଏହିପରି ଅଘଟଣ ଘଟୁଛି।

ଭାରତରେ ଦୁର୍ଘଟଣା ଓ ଆତ୍ମହତ୍ୟା ମୃତ୍ୟୁ (ଏ ଡି ଏସ୍ ଆଇ) ତଥ୍ୟ ଅନୁଶୀଳନ କରୁଥିବା 'ଏନ୍ ସି ଆର ବି 'ର ରିପୋର୍ଟ ଅନୁଯାୟୀ ଆମ ଦେଶର ଗୁଜରାଟ ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଆତ୍ମହତ୍ୟା କରିଥିବା ପ୍ରକାଶ। ଦୁଃଖର ବିଷୟ, କେବଳ ଗତ ୨୦୨୨ ମସିହାରେ ୭ ଜଣ ମେଡିକାଲ ଛାତ୍ରଙ୍କ ସମେତ ଗତ ୩ ବର୍ଷ ମଧ୍ୟରେ ଅନ୍ୟାନ୍ୟ ୩ ଜଣ ଛାତ୍ର ମଧ ଆତ୍ମହତ୍ୟା ପନ୍ଥାକୁ ବାଛି ନେଇ ଅକାଳରେ ମୃତ୍ୟୁ ବରଣ କରିଥିଲେ। ନିକଟରେ ଆଇଆଇଟି ବମ୍ବେ ର ଦର୍ଶନ ଶୋଲାଙ୍କି ନାମକ ମେଧାବୀ ଛାତ୍ର ଆତ୍ମ ହତ୍ୟା କରିଥିବା ଉଦ୍ବେଗର ବିଷୟ ଅଟେ।

ଜୀବନ ସାରା ଆମକୁ ଅନେକ ପ୍ରକାର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଛାତ୍ର ଛାତ୍ରୀ ମାନେ ବିଦ୍ୟାର୍ଥୀ ହିସାବରେ ଶୈଶବରୁ କିଶୋର ଓ ଯୁବା ଅବସ୍ଥା ଅତିକ୍ରମ କରିବା ସହିତ ସେମାନଙ୍କୁ ଶ୍ରେଣୀ ପରେ ଶ୍ରେଣୀ ପରୀକ୍ଷାକୁ ସଫଳତାର ସହିତ ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିରେ ଅବଶ୍ୟ ଚାପ ରହିଥାଏ। ଏହି ଚାପକୁ ସେ ଆହ୍ୱାନ ଭାବେ ଗ୍ରହଣ କରି ଆଗକୁ ବଢ଼ିବା ବିଧେୟ। ବିଭିନ୍ନ କ୍ୟାରିୟର ଗଠନ ପରୀକ୍ଷରେ ଅସଫଳ ହୋଇଗଲେ ଧୈର୍ଯ୍ୟ ଚ୍ୟୁତ ବିଦ୍ୟାର୍ଥିମାନେ ତତ୍କାଳ ନିରାଶ୍ୱାଦୀ ହୋଇ ପଡିଥାନ୍ତି। ହିତାହୀତ ଜ୍ଞାନ ଭୂଲି ଅବିଳମ୍ବେ ଆତ୍ମହତ୍ୟା ପନ୍ଥାକୁ ବାଛି ନେଇ ଅକାଳରେ ସଂସାର ବୃକ୍ଷରୁ ଝଡିପଡନ୍ତି। ଏହି ଦାରୁଣ ଦୁଃଖକୁ ଶୋକାକୁଳ ଜନ୍ମଦାତା ପିତା ମାତା, ପରିବାର, ପ୍ରିୟ ପରିଜନ କିପରି ସହ୍ୟ କରି ସେମାନଙ୍କର ବାକି ଜୀବନକୁ ସମ୍ଭାଳିବେ କିପରି ବୋଲି ସମୟ ପୂର୍ବରୁ ଏହି ହୃଦୟହୀନ ବିଦ୍ୟାର୍ଥୀଙ୍କୁ ବିଚାର କରିବା ଜରୁରୀ।

ସାମ୍ପ୍ରତିକ ସମୟରେ ବିଦ୍ୟାର୍ଥୀ ମାନେ ବିଦ୍ୟା ଅର୍ଜନ ଅବସରରେ ଆପଣା କ୍ଷମତା ବାହାରେ ଅଯଥା ଚାପଗ୍ରସ୍ତ। ପ୍ରତିଦ୍ୱନ୍ଦିତା ଓ ପ୍ରତିଯୋଗିତା ମାନସିକଧାରୀ ବିଦ୍ୟାର୍ଥୀ ମାନେ ଅତ୍ୟଧିକ ଉଚ୍ଚାଭିଳାଷିତ। ପରିବାର ଓ ପରିସ୍ଥିତିର ତାଡନାରେ ଅସହିଷ୍ଣ ଚାପଗ୍ରସ୍ତ ବିଦ୍ୟାର୍ଥୀ ଟିଏକୁ ସୁସ୍ଥ ପରିବେଶ ପ୍ରଦାନ ମଧ ଜରୁରୀ। ଆବଶ୍ୟକ ଉଚ୍ଚାଭିଳାଷ ରଖି ପରୀକ୍ଷାରେ ଯଦି ଉତ୍ତୀର୍ଣ୍ଣ ହୋଇ ନପାରିଲେ, ଅଧୈର୍ଯ୍ୟ ବିଦ୍ୟାର୍ଥୀ ଟିକୁ ଏହା ତା'ର ବୋଧେ ଶେଷ ପର୍ଯ୍ୟାୟ ବୋଲି ମନେ ହୋଇଥାଏ। ଯାହା ତାର ନିପାରିଲା ପଣିଆକୁ ସାବ୍ୟସ୍ତ କରିଦେଲା ବୋଲି ସେ ବିବେଚନା କରିଥାଏ। ହେଲେ ଏହି ଅସଫଳତା ତାର ଏକ ସୋପାନ ମାତ୍ର। ଏହା ତାର ଆଗାମୀ ପରୀକ୍ଷା ରେ ସଫଳତା ହାସଲର ଚାବି କାଠି, ଏହାକୁ ପରୀକ୍ଷା ଅସଫଳ ବିଦ୍ୟାର୍ଥିମାନେ ହୃଦୟଙ୍ଗମ କରିବା ଜରୁରୀ।

ଏବେ ପ୍ରତ୍ୟେକ ଦିନ ଆତ୍ମହତ୍ୟା ପ୍ରସଙ୍ଗ ବିଭିନ୍ନ ଗଣମାଧ୍ୟମରେ ପଢି ଜାଣି ଅସହାୟ ଲାଗୁଛି। ଜୀବନର ସାର୍ଥକତା ଆତ୍ମହତ୍ୟା ନୁହେଁ।

ଧୈର୍ଯ୍ୟ ଅଟେ ସବୁରି ଜୀବନର ଅମୂଲ୍ୟ ସମ୍ପଦ। ଜୀବନର ମାନ ଓ ମର୍ଯ୍ୟାଦା ତଥା ସୁରକ୍ଷା ପାଇଁ ଏହି ଧୈର୍ଯ୍ୟ ପରଷମଣି ସଦୃଶ ଅଟେ। ଧୈର୍ଯ୍ୟହରା ମଣିଷଟିଏ ଜ୍ଞାନ ଥାଇ ଅଜ୍ଞାନୀ ସମାନ ତଥା ବୁଦ୍ଧି ଥାଇ ମଧ ନିର୍ବୁଦ୍ଧିଆ ସମାନ ହୋଇଯାଇ ଶେଷରେ ରାଗରୋଶର ଶିକାର ହୋଇ ବିବେକର ପଥ ହୁଡି ଥାଏ।

ସାମ୍ପ୍ରତିକ ସମୟରେ ଆମ ସମାଜରେ ସଂଖ୍ୟା ଗରିଷ୍ଠ ମଣିଷ ବିବେକହରା ହୋଇ ଧୈର୍ଯ୍ୟ ଚ୍ୟୁତିର ଶିକାର ହେଉଥିବା ପ୍ରକାଶ। ଦୁଃଖର ବିଷୟ, ଅନେକ ଏପରି ଅଛନ୍ତି, ଯେଉଁ ମାନେ ନିଜର ସ୍ଥାନକାଳପାତ୍ର ବିବେଚନା ନକରି ଟିକିଏ ଟିକିଏ କଥାରେ ଅପରପକ୍ଷକୁ ନିଚ୍ଚା ଦେଖାଇ କଥା ହୁଡିବାରେ ମଧ ଅନୁଶୋଚନା କରିନଥାନ୍ତି । ଏହା କ'ଣ ସୁସ୍ଥ ଓ ସୁଖି ତଥା ସମୃଦ୍ଧ ଜୀବନର ସଂଜ୍ଞା ?

ଜୀବନ ଜୀବନମୟ ହେଲେଯାଇ, ସାରା ସଂସାର, କ'ଣ, ସାରା ସରଗ ମଧ ସୁନ୍ଦର ଲାଗେ। ଶତ ସିଂହର ବଳ ଓ କଳରେ ସକଳ କ୍ଷେତ୍ରକୁ ସମୁଚିତ ବୁଝିବା ମଧ ସହଜ ଲାଗେ। ଏତଦ୍ୱାରା ମନ ପ୍ରାଣ, ଶରୀରରେ ଜୀବନୀ ଶକ୍ତି ଧୀର ସମୀର ସମାନ ସଂଚରି ଯାଇ ପ୍ରତିଟି ସମୟକୁ ଆପ୍ୟାୟିତ କରି ଦେଇଥାଏ। ଜୀବନ ଜିଇଁ ବାର କଳା ହାସଲ ପାଇଁ ଆମକୁ ସାଧମତେ ପ୍ରତିଟି ପରିସ୍ଥିତିରେ ସୃଷ୍ଟ ଆହ୍ୱାନକୁ ସମ୍ମୁଖୀନ ହେବା ଜରୁରୀ। ଏଥିରେ ଆମକୁ ସମତା ଜ୍ଞାନ ଓ ଆବଶ୍ୟକ ଧୈର୍ଯ୍ୟ ରଖି ଉପସ୍ଥିତ ସମୟର ସଦୁପଯୋଗ କରିବା ବିଧେୟ। ଏଥିପାଇଁ ଆମକୁ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ସକରାତ୍ମକ ଚିନ୍ତାଧାରା ପରିପୋଷଣ କରାଇବା ନିହାତି ଆବଶ୍ୟକ।

ଆମେ ବଡମାନେ , ବୁଦ୍ଧିମାନେ ଉପରୋକ୍ତ ବିଷୟକୁ ଧୈର୍ଯ୍ୟ ସହକାରେ ବିବେଚନା କରିବାର ସମୟ ଆସିଛି। ଆମରି ପିଲାଙ୍କୁ ସହଜ ସାବଲୀଳ ଉପାୟରେ ଜୀବନ ବଞ୍ଚିବାର କଳା ଯତପରୋନାସ୍ତି ଶିଖାଇବାକୁ ପଡ଼ିବ। ବିଦ୍ୟାର୍ଥୀମାନେ ପୋଥି ଜ୍ଞାନ ଅର୍ଜନ କରିବା ଅବସରରେ ଆବଶ୍ୟକ ବ୍ୟବହାରିକ ଜ୍ଞାନ ଅର୍ଜନ କରିବାର କ୍ଷେତ୍ର ପ୍ରସ୍ତୁତ କରି ଏଥିରେ ନିଜକୁ ସେମାନଙ୍କ ସହିତ ସହଭାଗୀ ହେବା ନିହାତି ପ୍ରାସଙ୍ଗିକ ଅଟେ। ନିରନ୍ତର ବିଦ୍ୟାଧ୍ୟୟନ ସହ ସରଳ ଜୀବନ ଚର୍ଯ୍ୟା ଆପଣାଇବାରେ ସେମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ସହ ଏ ଦିଗରେ ଆବଶ୍ୟକ ଅନୁପ୍ରାଣିତ କରିବା ମଧ ଜରୁରୀ ।

ବିଦ୍ୟାର୍ଜନ ସହ କର୍ତ୍ତବ୍ୟ କର୍ମ ସାଧନ ହାସଲ ଅବସରରେ ନିଜକୁ ବିଦ୍ୟାର୍ଥୀ ଦୃଢ଼ ଇଚ୍ଛାଶକ୍ତି ସହିତ ବାସ୍ତବବାଦୀ ହେବା ନିହାତି ଜରୁରୀ। ଉଚ୍ଚାଭିଳାଷୀ ବିଦ୍ୟାର୍ଥୀ ବେଳେ ବେଳେ ଅଭିଳାଷିତ ମନୋବାଞ୍ଛା ଅପୁରଣୀୟ ରହିତ ହୋଇଗଲେ ନିରାଶାବୋଧର ଶିକାର ହୋଇ ଆତ୍ମହତ୍ୟା ପ୍ରବଣତା ଆଡ଼କୁ ତଡିତ ବେଗରେ ଧାବମାନ ହୋଇ ନକରାତ୍ମକ ଘଟଣାଟିଏ ଘଟାଇ ଦେଇଥାଏ। ଜୀବହାନୀ ହେଲେ ଆଉ ଜୀବନ ଲେଉଟେ ନାହିଁ। ଅସଫଳ ବିଦ୍ୟାର୍ଥୀଟିର ଏପ୍ରକାର ଧୈର୍ଯ୍ୟ ଚ୍ୟୁତିର ପରିଣାମ ପିତାମାତା ପରିବାରପରିଜନଙ୍କ ଉପରେ କିପ୍ରକାର ଦାରୁଣ ବେଦନା ଦେଇ ଶୋକାତୁର କରିଦେଇଥାଏ, ତାହାର ପୂର୍ନବାର ଫଳାଫଳକୁ ହତାଶବୋଧର ଶିକାର ବିଦ୍ୟାର୍ଥୀ ଟିଏକୁ ବିବେଚନା କରିବା ସର୍ବାଦୌ। କର୍ମଣୀୟ। ସଂସାରରେ ଜନ୍ମ ହେବାପରେ ଏହି ଇହ ସଂସାରରେ ଆପଣା ଜନ୍ମ କୁ ନିଜର ଆବଶ୍ୟକ କର୍ତ୍ତବ୍ୟ କର୍ମ ସମ୍ପାଦନ ମାଧ୍ୟମରେ ସାର୍ଥକ କରିବାରେ ବିଦ୍ୟାର୍ଥିମାନେ ଆବଶ୍ୟକ ନୈତିକ ଓ ସାମାଜିକ ନ୍ୟାୟକୁ ସାକାର କରିବା ଜରୁରୀ। କାରଣ ମାନବୀୟ ସୁରକ୍ଷା ଓ ସମୃଦ୍ଧ ସମାଜ ଗଠନ ପାଇଁ ବିଦ୍ୟାର୍ଥୀଙ୍କର ସାମୁହିକ ଗଠନମୂଳକ ସହଯୋଗ ଓ ସହକାରିତା ଅପରିହାର୍ଯ୍ୟ। ଆତ୍ମହତ୍ୟା ପ୍ରବଣତା ଅଟେ ଅବିବେକିତା । ଏ ଦିଗରେ ଏକାନ୍ତ ଆତ୍ମଚିନ୍ତନ ଜରୁରୀ।


+ସ୍ତମ୍ଭକାର,ନାଚୁଣୀ, ଖୋର୍ଦ୍ଧା
ଖୋର୍ଦ୍ଧା ପିନ୍ କୋଡ:-୭୫୨୦୩୪,
ମୋ:-୭୩୭୦୪୯୫୯୪୪


## ଆସନ୍ତୁ ଗଛଟିଏ ଲଗାଇବା: ପରିବେଶକୁ ସୁରକ୍ଷିତ ରଖିବା

### ସୁବାସ କୁମାର ତାରଣିଆଁ

ପିଲାବେଳେ ସ୍କୁଲ୍‌ରେ ପାଠ ପଢିଲା ବେଳେ ଜାଣିବାକୁ ପାଇଥିଲି ଜଣେ ବୁଢାଲୋକ ତାଙ୍କ ବଗିଚାରେ ଗଛଟିଏ ଲଗାଉଥିବାର ଦେଖି ତାଙ୍କର ନାତି ପ୍ରଶ୍ନ କରିଥିଲା, ଜେଜେ ଏ ଗଛ କାହିଁକି ଲାଗାଉଛ ! ଜେଜେଙ୍କର ଉତ୍ତର ଥିଲା, ଏ ଗଛଟି ଦିନେ ଛୋଟରୁ ବଡ଼ ହେବ, ବଡ଼ ହେଲେ ଫଳ ଫଳିବ, ଛାଇ ଦେବ ଓ ଅମ୍ଳଜାନ ପ୍ରଦାନ କରିବ ଯାହା ନିଶ୍ୱାସ ପ୍ରଶ୍ୱାସ ନେବାରେ ସହାୟକ ହେବ। ନାତିଟି ପୁଣି ପ୍ରଶ୍ନ କରିଥିଲା, ଜେଜେ ବଡ଼ ହୋଇ ଫଳ ଫଳିବା ବେଳକୁ ତ ତମେ ଆଉ ବଞ୍ଚି ନଥିବ ? ଜେଜେ ପୁଣି ଉତ୍ତର ଦେଇଥିଲେ, ମୁଁ ସିନା ବଞ୍ଚିନଥିବି, ହେଲେ ଏ ଗଛର ଫୁଲ ଓ ଫଳକୁ ମୋ ପୁଅ ଓ ନାତିନାତୁଣୀମାନେ ଉପଭୋଗ କରିବେ ! ଏଥର ପିଲାଟି ଜେଜେଙ୍କ ଗଛ ଲଗାଇବାର ରହସ୍ୟ ବୁଝିପାରିଥିଲା ଏବଂ ଜେଜେଙ୍କୁ ଗଛ ଲଗାଇବାରେ ସାହାଯ୍ୟ କରିଥିଲା। ସେହି ଗଛ ଦିନେ ବଡ଼ ହୋଇ ଫୁଲ ଫଳରେ ପରିପୂର୍ଣ୍ଣ ଦେଖି ଛୋଟରୁ ବଡ଼ ହୋଇଥିବା ଯୁବକଟି ମନେ ମନେ ଖୁସି ହୋଇଥିଲା ଓ ଗଛ ଲଗାଇବାର ମହତ୍ୱ ବୁଝିପାରିଥିଲା। ସେହିଦିନ ଠାରୁ ସେ ବିଭିନ୍ନ ପ୍ରକାର ଗଛ ଲଗାଇବା ପାଇଁ ଶପଥ ନେଇଥିଲା।

ଗଛ ଓ ମଣିଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ। ଆଦିମ କାଳରେ ମଣିଷମାନେ ଜଙ୍ଗଲରେ ବସବାସ କରୁଥିଲେ, ଗଛର ଫଳମୂଳ ଖାଇ ତୃଷ୍ଣା ମେଣ୍ଟାଉଥିଲେ, ଗଛର ବଳ୍‌କଳକୁ ପୋଷାକ ରୂପେ ବ୍ୟବହାର କରୁଥିଲେ। ସେଥିପାଇଁ ଗଛକୁ ମଣିଷର ପରମ ବନ୍ଧୁ ବୋଲି କୁହାଯାଏ। ଗଛ ବିନା ମଣିଷ ତଥା ଜୀବଜଗତ ବଞ୍ଚିବା ଅସମ୍ଭବ। ଗଛ ସହିତ ମଣିଷର ସମ୍ପର୍କ କେଉଁ ଯୁଗରୁ ରହିଆସିଛି। ଏହା ମନୁଷ୍ୟ ପାଇଁ ଏକ ଅମୂଲ୍ୟ ସମ୍ପଦ। ଗଛ ଆମକୁ ଫୁଲ ଦେଉଛି, ଫଳ ଦେଉଛି, ଛାଇ ପ୍ରଦାନ କରୁଛି। ଆମ ବାପା, ଅଜା ଅମଳରୁ ଲଗାଯାଇଥିବା ଗଛକୁ ଏବେ ମଧ ଆମେ ଉପଭୋଗ କରୁଛୁ ଓ ଆମ ପର ପୀଢି ମଧ ଉପଭୋଗ କରିଚାଲିବେ। ମୁଁ ମଧ ଗଛ ଉପରେ ଚଢିଛି, ତାର ଫଳ ଖାଇଛି, ଫୁଲ ଆଣିଛି, ତାର ଡ଼ାଳରେ ଖେଳିଛି ଏବଂ ତାକୁ ମଧ ବହୁ ଆଘାତ ଦେଇଛି। ଏସବୁ ସତ୍ତ୍ୱେ ସେ କେବେ ବି ମୋତେ ଆପତ୍ତି ଅଭିଯୋଗ କରିନାହିଁ କି ମୋ ଉପରେ ଅଭିମାନ କରିନି। ପୃଥିବୀରେ ଅନେକ ପ୍ରକାରର ଗଛ ଅଛି ସେଥିମଧ୍ୟରୁ କେତେକ ଦେବଯୋଗ୍ୟ ଗଛ ଓ ଆଉ କେତେକ ଔଷଧୀୟ ଗଛ। ବେଲ, ଅଁଳା, ଅଶ୍ୱ , ବଉଳ, ବର ଆଦି ଗଛମାନଙ୍କୁ ପୂଜା କରାଯାଉଥିବା ବେଳେ ଅନେକ ପ୍ରକାର ଗଛରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହେଉଛି। ଗଛର ଫୁଲ, ଫଳ ଓ ପତ୍ର ମଧ ବିଭିନ୍ନ ଦେବାଦେବୀଙ୍କୁ ଅର୍ପଣ କରାଯାଇଥାଏ। ନିମ୍ବ ଗଛରୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଦାରୁ ମଧ ତିଆରି ହୋଇଥାଏ। ଆମ ଦେଶ ଭାରତ ହେଉଛି ମୁନିଋଷିମାନଙ୍କ ଦେଶ, ଋଷି ପରମ୍ପରା ଆମର ଧର୍ମ। ଏହି ମୁନିଋଷିମାନେ ମଧ ଗଛ ତଳେ ବସି ଯୋଗ ସାଧନା କରିବା ସହିତ ଗଛର ପତ୍ର, ଫୁଲ, ଫଳ ଓ ଚେରରୁ ବିଭିନ୍ନ ପ୍ରକାର ଆୟୁର୍ବେଦ ଔଷଧ ତଆରି କରିଥାନ୍ତି ଏବଂ ଏହି ଔଷଧକୁ ବ୍ୟବହାର କରି ଲୋକମାନେ ଅନେକ ଦୂରାରୋଗ୍ୟରୁ ମୁକ୍ତି ପାଇଥାନ୍ତି। ଏବେ ବି ଭାରତରେ ବହୁ ଲୋକ ଏହି ଆୟୁର୍ବେଦ ଔଷଧ ବ୍ୟବହାର କରୁଛନ୍ତି। ସେହିପରି ଅନେକ ପଶୁ, ପକ୍ଷୀ ଓ ସରୀସୃପମାନଙ୍କୁ ମଧ ଗଛ ଆଶ୍ରୟ ଦେଇ ବିଭିନ୍ନ ବିପଦ ଆପଦ, ଖରା ଓ ବର୍ଷାରୁ ରକ୍ଷା କରିଥାଏ। ବିଭିନ୍ନ ବୁଲା ବିକାଳୀ, ଠେଲାଗାଡ଼ି ଦୋକାନୀମାନେ ଗଛ ତଳେ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଥିଲା ବେଳେ ପ୍ରବଳ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ପଥଚାରୀଙ୍କ ସମେତ ବୁଲା ଗୋରୁ ଗାଈ ଓ ପଶୁପକ୍ଷୀମାନେ ମଧ ଗଛର ଛାଇରେ କ୍ଳାନ୍ତି ମେଣ୍ଟାଇଥାନ୍ତି।

ମାତ୍ର ବୃକ୍ଷ ଛେଦନ ଫଳରେ ଜଙ୍ଗଲ ଆଜି ଧ୍ୱଂସାଭିମୁଖୀ। ପ୍ରତିଦିନ ଶହ ଶହ ବୃକ୍ଷ ବଳି ପଡୁଛନ୍ତି। ଛଅ ଋତୁ ଆଜି ସାତସପନ। ଜୈବ ବିବିଧତା ବି ଧ୍ୱଂସାଭିମୁଖୀ। ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖା ଦେଇଛି ଅନେକ ସମସ୍ୟା। ସୃଷ୍ଟି ହେଉଛି ବିଶ୍ୱତାପନ ଆଉ ବୃଦ୍ଧି ପାଉଛି ପୃଥିବୀର ତାପମାତ୍ରା। ଗ୍ଲୋବାଲ ୱାର୍ମିଂର ପ୍ରଭାବ ମଣିଷର ଜୀବନକୁ ଦୁର୍ବିସହ କରିବାରେ ଲାଗିଛି। ଦେଖାଦେଇଛି ଭୂତଳ ଜଳସ୍ତର ହ୍ରାସ, ବିବର୍ତ୍ତମାନ ପରିବେଶ, ଜଳବାୟୁ ଓ ବିପର୍ଯ୍ୟୟମୁଖୀ ସବୁଜିମା ଜୀବଜଗତକୁ ଠେଲି ଦେଇଛି। ଓଡ଼ିଶାର ବଣ ଜଙ୍ଗଲ ପାଦଦେଶରେ ଥିବା ମୂଲ୍ୟବାନ ଖଣିଜ ସମ୍ପଦ ଉପରେ ଲୋଲୁପ ଦୃଷ୍ଟି ପକାଇ ବଡ଼ ବଡ଼ ଶିଳ୍ପପତି, ପୁଞ୍ଜିପତି ଓ ମାଫିଆମାନେ ବନାଗ୍ନି ସୃଷ୍ଟି କରି ମୂଲ୍ୟବାନ ଗଛ ନଷ୍ଟ କରନ୍ତି। ଫଳରେ ଜଙ୍ଗଲକୁ ନିଜର ଜୀବନ ଜୀବିକାର ମାଧ୍ୟମ କରିଥିବା ଆଦିବାସମାନେ ନିଜର ଅସ୍ତିତ୍ୱ ହରାଇ ବସିଛନ୍ତି। ଜୀବଜଗତର ସୃଷ୍ଟି ଓ ସ୍ଥିତି ପାଇଁ ବନ ତଥା ବନ୍ୟଜନ୍ତୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରକୃତିକୁ ସୁରକ୍ଷିତ ରଖିଲେ ପ୍ରକୃତି ଆମକୁ ସୁରକ୍ଷା ଦେବ। କଥାରେ ଅଛି ଜଙ୍ଗଲ ମେଁ ମଙ୍ଗଲ। ଅର୍ଥାତ୍ ଜଙ୍ଗଲରେ ମଙ୍ଗଳ ଥାଏ।

କିନ୍ତୁ ବୃକ୍ଷ ଛେଦନ କାରଣରୁ ଜଙ୍ଗଲ ପରିସୀମା ଓ ଘନତ୍ୱ ହ୍ରାସ ପାଇବାରେ ଲାଗିଛି। ଏଥିସହିତ ତାଳ ଦେଇ ଜଳବାୟୁ ପରିବର୍ତ୍ତନ ସହିତ ଜଳାଭାବ ଗୁରୁତର ରୂପ ନେଇଛି। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ସବୁଜିମା ଦିନକୁ ଦିନ କମିବାରେ ଲାଗିଛି। ପ୍ରତିବର୍ଷ ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ଗଛଗୁଡ଼ିକ ତିଷ୍ଠିପାରୁ ନାହିଁ। କେବଳ ନାମକୁ ମାତ୍ର ଜଙ୍ଗଲ ସୃଷ୍ଟି କରାଯାଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଜଙ୍ଗଲ ପଦା ହେବା ଫଳରେ ମୂଲ୍ୟବାନ କିସମର ଗଛ ଲୋପ ପାଇଯାଉଛି। ଗଛ ନଷ୍ଟ ହେବା ଫଳରେ ଜଳସ୍ତର ହ୍ରାସ ପାଉଛି ଏବଂ ମୃତ୍ତିକା କ୍ଷୟ ହେଉଛି। ଏହାର ପ୍ରଭାବରେ ବଣ୍ୟପ୍ରାଣୀ ଜନବସତିକୁ ମୁହାଁଉଛନ୍ତି। ଏହି ବନ୍ୟପ୍ରାଣୀମାନେ ଜନବସତିକୁ ମୁହାଁଇ ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି। ଫଳରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ବହୁ ପ୍ରଜାତିର ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ଲୋପ ପାଇବାକୁ ଲାଗିଲାଣି। (ଅବଶିଷ୍ଟାଂଶ ପୃଷ୍ଠା ୭ରେ)




### ବାପା-ବୋଉ ଆସ ଉଠି

**ଶ୍ରୀ କୁଞ୍ଜ ବିହାରୀ ସାହୁ**

ମୋ ଜେଜୀମାଆ ଦେହ ଭଲ ନାହିଁ
କଥାଟିକୁ ଭାବିଦେଲେ,
ବାପା ବୋଉ ମୋର ଯାଉଛୁ ଖ୍ୱାଲିକି
ମୋବାଇଲେ କଥାହେଲେ ।
ଖୁସି ହେଲି ମୁହିଁ ନାଚିକି ଡେଇଁଲି
ଜଗିଲି ଦୁଆରେ ବସି,
ଏତିକିବେଳରେ ଟି.ଭି.ରୁ ଦେଖିଲି
ରେଳବଗି ଗଲା ଖସି ।
ବାହାନଗାଠାରେ ମାଲ୍‌ବାହୀ ରେଳ
କେତେବେଳୁ ରହିଥିଲା,
କରୋମଣ୍ଡଳ ଓ ଯଶୋବନ୍ତପୁର
ରେଳଗାଡ଼ି ଧକ୍କା ହେଲା ।
ଯେତେଥର ମୁଁ ମୋବାଇଲି ଧରି
ବାପାଙ୍କୁ ଫୋଅନ କଲି,
ବାପା ବୋଉଙ୍କଠୁ ଉତ୍ତର ନ ଶୁଣି
ଥପ୍ କିନା ବସିଗଲି ।
ଜେଜୀମା କହିଲା କାହିଁକି କାନ୍ଦୁଛି
କହଲୋ ନାତୁଣୀ ଗେଲି,
ତୋ ବାପା ବୋଉ ଆସିବେ ଏଇନେ
ବସିଥା ଦୁଆର ମେଲି ।
ବାପା ଆଣିଥିବେ ନୂଆ ଜାମାଟିଏ
ବୋଉ ଆଣିଥିବ ମିଠା,
ତୋ ପାଇଁ ମୁଁ ଗଢ଼ିଦେବି ଲୋ
ଆରିଷା କାକରା ପିଠା ।
ନା..ନା..ଜେଜୀ ପାରିବିନି ଖେଳି
ରଜଦୋଳି, ଲୁଡୁପାଲି,
ଖାଇପାରିବିନି ଆରିଷା କାକରା
ପୋଡ଼ପିଠା ରସାବଳୀ ।
ବାପା ବୋଉ ମୋର
ରେଳ ଡବା ତଳେ
ଚାପିହୋଇ ମରିଗଲେ,
ଶୁଣୁଶୁଣୁ କଥା ଜେଜୀମାଆ ମୋହର
ଆଖି ପାଟି ବୁଜିଦେଲେ ।
ମୁହେଁ ପାଣିଛାଟି କାନ୍ଦିଲି ବାହୁନି
ବାପା-ବୋଉ ଆସ ଉଠି,
ଜେଜୀମା'ର ଦେହ ଭଲନାହିଁ ଏବେ
ଫିଟୁନାହିଁ ତା'ର ପାଟି ।


+ଏଲ୍.ଆଇ.ଜି. - ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର


### ପ୍ରଶ୍ନମୟ

**ନିରଞ୍ଜନ ସାହୁ**

କାହାକୁ କରିବି ଆପଣାର ଏଠି
କାହାକୁ କରିବି ପର
କାହାକୁ କରିବି ସଂପୂର୍ଣ୍ଣ ଭରସା
କାହାକୁ ଭୀଷଣ ଡର ?
କିଏ କହିଦେବ ସତ୍ୟର ଠିକଣା
କିଏ ଦେଖାଇବ ପଥ
କିଏ ବାଢ଼ିଦ୍ବେ ଏତେ ଅନୁରାଗ
କିଏ ଟାଣିବ ମୋ ରଥ
କିଏ ବଢ଼ାଇବ ସହଯୋଗ ହାତ
କିଏ ଦେବ ମୋତେ ବର ?
କିପରି କରିବି ଜୀବନ ସଂଗ୍ରାମ
କିପରି ରହିବି ବଞ୍ଚି
କିପରି ଚାଲିବି ଅଟକିବା ଯାଏ
କିପରି ପାରିବି ସଞ୍ଚି
କିପରି କହିବି ଅପ୍ରିୟ ସତ୍ୟକୁ
କିପରି କରିବି ଘର ?
କେଉଁଠି ଅଛନ୍ତି ମୋ ଭାଗ୍ୟ ବିଧାତା
କେଉଁଠି ନ ଥିବ ଭୟ
କେଉଁଠି ହୋଇବ ପ୍ରଭୁ ସାଥେ ଭେଟ
କେଉଁଠି ଜୀବନ ଥୟ
କେଉଁଠି ମିଳିବ ଆନନ୍ଦର ଉତ୍ସ
କେଉଁଠି ଫୁଟିବ ଶର ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


### ଧୂଳି ଧରଣୀର ପରେ

**ବେଣୁଧର ସୂତାର**

ସ୍ନେହ ମମତାର ସୁଧା ସମାହାର
ଚାରୁ ସୁଷମାର ଐଶ୍ୱର୍ଯ୍ୟ ପୁରୀ
ପୁଣ୍ୟମୟ ଧାରା ଅମୃତ ପସରା
ପ୍ରକୃତିର ଦିବ୍ୟ ମର୍ତ୍ତ୍ୟ ମାଧୁରୀ
ଭବଭୂତି ମାଳା ଚିର ରୁଚିର
ପ୍ରେମ ମମତାର ପରିପୂର୍ଣ୍ଣ ଧାରେ
ଜୀବନ ସପନ ସ୍ନିଗ୍ଧ ମଧୁର ।
ନୀଳ ନୀଳିମାର ମଗ୍ନ ମାଧୁରୀ
ସୀମାହୀନ ନୀଳ ଗଗନ ବିଭା
ଉର୍ବୀର ସୁଷମା ଭରା ସବୁଜିମା
ଘନ ବନାନୀର ଶ୍ୟାମଳ ଶୋଭା
ନୀଳ ବିଚିମାଳା ନୀଳ ସାଗରେ
ବେଳାଭୂମି ଚୁମେ ଲହରି ସଂଭ୍ରମେ
ଭିଜା ଭିଜା ପ୍ରୀତି ଭାବ ମଧୁରେ ।
ଦିବ୍ୟ ସୁଷମାର ଲଳିତ ସମ୍ଭାର
ଚାରୁମୟ ଭାତି ଉଷା ଉଷସୀ
ମଧୁଚନ୍ଦ୍ରିକାର ଜୋଛନା ମାୟାରେ
ପ୍ରୀତିମୟ ହୁଏ ନିବିଡ଼ ନିଶି
ଋତୁ ରଙ୍ଗେ ନାଚେ ଧରା ପ୍ରକୃତି
କେବେ ଖରା ପୁଣି ବରଷା ବସନ୍ତ
ଶରତ ଶିଶିରେ ଝରଇ ମୋତି ।
ଗିରି ନଦୀ ନଦ କାନନ ସରିତ
ରମଣୀୟ ରୂପ ଶୋଭାର ଶାଳା
ସୁଷମା ପୁରିତ ଶ୍ୟାମ ଶସ୍ୟ କ୍ଷେତ
ଲତା ମଞ୍ଜରୀର କୁସୁମ ମାଳା
ରୂପ କୁହୁକର ମୋହିନୀ ଧାରା
ବୁକୁରେ ଖେଳାଏ ନବ ଉନ୍ମାଦନା
ଅୟି ପ୍ରକୃତିର ଭାବ ପସରା ।
ଅମୂଲ ମୂଲ ଯା ମମତାର ଫୁଲ
ସ୍ନେହମୟୀ ପ୍ରାଣସୁଧା ଦାୟିନୀ
ଭରିଅଛି ପ୍ରାଣେ ଅମୃତ ଆୟୁଷ
ଜୀବ ଜଗତର ଧୂଳି ଧରଣୀ
ସିଏ ଅନ୍ତଃସ୍ୱର ଏ ଅସ୍ତିତ୍ୱର
ପୁଣ୍ୟମୟୀ ସେତ ପରମ ପାବନୀ
ନିଖିଳ ଜନନୀ ସୃଷ୍ଟି ଆଧାର ।।


କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬


### ଆଉ ନଆସୁ ସେ କାଳରାତି

**ରମେଶ ଚନ୍ଦ୍ର ନାୟକ**

ବାଟ ଚାହିଁ ଥିଲା ଘନ କଳା ରାତ୍ରି
ଲୁଚି ଡାକୁଥିଲା ହାତ ଠାରିକି ,
କିଏ ଜାଣିଥିଲା ମୃତ୍ୟୁ କାଳ ଫାଶ
ବାନ୍ଧି ନେଇଯିବ ଆଉ ପାରିକି ।
ବିଶ୍ୱ ହୃଦ ଥରେ ଟ୍ରେନ ଟ୍ରାଜେଡିରେ
ବାଲେଶ୍ୱର ଜିଲ୍ଲା ବାହାନଗାରେ ,
କାଳର କରାଳ ସ୍ରୋତେ ହଜିଗଲା
ଧନ ରତ୍ନ ଆଉ ପ୍ରାଣ କେତେରେ ।
ଯେଉଁଠି ଦେଖିବ ସେଇଠିତ ଶବ
ଶୁଣାଯାଏ ଖାଲି ଆର୍ତ୍ତ ଚିତ୍କାର ,
ଗଣ୍ଡିରୁ ଅଲଗା ମୁଣ୍ଡ ହାତ ଗୋଡ଼
ରକ୍ତ ଜୁଡୁବୁଡୁ କ୍ଷତ ଶରୀର ।
ଛାତିଥରା ଦୃଶ୍ୟ କରେ ଅଟ୍ଟହାସ୍ୟ
ଖଣ୍ଡ ବିଖଣ୍ଡିତ କରମଣ୍ଡଳ ,
ସାଥେ ଦ୍ରୁତଗାମୀ ହାଓ୍ୱଡା ଚେନ୍ନାଇ
ମାଲବାହୀ ଟ୍ରେନ୍ କାନ୍ଦେ ବିକଳ ।
ବୁଢ଼ା ବାପ ଦେଖେ ପୁଅର ଶବକୁ
ଲୌହ ଦାନବର ରକତ ଭୋଜି ,
ଛୋଟ ପିଲାଟିଏ ଅନ୍ଧାରରେ ଡାକେ
ପାଉନି ତାହାର ମାଆକୁ ଖୋଜି ।
ମାନବିକତାର ଦେଲେ ପରିଚୟ
ଦେବଦୂତ ସାଜି ଲୋକେ ଧାଇଁଲେ ,
ଆହତ କ୍ଷତାକ୍ତ ସେବାରେ ଜାଗ୍ରତ
ରକ୍ତ ଦାନ କରି ପ୍ରାଣ ରଖିଲେ ।
ଓଡ୍ରାଫଟ ଦଳ ସୈନ୍ୟ ହେଲେ ଠୁଳ
ଗଣ ମାଧ୍ୟମଠୁ ବାରତା ପାଇ ,
ଉଦ୍ଧାର କାର୍ଯ୍ୟରେ କଲେ ସହାୟତା
ଡାକତର ଦଳ ସାଥିରେ ନେଇ ।
ଆମ ରାଜ୍ୟ ବାସୀ ଅତ୍ୟନ୍ତ ସାହସୀ
ଅନ୍ୟ ଦୁଃଖ ଦେଖି ଦୁଃଖି ହୁଅନ୍ତି ,
ଆମ ସରକାର କେଡେ ଯେ ଉଦାର
ସଂଗେ ସଂଗେ ଅର୍ଥ ଦାନ କରନ୍ତି ।
ଦେଶ ବିଦେଶରୁ ରାଜନେତା ମନ୍ତ୍ରୀ
ବାରତା ପଠାନ୍ତି ଅଶ୍ରୁ ନିଗାଡି ,
ଏଭଳି ବିପଦ ଜୀବନେ ନ ଆସୁ
ପ୍ରାର୍ଥନା କରନ୍ତି ଭକ୍ତି ଅଜାଡ଼ି ।
ପାହିଗଲା ରାତି ଛାଡ଼ିଗଲା ସ୍ମୃତି
ଆମ ଭାରତୀୟ ସୁରେଳପଥ ,
ଧଇର୍ଯ୍ୟ ଧରିବା ଆଗେ ଗଡାଇବା
ଗମନା ଗମନ ଜୀବନ ରଥ ।


+କେଶରପୁର , ବକ୍ସି ବଜାର ,
କଟକ
ମୋ :- ୭୯୭୮୧୫୧୭୧୦

## ଏ କିପରି ସମୟ

### ଶରତ କୁମାର ଦାସ



ବଡ କଠିନ ଏ ସମୟର ଛାତି !
ନିଜ ଗୁଣେ ପରା ନିଜକୁ ଗଢିଚି ସିଏ
ନା ସେ ଭାଙ୍ଗିପଡିଯାଏ କାହା କୁରାଢୀ ଚୋଟରେ
ନା ସେ ଝୁଣ୍ଟିପଡେ କାହା କଅଁଳ ଡାକରେ ।

କ'ଣ ମାଗିବି ମୁଁ ତାକୁ ?
ପାପୁଲିଏ ବୟସ ନା କେରାଏ ଆୟୁଷ
ମୁଠାଏ ମାଟି ନା ଚାଖେଣ୍ଡେ ଆକାଶ
ଚିମୁଟାଏ ନିଃଶ୍ୱାସ ନା ଆଂଜୁଳାଏ ବିଶ୍ୱାସ ।

ଏଠି ମେଘମାନେ ପଳାତକ
ମଥାପିଟି କାନ୍ଦୁଚି ଜହ୍ନ ପୁନେଇ ରାତିରେ
ସ୍ୱପ୍ନମାନେ ଶୋଇଲେଣି ନଦୀ ମୁହାଣରେ ।

ଉପର ମୁଣ୍ଡରେ ଘମାଘୋଟ ବର୍ଷା
ତଥାପି ନଈମାନେ ଶୁଖି ଫାଟିଲେଣି
ଅନେକ ଅଙ୍କ କଷାଚାଲିଛି
ହେଲେ ଖୋଜିଲେ ବି ମିଳୁନି କିଛି ସମାଧାନର ସୂତ୍ର ।

ଏଠି କାଠଘୋଡା କଥା କହେ
କୁହୁଡିରେ ହାତ ଛାଟି ଆରାମରେ ପହଁରିହୁଏ
ଅତି ସହଜରେ ବିକିଦିଆଯାଇପାରେ
ନିଜ ଭୋକ, ଶୋଷ, ହାଡ, ମାଂସ ଓ କଲିଜା
ବନ୍ଧାରଖାଯାଇପାରେ ଯେତେ ଆଲିଙ୍ଗନ,
ଚୁମ୍ବନ, ସମ୍ଭୋଗ ।

କିଏ କେତେବେଳେ ଗୁପ୍ତରେ ଯୋଖିଦିଏ ପବନରେ କଣ୍ଟା
ନିଆଁରେ ଢାଳିଦିଏ ମହଣମହଣ ଘିଅ
ପୁଣି ଆଖିରେ ଭରିଦିଏ ଯୁଗ ଯୁଗର ଅଳସପଣ ।

ଋତୁମାନେ ଓହ୍ଲାଇ ଆସନ୍ତି ଆବେଗରେ
ନେସିଦିଅନ୍ତି ମେଂଚାମେଂଚା ରଙ୍ଗ ମାଟିର ଛାତିରେ
ମାତ୍ର, ବଦଳେନି କେବେ ପୃଥିବୀର ରଙ୍ଗ
ଯାହା ଯେମିତି ଥିଲା ସେମିତି ରହିଯାଏ ।

ଯେତେ ଚେଷ୍ଟା କଲେ ବି ମୁଁ
ଆଖି ହଳକ ମୋ ଛୁଇଁ ପାରେନି ଦୂର ଦିଗବଳୟ
ଗଣି ପାରେନି ତାରା
କଳି ପାରେନି ରାତିର ଗଭୀରତା
କେବଳ ନିରେଖି ଚାହୁଁଥାଏ ଅଦୃଶ୍ୟକୁ
ମାଟି ଉପରେ ସବାର ହୋଇ ପଡିଥିବା
ମୋର ଗୋଟିଏ ତୀର୍ଯ୍ୟକ କଳାଛାଇ ।

ବେଳେ ବେଳେ ମୁଁ ଲମ୍ଫ ପ୍ରଦାନ କରେ ଆକାଶକୁ
ମାପିବାକୁ ଚାହେଁ ଢେଉର ଗଭୀରତାକୁ
ଇଚ୍ଛାଟିଏ ଗଜୁରୁଥାଏ କେତେବେଳେ କେମିତି
ପଚାରିବାକୁ ନିରୋଳାରେ ସମୁଦ୍ରକୁ
କାହିଁକି ସେ ଫେରେଇଦିଏ
ଯାହା ଟାଣି ନେଇଥାଏ ନିଜ ପେଟ ଭିତରକୁ ।

ଉତ୍ତର ମିଳେ ନି କିଛି, ବରଂ
ଶବ୍ଦମାନେ ଲୁଚିଯାଆନ୍ତି ଅଭିଧାନର
କୋଉ ନିର୍ଜୀବ ପୃଷ୍ଠାରେ
ମୁଁ ଖୋଜୁଥାଏ ସେଇ ନିଖୋଜ ଶବ୍ଦଗୁଡିକୁ
ଗୁରୁଣ୍ଡି ଗୁରୁଣ୍ଡି ଏକୁଟିଆ
ସେଇ ଗାଢ଼ ଆଦିମ ଅନ୍ଧାର ଭିତରେ ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ପର ଚର୍ଚ୍ଚା କର କିଆଁ ?

### ପ୍ରଦୀପ୍ତ କୁମାର ଦାସ



ଯାହାର ଯାହା କହିବାର ଅଛି
ମୋତେ ସାମ୍ନା କରି କୁହ -
କାହାର କିଛି ପାଇବାର ଥିଲେ
ମୋ ଯୋଗାଯୋଗରେ ରୁହ,

ଅନ୍ୟକୁ ଆକ୍ଷେପ କରିବା ଆଗରୁ
ନିଜକୁ ଭଲକି ପଢ଼ -
ଅନ୍ୟ କାହା ସାଥେ ଲଢ଼ିବା ଆଗରୁ
ନିଜ ସାଥେ ଆଗ ଲଢ଼,


ନିଜ ପରିବାର କରି ପରିହାର
ପର ଚର୍ଚ୍ଚା କର କିଆଁ ? -
ଜାଣି ଜାଣି ନିନ୍ଦା ଯତୁ ଘରେ ତୁମେ
ନଲଗା ମିଛର ନିଆଁ,

ଖରାପ ଚଷମା ପିନ୍ଧିକି ଅନ୍ୟକୁ
ନଭାବ ଖରାପ କେବେ -
ନୋହିଲେ ନିୟତି ତୁମ କୁକର୍ମର
ଉପଯୁକ୍ତ ଶାସ୍ତି ଦେବେ ।

+ କଣ୍ଟାବଣିଆ, ଯାଜପୁର
ପିନ୍ -୭୫୫୦୧୩
ମୋ : ୮୫୯୪୮୮୫୮୯୮

## ତ୍ୟାଗ

### ଭାରତୀ ସରିତା ମହାନ୍ତି



ତ୍ୟାଗୀଙ୍କର ତ୍ୟାଗ କଲେ ଅନୁଭବ
ତ୍ୟାଗର ମହତ୍ୱ ବୁଝିବେ ନର
ମାଆର ତ୍ୟାଗକୁ କରିଲେ ସମୀକ୍ଷା
ବୁଝିବେ ସନ୍ତାନ ମୂଲ ତାହାର ।

କରିଥିଲେ ତ୍ୟାଗ ରାଧା ମୀରାଦେବୀ
ତ୍ୟାଗ ପୁରୁଷଙ୍କ ଗାଥା ବତାଏ
ଭାଇ ପାଇଁ ରାଜ୍ୟ ସୁଖ ତୁଚ୍ଛ କଲେ
ପ୍ରଜା ପାଇଁ ତ୍ୟାଗ ସଂସାର ହୁଏ ।

ଦେବକୀଙ୍କ ତ୍ୟାଗ ସନ୍ତାନ ବିୟୋଗ
ବିଚ୍ଛେଦ ସହିଲେ ଯଶୋଦା ପୁଣ
ସଭିଙ୍କର ତ୍ୟାଗ ମଣିଷ ଜୀବନେ
ପ୍ରୟୋଗରେ ରଖି ପାରିଲେ ଧ୍ୟାନ ।

ଦେଶ ପାଇଁ ତ୍ୟାଗ ଦେଇ ଜୀବଦାନ
ମହାପୁରୁଷଙ୍କ ଜୀବନ ଗାଥା
ସେ ତ୍ୟାଗ ହୋଇଛି କେବଳ କାହାଣୀ
ତ୍ୟାଗ ଛାଡି ସ୍ୱାର୍ଥ ଟେକିଛି ମଥା ।

କିଏ ତ୍ୟାଗୀଦିଏ ପୁତ୍ର ସନ୍ତାନକୁ
କିଏ ତ୍ୟାଗୀଥାଏ ତା' ପରିବାର
ଏବେ ଉଚ୍ଚାରଣେ ରହିଛି ସୀମିତ
ତ୍ୟାଗ ମାନେ ଜଣେ ନବୁଝେ ନର ।

ତ୍ୟାଗ ଏବେ ଖାଲି ସମ୍ପର୍କ ମଝିରେ
ପାଚେରୀ ଉଠାଏ ସେ ନିମିଷକେ
ସ୍ୱାମୀ ସ୍ତ୍ରୀ ମଧ୍ୟେ ହେଉଛି ବିଚ୍ଛେଦ
ତ୍ୟାଗ କରି ମାତେ ନିଜ ସଉକେ ।

ଦାୟିତ୍ୱ କର୍ତ୍ତବ୍ୟ ସନ୍ତାନ ଭୁଲୁଛି
ମାଆର ତ୍ୟାଗକୁ ପକାଇ ମନେ
ସାରା ଜୀବନକୁ ନିଜ ଜୀବନରୁ
ତ୍ୟାଗ କରି ଦେଇ ମାତେ ସପନେ ।

ପ୍ରଗତି ନାମରେ ଅର୍ଥ ତା' ବଦଳେ
ତ୍ୟାଗ କରୁଛନ୍ତି ଦେଖେ ଦୁନିଆ
ତ୍ୟାଗ କରେ ନାରୀ ସନ୍ତାନର ମୋହ
ଦାଣ୍ଡରେ ହାଟରେ ପଡେ ତା' ନାଆ

+ ବାଲିଆପାଳ, ବାଲେଶ୍ୱର

## ମଣିର ମାଣ

### ମାନସ ରଞ୍ଜନ ନାୟକ



କିଛିଦିନ ହେଲା ଆଇମା ଡାକୁଥିଲା ହାତଟେକି ଜଗାକୁ
କଲା ପାପ ପୂଣ୍ୟର ସଂସାର ପାଇଟି, ବାକି ଆର ପାରିକୁ
ଏତକ ଆୟୁଷର କର୍ମ ତା' ବାଟ କାଢିବ ପୁନର୍ଜନ୍ମକୁ
ମଣିର ମାଣରୁ ଶେର ପୁରିଲା, ଛାଡିଗଲା ବେଉଷଣକୁ ।

କୁଆଁରୀ କାଳରେ ସାଜିଲା ମହାଜନୀ ଘରର ଭୂଆଶୁଣୀ
ଯୌବନର ମୂଲ ଦେଲା ସାତ ଝିଅ ଦୁଇ ପୁଅର ବାରୁଣୀ
ପତ୍ନୀ ଧର୍ମେ ସଶ୍ରଦ୍ଧ ଆବୋରିଲା ଯୁଗ୍ମ ପରିବାର ରୋଷଣୀ
ପତି ଦିଅର ଶାଶୁ ଶଶୁରଙ୍କ ପାଇଁ ଯୋଗାଡିଲା
ତୋରାଣୀ ।

କଡ ଲେଉଟାଇଲା ସମୟ, ଭାଗ ହେଲା ପାଖାପାଖି ଘର
ଗୋଟେ ଭାତହାଣ୍ଡିର ସଂସାର ଏବେ,
ସାତଭଗାରୀଠୁ ପର
ଜାବୁଡ଼ିଥିବା ଘର ଡିହ, ତୁଳସୀ ଚଉଁରା ହେଲାକି ତା'ର ?
ଜୁଇ ନିଆଁରେ ଜଳିଗଲା ଯେତେ ମୋହ ମାୟାର ଜଉଘର ।

ନିରୁତା ସ୍ୱାର୍ଥର ଆୟୁଧେ ହିଁ ଗଢୁଛେ ମେଘନାଦ ପାଚେରୀ
ଆଇମା'ର ପୁଣ୍ୟ ଆତ୍ମା ଏଠୁ ପାଇବକି ସହଜେ ଉଦ୍ଧରି ?

+ ମଞ୍ଜୁରୀ ରୋଡ୍, ଭଦ୍ରକ
ମୋ: ୯୮୯୦୮୫୧୪୨୭

## ପୁଣିଥରେ

### ଇଂ. ବିଦ୍ୟାଧର ପଣ୍ଡା



ପୁଣିଥରେ ଚାଲ ଏଠି ଭଲରେ
ବଂଚିବା
କାନ୍ଦିବା, ହସିବା, ଗାଇଗାଇ ନାଚିବା
ପଛକଥା ସବୁକୁ ମନରୁ ପୋଛିଦେବା

ଧରାବୁକୁରେ ମଣିଷ ଜୀବନ ବି
ଅଜବ
ବେଳେବେଳେ ମନେହୁଏ ଶବଟିଏ
ପରି
କିଛି କହି ହୁଏନା, କି କରି ହୁଏନା
ଶବ କ'ଣ କାନ୍ଦିବ ନା ହସିବ !
ନିରବରେ ସହିଯିବାକୁ ବାଧ୍ୟ ସେ

ଅଧାବାଟେ ପ୍ରେମିକା ଚାଲିଗଲେ
ସମୟ ସୁଅରେ ବାପାମା ବୁଡିଗଲେ
ନିଜର ବୋଲି କାହାକୁ କହିବା !
ସ୍ୱାର୍ଥବାଦୀ କପଟି ବନ୍ଧୁଙ୍କ ଘେରାବନ୍ଦି
ଋଣ ଫେରାଇବାକୁ କହିଲେ କଳି

ନିଜିକଥା ଭୁଲିବା କ'ଣ ଏତେ ସହଜ !
ନା, ଆଦୌ ନୁହେଁ । ରାଣଖାଇ କହିଲ !
ସତରେ କ'ଣ ତୁମେ ଭୁଲିବାରେ
ସଫଳ ?
ନା, ମନକୁ ବୁଝେଇବା ପାଇଁ
ମିଛକହୁଛ
ଛାଡ, ଏବେ ସେସବୁ ଘାଂଟି
ଲାଭକ'ଣ !

ତେବେ ଚାଲ ଅତୀତକୁ ଭୁଲିଯିବା
ଆଉଥରେ ବଂଚିବାକୁ ଚେଷ୍ଟା କରିବା
କାନ୍ଦିବା, ହସିବା, ଗାଇଗାଇ ନାଚିବା
ପୂର୍ବପରି ଜିଇଁବାର ଭିନ୍ନଏକ ନାଟକ
କରିବା
ପୁଣିଥରେ ସେଇ ସଂସାରରେ
ବଂଚିବା..

+ ଏମ୍ ଟେକ୍, ଏଲ୍ଏଲ୍. ବି
ପଂଚଶଖା ନଗର, ଡୁମୁଡୁମା,
ଭୁବନେଶ୍ୱର-୧୯
ମୋ-୯୪୩୯୧୨୮୦୫୦

## ସକାଳରେ ତୁମ ନାମ'

### ଶ୍ରୀ ଚନ୍ଦ୍ରଶେଖର ସାହୁ

ସକାଳରେ ତୁମ ନାମ ସଞ୍ଜରେ ବି ଜପେ
ହରେକୃଷ୍ଣ ହରେରାମ ସବୁବେଳେ ଗପେ ।

ତୁମେ ନୁହଁ ଖାଲି ମୋର ସକଳ ଜନର
ସବୁ ମାୟା ତୁଟି ଯାଏ ତୁମେ ମୋ' ନିଜର
ମୁକତିର ବାଟ କୁହ ଆଲୋକର ଦୀପେ ।
ସକାଳରେ ତୁମ ନାମ...


ମୋର କେହି ନାହିଁ ବୋଲି ତୁମେ ଅଜ ଜଣେ
ଏକା ଏକା ଚାଲୁଛି ମୁଁ ତୁମ ଜାଗରଣେ
ଏତେ କରି ଡାକେ ମୁହିଁ ଶୁଭୁନି ଆଳପେ ।
ସକାଳରେ ତୁମ ନାମ ...

ସକାଳରେ ତୁମ ନାମ ସଞ୍ଜରେ ବି ଜପେ
ହରେକୃଷ୍ଣ ହରେରାମ ସବୁବେଳେ ଗପେ ।

+ କସପା, ଅହିୟାସ,
ଯାଜପୁର-୭୫୫୦୩୬
ମୋ- ୭୮୭୩୬୯୩୮୦୭

## ମରଣ ପଥର ଯାତ୍ରୀ

### ସୁସ୍ମିତା ଦାସ



କରମଣ୍ଡଳର ଯାତ୍ରୀ ସାଜିଲେ
ମରଣ ପଥର ଯାତ୍ରୀ-
ଲୌହ ଦାନବର ବିଭତ୍ସ ଲୀଳାର
ମୂକସାକ୍ଷୀ କାଳରାତ୍ରୀ,
ବାହାନଗାର ହୃଦ ଯାଏ ଫାଟି
ରକତେ ଭିଜେ ତା କୋଳ-
ଛାତିକୁ ଥରାଏ ବିକଳ ଚିତ୍କାର
ଶୁଭେ କ୍ରନ୍ଦନ ରୋଳ,
ଅନ୍ଧାରରେ ଯିଏ ଚୀର ନିଦ୍ରାରେ
ଶୋଇ ପଡ଼ିଲା ସେ ଶବ-
ଆଲୋକ ଆଶାରେ ବଞ୍ଚିଛି ଯିଏ
ଶୁଭେ ତାର ଶୁଭ ରବ,
ମାନବ ତୃଟିରୁ ଦାନବ ସାଜିଲା
ଯାତ୍ରୀବାହୀ ରେଳଗାଡ଼ି-
ଗତି ବଦଳାଇ ଅବାଟରେ ଯାଇ
ମୃତ୍ୟୁ ପଥେ ଗଲା ମାଡି,
ଧନ ଜୀବନକୁ କରି ନଷ୍ଟ ଭ୍ରଷ୍ଟ
କଲା ସେ ଅଶେଷ କ୍ଷତି-
ନିୟତି ନିକଟେ ସର୍ବେ ଅସହାୟ
କହେ ମୁଁ ଯେ ମୂଢମତି ।

+ କଣ୍ଟାବଣିଆ, ଛତ୍ରପଡା,
ପ୍ରୀତିପୁର, ଯାଜପୁର

## ହେ ଭଗବାନ

### ସିଦ୍ଧାର୍ଥ ଶଙ୍କର ଗିରି

କରାଳ ସାଜିଲା କରମଣ୍ଡଳ
ଘେନିଗଲା ବହୁ ପ୍ରାଣ ।
ଅକାଳରେ କେତେ ଜୀବନ ଝରିଲା,
ନ୍ୟାୟ ଦିଅ ଭଗବାନ ।
ଛାତିଥରା ସେହି ଶୁକ୍ରବାର ରାତି,
ଭାଙ୍ଗିଦେଲା ସବୁ ସ୍ୱପ୍ନ !
ମଥାରୁ କାହାର ପୋଛିଲା ସିନ୍ଦୁର,
କୋଳ କରିଦେଲା ଶୂନ୍ୟ ।
କି ଦୋଷ କରିଲା ନିଷ୍ପାପ ଶିଶୁଟି,
ହାରିଲା ତାର ଜୀବନ ।
ଲୁହ ଶୁଖୁନାହିଁ ମୋର ଆଖିରୁ,
ସେ ଝୁରୁଛି ତା ଗଣ୍ଠିଧନ ।
ସଂସାର ସାଥୀକୁ ହରାଇ ସ୍ତ୍ରୀଟି,
ଲୋତକରେ ଆଖି ପୂର୍ଣ୍ଣ
କେମିତ ଗଡ଼ିବ ତା ସଂସାର ରଥ,
କୁହ ତୁମେ ଭଗବାନ
ହୃଦୟ ଫଟାଇ କାନ୍ଦୁଛି ବାପାଟି,
ହେଉଛି ସେ ଚେତାଶୂନ୍ୟ ।
ତା ଧନକୁ ଟିକେ ଖୋଜିଦେବା ପାଇଁ,
କରୁଛି ସେ ନିବେଦନ ।
ଆହତଙ୍କ ପାଇଁ ଦେବଦୂତ ସାଜି
ଦିଅତାଙ୍କୁ ଜୀବଦାନ ।
ବନ୍ଦ କର ଏ ତାଣ୍ଡବ ଲୀଳା,
କରନାହିଁ ଛିନ୍ନଭିନ୍ନ ।
ପ୍ରଳୟର ବହ୍ନି ପ୍ରଶମିତ କର,
ଡାକ ଶୁଣ ଭଗବାନ !!

+ ଅମର୍ଦ୍ଦାରୋଡ଼, ବାଲେଶ୍ୱର
ମୋ: ୯୯୩୮୦୭୮୦୬୮

## ବାହାନଗାରୁ

### ପୁଷ୍ପାଞ୍ଜଳି ପଣ୍ଡା



ଯେବେଠାରୁ ତୁମ ପାଖଦେଇ
ମୃତ୍ୟୁ ତାର ପ୍ରଚଣ୍ଡ ତାଣ୍ଡବ
ଆରମ୍ଭିଲା,
ଅଭାବିତ ରକ୍ତର ନଦୀ ବହିଲା
ଲୁହ ସମୁଦ୍ର ପାଲଟିଗଲା
ସଭିଙ୍କ ଆଖିରେ ।

ହେ, ଭଗବାନ
ଓଃ କଣ ନକଲା ଦଇବ !!
ସନ୍ଧ୍ୟା ସାତ ପରଠୁ
ଖୋଲା ଆକାଶ ତଳେ,
ଅନ୍ଧାର ଚଉପାଶରେ
ଖାଲି ଯନ୍ତ୍ରଣାର, ବେଦନାର
ବିକଳ କରୁଣ ବୁକୁଫଟା ଚିତ୍କାର ।
ବାହାନଗା, ପରିଚୟ ଖୋଜୁଥିଲା
ଛିନଛତ୍ର ହାତ, ଗୋଡ଼, ମୁଣ୍ଡ, ଶବ
ପଡିରହିଥିଲା ଗଭୀର ଆଶ୍ୱାସନାରେ
ପରିଚୟ ମିଳିବ !
ମୃତକ ହେଲେ ଅମୁକ ସମୁକ
ବେଓ୍ୱାରିଶ ନହୋଇ ।
ଆତ୍ମୀୟଙ୍କ ଓଦା ଆଖିପତା
ସୁଖିଯାଉଥିବା ଓଠ
ମୃତ୍ୟୁ ଖେଳରେ
ବିଦାରି ହେଇଯାଉଥିବା
ଅନୁଭବରେ
ମୃତବତ୍ ସ୍ଥାଣୁ ପାଲଟିଥିଲା
ବାହାନଗା ରେ ଦୁଃଖର,
ସକଳ ହରେଇବାର ସକାଳ
ଆସୁଥିଲା ।
ଦୁଃସମୟର, ଅପମୃତ୍ୟୁର ଖେଳରେ
ହାରି ହରାଇଥିବା ମଣିଷଟି
ଶବ ଚିହ୍ନଟ କରୁଥିଲା
ନିରାଶର ଅପରାହ୍ନ ରୋ।
ଯିବା ସତ୍ୟ, ମୃତ୍ୟୁ ଧ୍ରୁବ ସତ୍ୟ
ସଭିଏଁ ଗୋଟିଏ ଘାଟର ପଥିକ
ହେଲେ ଏମିତି !
କେବେବି ଆସନି
ସହି ହେଉନି, ଦେଖି ହେଉନି ।

ଦୀପ ଟିଏ ଜଳାଉଛି
ଅନ୍ତରୀକ୍ଷ ଶାନ୍ତ ହୁଅ
ସ୍ୱର୍ବାଗସୀ ସମସ୍ତ ଆତ୍ମା
ସଦର ଗତି ପାଅ
ଶାନ୍ତି ପାଅ
ପୃଥିବୀ ମାତା ଶାନ୍ତ ହୁଅ।
ଶାନ୍ତ ହୁଅ ।

+ କେନ୍ଦ୍ରାପଡ଼ା

## ଲହୁ ଲୁହର କରୁଣ ଆର୍ତ୍ତନାଦ

### ନୂତନ କୁମାର ବେହେରା




ସମ୍ବାଦ ଶୁଣିବା କ୍ଷଣି ସ୍ତବ୍ଧ ହୋଇଯାଏ
ଶରୀରର ଚଳନ୍ତି ଯେତେ ଅବୟବ
ବନ୍ଦ ହୋଇଯାଏ ପ୍ରାଣର ସ୍ପନ୍ଦନ
କାଠ ପାଷାଣ ପାଲଟି ଯା'ନ୍ତି ସବୁ
ମଣିଷ
ହାୟରେ ଦୈବ ! କି କରୁଣ ନିଷ୍ଠୁର
ଲୁହ ଲହୁର କରୁଣ ଆର୍ତ୍ତନାଦ
ନିଃଶବ୍ଦ ହୋଇଯାଏ କଣ୍ଠର ଭାଷା
ଝର ଝର ଝରି ଆସେ ଆଖିରୁ ଲହୁ
ମଣିଷର ଜୀବନ କି ଦୁଃଖଦ
ସଂକଟାପନ୍ନ
ରକ୍ତରଞ୍ଜିତ ହେଲା ବସୁଧାର କୋଳ
ଶୁଭେ ଖାଲି ମର୍ମନ୍ତୁଦ କ୍ରନ୍ଦନର ରୋଳ
ବାଲେଶ୍ୱର ବାହାନଗା ଷ୍ଟେସନ
ନିକଟେ
ମୁହାଁମୁହିଁ ଧକ୍କା ହେଲା ଦୁଇ
ରେଳଯାନ
ଦ୍ରୁତଗାମୀ କରମଣ୍ଡଳ ଏକ୍ସପ୍ରେସରେ
ଯାଉଥିବା ଯାତ୍ରୀ ହେଲେ ଦୁର୍ଘଟଣାଗ୍ରସ୍ତ
ସହସ୍ରାଧିକ ହେଲେ ମୃତ ଓ ଆହତ
ମୁମୂର୍ଷୁ ଅବସ୍ଥାରେ ଶହଶହ ଛଟପଟ
ମୃତ୍ୟୁର ତାଣ୍ଡବ ରଚିଲା ମହାକାଳ
ହୃଦୟ ବିଦାରକ ଦୃଶ୍ୟ କରେ ମର୍ମାହତ
ଆକସ୍ମିକ ଦୁର୍ଘଟଣା କରିଦେଲା
ଛିନ୍ନ ଭିନ୍ନ
କିଏ ହରାଇଲା
ପୁତ୍ର କିଏ ହରାଇଲା ସ୍ୱାମୀ
କିଏ ବାପାମାଆ କିଏ ବା
କୋଳର ଶିଶୁ
ନିମିଷକେ ଲିଭିଗଲା
ତାଙ୍କର ଜୀବନ ଦୀପ
ଝୁରି ଝୁରି ବାହୁନି ହୁଅନ୍ତି ଆତ୍ମୀୟଜନ
କିଏ ଖୋଜି ପାଏ ନାହିଁ
ଆପଣାଜନର ଶବ
ପଥପ୍ରାନ୍ତ ପାଲଟି ଗଲା ଶ୍ମଶାନ
ସେବା କର୍ମଚାରୀମାନେ ତୁରନ୍ତ ଆସି
ମୁମୂର୍ଷୁ ଅବସ୍ଥାରୁ ବୋହି
ନେଲେ ଶତ ଶତ
ମରଣ ସାଥେ ସଂଗ୍ରାମ କରନ୍ତି ଏବେ
ଲହୁ ଲୁହାଣ ଖଣ୍ଡିଆ ଖାବରା ଅଙ୍ଗେ
ଚାଲିଛି ଜରୁରୀକାଳୀନ ସେବା ଶୁଶ୍ରୂଷା
ସଂପର୍କୀୟ ଛୁଟି ଆସନ୍ତି ବେଗେ
ହେ ପ୍ରଭୁ ! ଏ ବିପଦ କାଳେ
ସହାୟ ହୁଅ
ମୃତ ପରବାରର ଜନଙ୍କୁ ଏ ଦୁଃଖ
ସହିବାର ଶକ୍ତି ଦିଅ ଆହତଙ୍କୁ
ବଞ୍ଚାଇ ରଖ
ତୁମେ ହିଁ ସାହା ଭରସା ତୁମେ ଆର୍ତ୍ତବନ୍ଧୁ
ତୁମରି ଚରଣେ ପ୍ରଭୁ ଦିଅ ଶରଣ
ଅଶ୍ରୁ ସିକ୍ତ ନୟନରେ ଦିଏ ଶ୍ରଦ୍ଧାଞ୍ଜଳି
ଦୁଃଖେ ମ୍ରିୟମାଣ ସନ୍ତପ୍ତଙ୍କୁ ଉଦ୍ଧାର
କରୁଛି ପ୍ରାର୍ଥନା ଆଉ ନ ଆସୁ ଏ
ଦୁର୍ଯୋଗ ।

+ କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## କେବେ ତୁମେ ଛାଇ କେବେ ତୁମେ ଖରା

### ନୀଳମଣି ଚାନ୍ଦ



କେବେ ତୁମେ ଛାଇ
କେବେ ତୁମେ ଖରା
ତୁମକୁ ପାରୁନି ଧରି
କେବେ ତୁମେ କଥା
କେବେ ତୁମେ ଗୀତି
ଅଡୁଆ ସୂତାଟି ପରି ।

କେବେ ତ ଆଲୁଅ
କେବେରେ ଅନ୍ଧାର
ହେଉନାହଁ ମନଛୁଆଁ
କେବେ ତୁମେ ଦିଶ ହୁତୁହୁତୁ ନିଆଁ
କେବେରେ କୁହୁଳା ଧୂଆଁ ।

କେବେରେ ଆଷାଢ଼ କେବେରେ ଫଗୁଣ
ଦେଖି କେତେ ହୁଏ ଭାଳି
କେବେ ଖାଣ୍ଟି ସତ କେବେ ସ୍ୱପ୍ନ ପରି
ଖେଳୁଥାଅ ଲୁଚକାଳି ।

କେବେ ତୁମେ ଫୁଲ
କେବେ ତୁମେ କଣ୍ଟା
ଢେଉ ପରି ଆସି ଯାଅ
କେବେ ତୁମେ ଗୀତି
କେବେରେ ଗଜଲ
ନିଜେ ସୁର ଦେଇ ଗାଅ ।

କେବେ ତୁମେ ହସ
କେବେ ତୁମେ କାନ୍ଦ
ବୁଝି ବି ଅବୁଝା ହୁଅ
କାହା ପାଇଁ ତୁମେ ଇନ୍ଦ୍ରଧନୁଟିଏ
କା ପାଇଁ ବର୍ଷାର ଲୁହ ।

+ ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ସଞ୍ଜ

### ସୁଶ୍ରୀ ସଙ୍ଗୀତା ସେଠୀ



ଗ୍ରୀଷ୍ମର ପାଖୁଡ଼ାରେ କୋଇଲିର
କୁହୁରେ
ଅସରା ଅସରା ଝଟକା ପବନ
ସ୍ପର୍ଶରେ
ସେ ସଞ୍ଜ ଭାରି ନିଆରା ।

ସଞ୍ଜବତୀର ତୀକ୍ଷ୍ଣ ସରୁ ଆଲୁଅରେ
ବିଶ୍ୱାସ, ଭକ୍ତିଭରା ସେ କୀର୍ତ୍ତନରେ
ସେ ସଞ୍ଜ ଭାରି ନିଆରା ।

ଦୋହଲୁଥିବା ମଲ୍ଲିକଢ଼ିର
ଆକାଙ୍କ୍ଷାରେ
ଫୁଟିବାର ଉନ୍ମାଦ ଭରା ଆବେଗରେ
ସେ ସଞ୍ଜ ଲାଗେ ନିଆରା ।

ଭାସି ଆସୁଥିବା ଚମ୍ପାର ମହକରେ
ଗାଁ ଦାଣ୍ଡେ ମେଳି ହେଇ ମିଠା ଗପରେ
ସେ ସଞ୍ଜ ଭାରି ନିଆରା ।

ମିଠା ପରିବେଶର ବିଚ୍ଛୁରିତ ମାୟାରେ
ଅସରାଏ ବର୍ଷା ଛାଡ଼ିଗଲା ପରେ
ସେ ସଞ୍ଜ ଭାରି ନିଆରା ।

ଜେଜେ ମା କୋଳେ ଶୋଇ ଗପ
ଶୁଣିବାରେ
ସଞ୍ଜବେଳର ସେ ଅମୃତ ବେଳାରେ
ସେ ସଞ୍ଜ ଲାଗେ ଭାରି ନିଆରା ।

ଓଡ଼ିଆ ମାଟିରେ ସଞ୍ଜ ବାସେ ଝୁଣା,
କର୍ପୂରରେ
ଶଙ୍ଖର ସେ ପବିତ୍ର ନାଦରେ, ସରଳ
ମନର ବିଶ୍ୱାସରେ
ସେ ସଞ୍ଜ ସବୁଦିନ ହୁଏ ନିଆରା ।

+ ଯାଜପୁର

# ମହା ଆଡ଼ମ୍ବରରେ ପାଳିତ ହେଲା ହରିଚନ୍ଦନପୁର ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ

ହରିଚନ୍ଦନପୁର, ୦୫/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଟସର ସୋସାଇଟ୍ ଠାରେ ହରିଚନ୍ଦନପୁର ପ୍ରେସ କ୍ଲବ ପକ୍ଷରୁ ଖୁବ୍ ଧୁମ ଧାମରେ ପାଳିତ ହେଲା ଦ୍ୱିତୀୟ ବାର୍ଷିକ ଉତ୍ସବ । ପ୍ରେସ କ୍ଲବର ସଭାପତି ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବଂଗତ ସାମ୍ବାଦିକ ଏବଂ ବାହାନଗା ଟ୍ରେନ ଦୁର୍ଘଟଣା ମୃତକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସତ୍ୟପାଠ ନ୍ୟୁଜର ପ୍ରତିଷ୍ଠାତା ତଥା ସମ୍ପାଦକ ସତ୍ୟପ୍ରକାଶ ନାୟକ, ମୁଖ୍ୟ ବକ୍ତା କେନ୍ଦୁଝର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସତ୍ୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲାର ଯୁବ ସାମ୍ବାଦିକ ସନ୍ତୋଷ ମହାପାତ୍ର, ସମାଜ ସେବୀ ନରୋତମ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମିଶ୍ର, ରାଜ୍ୟ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ବ୍ଲକର ମ୍ୟାଟ୍ରିକ ଟପର୍ ରିଦ୍ଧିରାଜ୍ ପାଇକରାୟ, ସାହିତ୍ୟ କ୍ଷେତ୍ରରେ ଡ଼କ୍ଟର କଳ୍ପନା ମହାନ୍ତି, ଶିକ୍ଷା ଓ ଶିକ୍ଷଣ ପାଇଁ ଶିକ୍ଷକ ସରୋଜ ନନ୍ଦ, ସମାଜ ସେବାରେ ନରୋତମ ଜେନା ଓ ସାମ୍ବାଦିକ କ୍ଷେତ୍ରରେ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ହରିଚନ୍ଦନପୁର ବ୍ଲକର ବରିଷ୍ଠ ସାମ୍ବାଦିକ ଶ୍ରୀନିବାସ ପାଇକରାୟ ଓ ଘଟଗାଁ ବ୍ଲକର ବରିଷ୍ଠ ସାମ୍ବାଦିକ ଘନଶ୍ୟାମ ଜେନାଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜୀବ ଲୋଚନ ମହାନ୍ତ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ପରେଶ କୁମାର ସେଠୀ ବିବରଣୀ ପାଠ କରିଥିଲେ । ପରିଶେଷରେ କ୍ଲବର ସଦସ୍ୟ ଜଗବନ୍ଧୁ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ସାହରପଡ଼ା, ପାଟଣା, ଢେଙ୍କିକୋଟ, ଘଟଗାଁ, ପଣ୍ଡାପଡା, ତେଲକୋଇ, ଆନନ୍ଦପୁର ଆଦି ଅଂଚଳର ସାମ୍ବାଦିକମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କ୍ଲବର ଉପସଭାପତି ପ୍ରେମାନନ୍ଦ ଦାସ, ରାମଚନ୍ଦ୍ର ନାଏକ, ଚନ୍ଦନ ନାୟକ, ରତିକାନ୍ତ ମହାନ୍ତ, ବିଦ୍ୟାଧର ମହାନ୍ତ, ଜଗବନ୍ଧୁ ବାରିକ, ସନ୍ତୋଷ ମହାନ୍ତ, ତନ୍ମୟ କୁମାର ସାହୁ, ଲକ୍ଷ୍ମଣ କୁମାର ମହାନ୍ତ, ନିଗମାନନ୍ଦ ସାହୁ, ଉତମ ଗିରି, ହିମାଂଶୁ ଶେଖର ଦାସ, କୃଷ୍ଣ ଚନ୍ଦ୍ର ବେହେରା, ଅନିଲ ସାହୁ, ଜୀବନ ଜ୍ୟୋତି ବେଜ, ଉଦୟ ପାତ୍ର, ନିତ୍ୟାନନ୍ଦ ସାହୁ, ଭବାନୀ ପ୍ରସାଦ ମହାନ୍ତଙ୍କ ସମେତ କୁନି ଝିଅ ପ୍ରିୟଙ୍କା ନାଏକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାହାନଗା ରେଳ ଦୁର୍ଘଟଣା ସ୍ଥଳରେ ଆରଏସ୍ଏସ୍ର ସେବାକାର୍ଯ୍ୟ

ଭୁବନେଶ୍ୱର, ୦୫/୦୬ (ନି.ପ୍ର): ଓଡିଶାର ବାଲେଶ୍ୱରରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାଧିକ ସ୍ୱୟଂସେବକ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସଂଗଠନର ସ୍ୱୟଂସେବକମାନେ ପ୍ରାୟ ୫୦୦ ୟୁନିଟ୍ ରକ୍ତ ଦାନ କରିଛନ୍ତି । ଦୁର୍ଘଟଣା ଘଟିଥିବା ନିକଟସ୍ଥ ବାହାନାଗା ଗାଁରେ ସଂଘର ଶାଖା ଥିବା କାରଣରୁ ପ୍ରଥମେ କମ୍ ସଂଖ୍ୟାରେ ସ୍ୱୟଂସେବକ ପହଁଚି ଥିଲେ । କିନ୍ତୁ ରାତି ବେଳକୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ସ୍ୱୟଂସେବକ ଦୁର୍ଘଟଣାସ୍ଥଳରେ ପହଁଚି ଉଦ୍ଧାର ଓ ସେବା କାର୍ଯ୍ୟରେ ନିୟୋଜିତ ପ୍ରଶାସନ ଏବଂ ଯବାନମାନଙ୍କୁ ସାହାଯ୍ୟ କରିଥିଲେ । ଉଦ୍ଧାର କାର୍ଯ୍ୟରେ ଯେପରି ବିଳମ୍ବ ନହେଉ ସେଥିପାଇଁ ସ୍ୱୟଂସେବକମାନେ ଅଟୋ ଏବଂ ମୋଟରସାଇକେଲ ମାଧ୍ୟମରେ ତୁରନ୍ତ ଆହତମାନଙ୍କୁ ଡାକ୍ତରଖାନାନେବା ଆରମ୍ଭ କରିଦେଇଥିଲେ । ସ୍ୱୟଂସେବକ ମାନେ ପ୍ରତିକୂଳ ପରିସ୍ଥିତିରେ ବଗି ଭିତରକୁ ଯାଇ ରାତିସାରା ଆହତମାନଙ୍କୁ ସ୍ଥାନାନ୍ତର କରିବାରେ ଲାଗିଲେ ଏବଂ ଅନ୍ୟ ସ୍ୱୟଂସେବକମାନେ ସେମାନଙ୍କୁ ଡାକ୍ତରଖାନା ନେଇ ଯାଇଥିଲେ ।

ସଂଘର ପ୍ରାନ୍ତ ପ୍ରଚାର ପ୍ରମୁଖ ରବି ନାରାୟଣ ପଣ୍ଡା କହିଛନ୍ତି ଯେ, ସ୍ୱୟଂସେବକମାନେ ପ୍ରଶାସନ ଏବଂ ଯବାନମାନଙ୍କ ସହିତ ମିଶି ଏହି ଦୁର୍ଘଟଣାରେ ଫସି ରହିଥିବା ଆହତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହିତ ବଗି ଭିତରୁ ବାହାରକୁ ବାହାର କରିଥିଲେ । ସ୍ୱୟଂସେବକମାନେ ଆହତ ଯାତ୍ରୀଙ୍କୁ ବାହାରକୁ ବାହାର କରିବା ସହିତ ଆମ୍ବୁଲାନ୍ସରେ ବସାଇବା କାର୍ଯ୍ୟ ମଧ୍ୟ କରିଥିଲେ । ଆହତ ଯାତ୍ରୀମାନଙ୍କୁ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ସଂଘର ବାଲେଶ୍ୱର ବିଭାଗ ପ୍ରଚାରକ ଚନ୍ଦ୍ରଶେଖର ମହାପାତ୍ରଙ୍କ ତତ୍ୱାବଧାନରେ ସ୍ୱୟଂସେବକ ମାନେ ବିଭିନ୍ନ ପ୍ରକାର ସେବାକାର୍ଯ୍ୟରେ ନିୟୋଜିତ ଥିଲେ । ଏଠାରେ ଆହତମାନଙ୍କ ପାଇଁ ସ୍ୱୟଂସେବକମାନଙ୍କ ତରଫରୁ ରକ୍ତଦାନ ଆରମ୍ଭ କରାଯାଇଥିଲା । ପ୍ରାୟ ୩୦୦ ସ୍ୱୟଂସେବକ ରକ୍ତଦାନ କରିଥିଲେ । ସେହିଭଳି କିଛି ଆହତ ଯାତ୍ରୀଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟାଳୟ ଚିକିତ୍ସାଳୟ ଏବଂ ସୋର ଚିକିତ୍ସାଳୟକୁ ନିଆଯାଇଥିଲା । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ହିନ୍ଦୁ ଜାଗରଣ ମଂଚ, ବଜରଙ୍ଗ ଦଳ, ସେବାଭାରତୀର ଶତାଧିକ ସ୍ୱୟଂସେବକ ନିରନ୍ତର ଭାବରେ ସାହାଯ୍ୟ କାର୍ଯ୍ୟରେ ନିୟୋଜିତ ଥିଲେ ।

ଏହି ଭୟଙ୍କର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପରିବାରକୁ ସାହାଯ୍ୟ କରିବାରେ ସ୍ୱୟଂସେବକମାନେ ନିୟୋଜିତ ଥିଲେ । ସେହିଭଳି କଟକ ଏସ୍.ସି,ବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସଂଗଠନର ସେବା ବିଭାଗ ସହିତ ଜଡିତ ସ୍ୱୟଂସେବକମାନେ ସକ୍ରିୟ ରହିଥିଲେ । ଏହି ଆହତ ଯାତ୍ରୀମାନଙ୍କୁ ସେବା ଯୋଗାଇବା ସହିତ ସ୍ୱୟଂସେବକମାନେ ମଧ୍ୟ ସେମାନଙ୍କ ପରିବାର ସହିତ ଯୋଗାଯୋଗ କରିବା ଏବଂ ସେମାନଙ୍କୁ ସୂଚନା ଦେବା କାର୍ଯ୍ୟରେ ନିୟୋଜିତ ଥିଲେ । ସଂଗଠନର କ୍ଷେତ୍ରସେବା ପ୍ରମୁଖ ଜଗଦୀଶ ପ୍ରସାଦ ଖାଡଙ୍ଗା ଏବଂ ପ୍ରାନ୍ତ ସେବାପ୍ରମୁଖ ଶାନ୍ତନୁ ମାଝି ଦୁର୍ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଏହି ସେବାକାର୍ଯ୍ୟ ସେମାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କରାଯାଇଥିଲା ।

## ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ବନ ମହୋତ୍ସବ

କେନ୍ଦ୍ରାପଡ଼ା, ୦୫/୦୬ (ନି.ପ୍ର): କେନ୍ଦ୍ରାପଡ଼ାର ସର୍ବ ପୁରାତନ ସଙ୍ଗୀତ ଶିକ୍ଷାନୁଷ୍ଠାନ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ସ୍ଥାନୀୟ ଇଛାପୁର ଶ୍ମଶାନ ଘାଟ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଛାତ୍ରୀମାନେ ଶ୍ରୀ ବଳଦେବଜୀଉ ମନ୍ଦିର ନିକଟରୁ ବିଭିନ୍ନ ପ୍ରଜାତିର ଚାରା ଗଛ ସହିତ ଏକ ଶୋଭାଯାତ୍ରାରେ ବାହାରି ଇଛାପୁର ଶ୍ମଶାନ ଘାଟ ଠାରେ ପହଂଚି ସେଠାରେ ବୃକ୍ଷରୋପଣ କରିଥିଲେ । ଉମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ବୃକ୍ଷ ରୋପଣ ପୂର୍ବରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ, ଗଛ ମଣିଷ ବିନୋଦ କୁମାର ନାୟକ, ପ୍ରକୃତି ବନ୍ଧୁ ବାପି ଗୋଛାୟତ, ଶଶି ପ୍ରସାଦ ମହାରଣା, ସ୍ୱରାଜ କୁମାର ଦାସ, ବିଷ୍ଣୁପ୍ରିୟା ସାମଲ, ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ, ପରିବେଶ ପ୍ରତି ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ସହିତ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବହୁ ବିଶିଷ୍ଟ ଛାତ୍ରଛାତ୍ରୀ ସମାଜସେବୀ ଯୋଗ ଦେଇଥିବା ବେଳେ ଗୌତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଂସାର ପଂଚାୟତରେ ସିଆରପି ନିଯୁକ୍ତିରେ ଟଂଚକତା ଅଭିଯୋଗ

କେନ୍ଦ୍ରାପଡ଼ା, ୦୫/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ କଂସାର ପଂଚାୟତ ବନ୍ଧପଡା ଗ୍ରାମରେ ସିଆରପି ନିଯୁକ୍ତିରେ ବ୍ୟାପକ ଟଂଚକତା ହୋଇଥିବା ଜିଲ୍ଲାପାଳ ଓ ମଣ୍ଡଳ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ବନ୍ଧପଡା ଗ୍ରାମର ସଙ୍ଗୀତା ପାଳ ମା ବିଲୋନାହାକାଣୀ (ଖ) ଏସ୍.ଏଚ୍.ଜି ର ସଭାପତି ଅଟେ । ମୋର ଆଂଚଳିକ ମଂଚର ନାମ ଏଲ ନନ୍ଦିଘୋଷ ଅଟେ । ଏହି ନନ୍ଦିଘାଷ ମଂଚରେ ସିଆରପି ଚୟନ ନିମନ୍ତେ ୬ ଜଣ ଆବେଦନ କରିଛନ୍ତି । ଏଥର ମଧ୍ୟରୁ ୧, ୨, ୪ ନଂରେ ଥିବା ଆବେଦନକାରୀ କୌଣସି ଏସ୍ଏଚ୍ଜି ଗ୍ରୁପରେ ନାହାଁନ୍ତି । ସିଆରପି ଚୟନ ପାଇଁ ଆବେଦନ ହେବାରୁ ଏମାନେ ଟଂଚକତା କରି ଆବେଦନ କରିଥିବା ସଙ୍ଗୀତା ଜିଲ୍ଲାପାଳ ଓ ବିଡିଓଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗ କରିଛନ୍ତି ।

# ଏନଆଇଆରଏଫ୍ ରାଙ୍କିଙ୍ଗ୍ : ଶ୍ରେଷ୍ଠ ୨୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାର ସୋଆ, କିଟ୍



ଭୁବନେଶ୍ୱର, ୦୫/୦୬ (ନି.ପ୍ର): ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ ଫ୍ରେମୱାର୍କ (ଏନଆଇଆରଏଫ) ପକ୍ଷରୁ ୨୦୨୩ର ତାଲିକା ପ୍ରକାଶ ପାଇଛି । କେନ୍ଦ୍ର ଶିକ୍ଷା ଓ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜକୁମାର ରଞ୍ଜନ ସିଂହ ସୋମବାର ଏହି ତାଲିକା ଜାରି କରିଛନ୍ତି । ଏହି ତାଲିକାରେ ଓଡ଼ିଶାର ଶିକ୍ଷା ଓ ଅନୁସଂଧାନ ବିଶ୍ୱବିଦ୍ୟାଳୟ ୨୬ତମ ସ୍ଥାନରେ ଥିବାବେଳେ କିଟ୍ ୨୯ ତମ ଓ ଏନଆଇଟି ରାଉରକେଲା ୩୭ତମ ଓ ଆଇଆଇଟି ରାଉରକେଲା ୯୧ତମ ସ୍ଥାନରେ ରହିଛି । ବିଶ୍ୱବିଦ୍ୟାଳୟ ବର୍ଗରେ ସୋଆ ୧୫ ତମ ସ୍ଥାନରେ ଥିବାବେଳେ କିଟ୍ ୧୬ତମ ସ୍ଥାନରେ ରହିଛି । ସେହିପରି ଏନଆଇଟି ରାଉରକେଲା ଜାତୀୟ ସ୍ତରରେ ୧୬ତମ ସ୍ଥାନ ସହ ଓଡ଼ିଶାର ଶ୍ରେଷ୍ଠ ଇଂଜିନିୟରିଂ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇଛି । ମ୍ୟାନେଜମେଣ୍ଟ ବର୍ଗରେ ଜାଭିଏର ବିଶ୍ୱବିଦ୍ୟାଳୟ ୪୬ ତମ ସ୍ଥାନରେ ରହିଛି ଓ ଓଡ଼ିଶାର ଶ୍ରେଷ୍ଠ ମ୍ୟାନେଜମେଣ୍ଟ ଅନୁଷ୍ଠାନର ମାନ୍ୟତା ପାଇଛି । ମେଡିକାଲ କଲେଜ ବର୍ଗରେ ସୋଆ ୧୬ ତମ ସ୍ଥାନରେ ଓ ଏମ୍ସ ଭୁବନେଶ୍ୱର ୧୭ତମ ସ୍ଥାନରେ ରହିଛି ।

ଏହି ରାଙ୍କିଙ୍ଗ ତାଲିକା nirfindia.org ଅଫିସିଆଲ ୱେବସାଇଟରେ ଉପଲବ୍ଧ । ଏହି ମାନ୍ୟତା ଢାଞ୍ଚାରେ ଶିକ୍ଷାଦାନ, ଶିକ୍ଷଣ ଏବଂ ସମ୍ବଳ (ଟିଏଲଆର), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆରପି), ସ୍ନାତକ ଫଳାଫଳ (ଜିଓ), ଆଉଟ୍ରିଚ୍ ଏବଂ ଅନ୍ତର୍ଭୁକ୍ତୀକରଣ (ଓଆଇ) ଏବଂ ଧାରଣା (ପିଆର)ର ମାନଦଣ୍ଡର ପାଞ୍ଚଟି ବ୍ୟାପକ ସାଧାରଣ ମାନଦଣ୍ଡ ଅଧୀନରେ ଅନୁଷ୍ଠାନଗୁଡ଼ିକୁ ମାନ୍ୟତା ଏବଂ ତାଲିକାଭୁକ୍ତ କରାଯାଇଛି ।

ଚଳିତ ବର୍ଷ ଆଇଆଇଟି ମାଡ୍ରାସ ସାମଗ୍ରିକ ମାନ୍ୟତାରେ ଶୀର୍ଷରେ ରହିଛି । ମେଡିକାଲ କଲେଜ ତାଲିକାରେ ଦିଲ୍ଲୀ ଏମ୍ସ ପ୍ରଥମ, ଚଣ୍ଡିଗଡ଼ର ପିଜିଆଇଏମ୍ଇଆର୍ ଦ୍ୱିତୀୟ ଏବଂ ଭେଲୋରର ଖ୍ରୀଷ୍ଟିଆନ୍ ମେଡିକାଲ କଲେଜ ତୃତୀୟ ସ୍ଥାନରେ ରହିଛି । ଏହି ତାଲିକାରେ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ମହାବିଦ୍ୟାଳୟ ଓ ଶ୍ରେଷ୍ଠ ଇଞ୍ଜିନିୟରିଂ, ମେଡିକାଲ, ଆଇନ ଓ ପରିଚାଳନା ଓ ଫାର୍ମା କଲେଜ ଆଦି ଉପବର୍ଗରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ମାନ୍ୟତା ରହିଛି ।

# ଶିଶୁଗୃହର ଅନ୍ତେବାସୀ ମାନଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିବିର ୨୦୨୩ ଉଦ୍ଯାପିତ

ମାଲକାନଗିରି, ୦୫/୦୬ (ନି.ପ୍ର): ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମ କାଳୀନ ଶିବିର-୨୦୨୩ ର ଉଦଯାପନୀ ଉତ୍ସବ ରବିବାର ଦିନ ଅନ୍ୱେଷା ଛତ୍ରାବାସ ଠାରେ ଅନୁଷ୍ଠିତ ହୋଇଯାଇଅଛି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମାଲକାନଗିରି ଓ ଜିଲ୍ଲା ପ୍ରଶାସନ ମାଲକାନଗିରି ଦ୍ୱାରା ଆୟୋଜିତ ଗ୍ରୀଷ୍ମ କାଳୀନ ଶିବିରରେ ଜିଲ୍ଲାରେ ଥିବା ତିନୋଟି ଶିଶୁଯତ୍ନ ଅନୁଷ୍ଠାନର ୧୬୦ ଜଣ ଅନ୍ତେବାସୀ ଓ ୪୦ ଜଣ କର୍ମଚାରି ଅଂଶ ଗ୍ରହଣ କରିଥିଲେ ଓ ପାଂଚ ଦିନ ମଧ୍ୟରେ ପ୍ରତ୍ୟକ ଶିଶୁର ଆଗ୍ରହ ଓ ଦକ୍ଷତା କୁ ଆଧାର କରି ସେମାନଙ୍କୁ ଆତ୍ମସୁରକ୍ଷାର କୌଶଳ, କଠିନ ପରିସ୍ଥିତିର ମୁକାବିଲା, ସ୍ୱଚ୍ଛ ଓ ସୁସ୍ଥ ରହିବାର କୌଶଳ, ଯୋଗ ଓ ଧ୍ୟାନର ପ୍ରଶିକ୍ଷଣ, ସଙ୍ଗୀତ, ନୃତ୍ୟ, ଅଭିନୟ ପ୍ରଶିକ୍ଷଣ, ତୀର ଚାଳନା ଓ ଶିଶୁ ଅଧିକାର ସମ୍ବନ୍ଧୀୟ ଆଇନ ଉପରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯାଇଥିଲା ଓ ସମାପନ ଦିବସରେ ଶିଶୁମାନଙ୍କର ବୌଦ୍ଧିକ ବିକାଶ ଓ ସେମାନଙ୍କ ମଧ୍ୟରେଥିବା ସୃଜନୀ ଶକ୍ତିର ବିକାଶ ପାଇଁ ସାମ୍ବାଦିକ ରତ୍ନାକର ଦାଶ ଙ୍କ ତତ୍ୱାବଧାନ ରେ ଶିଶୁମାନଙ୍କୁ ପ୍ରସଙ୍ଗଭିତିକ ସମସ୍ୟାର ଉପସ୍ଥାପନାର କୌଶଳ ଓ ପ୍ରଣାଳୀ ଶିକ୍ଷାଦାନ କରାଯାଇଥିଲା ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ , ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ଓ ଅନ୍ୟତମ ଅତିଥି ଭାବରେ ଆରକ୍ଷୀ ଉପ-ଅଧୀକ୍ଷକ ସତ୍ୟ ବିକାଶ ଭୂୟାଁ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ ଓ ସଦସ୍ୟ ବିଭୁତି ଭୂଷଣ ବେହେରା ଯୋଗ ଦେଇଥିଲେ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ମଂଚ ପରିଚାଳନା କରିଥିଲେ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ସମସ୍ତ କର୍ମଚାରି , ଜିଲ୍ଲା ପର୍ଯ୍ୟବେକ୍ଷଣ ଗୃହ ର କର୍ମକର୍ତ୍ତା, ଚାଇଲ୍ଡ ଲାଇନ ମାଲକାନଗିରି ଓ ଆଓମା ର କର୍ମକର୍ତ୍ତା ମାନଙ୍କ ସହାୟତା ରେ ଶିବିରଟିକୁ ସଫଳ କରାଯାଇଥିଲା ।

# ଅମଲାଙ୍କ ଆନ୍ଦୋଳନ ଜାରି ରହିବ

ଜୟପୁର, ୦୫/୦୬ (ନି.ପ୍ର): ମୁଖ୍ୟ ଶାସନ ସଚିବ ଙ୍କ ସହିତ ଆଲୋଚନା ବିଫଳ ହେବା ପରେ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ କର୍ମକର୍ତ୍ତାଙ୍କୁ ନେଇ ରେଡକ୍ରସ ଭବନ ଭୁବନେଶ୍ୱରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନାରାୟଣ ଦାଶ ଅଧ୍ୟକ୍ଷ ରାଜ୍ୟ ମିଳିତ ଅମଲା ମଂଚ ଓଡ଼ିଶା ଙ୍କ ଆହ୍ୱାନ କ୍ରମେ ୩୦ ଗୋଟି ଜିଲ୍ଲାର ମିଳିତ ଅମଲା ମଂଚ ଅଧ୍ୟକ୍ଷ, ସଭାପତି ତଥା ଆବାହକ, ଓଡ଼ିଶା ଅମଲା ସଂଘ ର ସଭାପତି, ସମ୍ପାଦକ, କାର୍ଯ୍ୟ ନିର୍ବାହୀ ସଦସ୍ୟ, ଟ୍ରେଜେରି ସଂଘ ର କର୍ମକର୍ତ୍ତା , ଉପ ନିବନ୍ଧକ ସଂଘର କର୍ମକର୍ତ୍ତା, ରାଜ୍ୟ ରାଜସ୍ୱ , ରାଜ୍ୟ ଟ୍ରେଜେରି , ରାଜ୍ୟ କୋଷାଧ୍ୟକ୍ଷ ଓ ରାଜ୍ୟ ଓଡିଶା ଅମଲା ସଂଘର ରାଜ୍ୟ ସଭାପତି, ସାଧାରଣ ସମ୍ପାଦକଙ୍କ ସମେତ କାର୍ଯ୍ୟ ନିର୍ବାହୀ ସଦସ୍ୟ ମାନେ ଶତାଧିକ ମାତ୍ରା ରେ ଯୋଗଦାନ କରିଥିଲେ । ସେହିପରି କୋରାପୁଟ ଜିଲ୍ଲା ମିଳିତ ଅମଲା ମଂଚ ପକ୍ଷରୁ ଶ୍ରୀ ଶଶୀଭୂଷଣ ଦାଶ ସଭାପତି, ପ୍ରସନ୍ନ କୁମାର ନାୟକ ଅଧ୍ୟକ୍ଷ ସାନ୍ତନୁ କୁମାର ଜେନା ଓ ସତ୍ୟ ରଞ୍ଜନ ତ୍ରିପାଠୀ ସଦସ୍ୟ ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଉକ୍ତ ବୈଠକରେ ଯୋଗଦାନ କରିଥିଲେ । ଅମଲା ମାନଙ୍କ ଦୀର୍ଘ ଦିନର ଏକ ମାତ୍ର ଦାବି ସରକାର ପୂରଣ କରି ନଥିବା ଯୋଗୁଁ ସମଗ୍ର ୩୦ ଗୋଟି ଜିଲ୍ଲାର ୫୦ ହଜାର ଅମଲା ଜୁନ ୧ ତାରିଖ ଠାରୁ ସମୂହ ଛୁଟିରେ ରହିବା ସହିତ କାର୍ଯ୍ୟ ବନ୍ଦ କରି ପ୍ରତି ଜିଲ୍ଲା ମୁଖ୍ୟାଳୟ ଠାରେ ଧାରଣା ଦେଇଥିଲେ ଏନେଇ ମୁଖ୍ୟ ଶାସନ ସଚିବ ସଂଘ କର୍ମକର୍ତ୍ତାମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ ମଧ୍ୟ ଆଲୋଚନାରୁ କିଛି ସୁଫଳ ମିଳିନଥିବା ସଂଘ ପକ୍ଷରୁ ସୂଚନା ମିଳିଛି । ତେଣୁ ପୁର୍ବ ପରି ଅମଲା ମାନେ ଛୁଟି ରେ ରହିବା ସହିତ ଆନ୍ଦୋଳନକୁ ଆହୁରି ତିବ୍ର କରିବା ନିମନ୍ତେ ଆଲୋଚନା ହୋଇଥିବା ବିଶେଷ ସୂତ୍ରରୁ ପ୍ରକାଶ ।

# ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ଅଧିବେସନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ

ମାଲକାନଗିରି, ୦୫/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଆଜି ଜିଲ୍ଲା ସ୍ତରୀୟ ବୈଠକ ସହ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସଂଘ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଶିବଦତ ସାହୁଙ୍କ ଅଧ କ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୭୦ରୁ ଊର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ସଂଘରୁ ଆସିଥିବା ନରସିଂହ ବ୍ରହ୍ମା ଓ ପ୍ରଦୀପ କୁମାର ବକ୍ସି ଉପସ୍ଥିତ ରହି ସଂଘ ସମ୍ବନ୍ଧରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସାମାଜିକ ସୁରକ୍ଷା ଆଇନ ଲାଗୁ କରିବା, ସ୍ୱାସ୍ଥ୍ୟବୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ବୃଦ୍ଧି କରିବା, ବିଭିନ୍ନ ଜିଲ୍ଲାରେ ସାମ୍ବାଦିକ ମାନଙ୍କ ଉପରେ ହେଉଥିବା ଆକ୍ରମଣ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମସ୍ତ ସାମ୍ବାଦିକଙ୍କୁ ଅବସରକାଳୀନ ପେନସନ୍ ପ୍ରଦାନ କରିବା ଇତ୍ୟାଦି ଦାବି ସରକାର ତୁରନ୍ତ ଗ୍ରହଣ କରିବା ପାଇଁ ଦାବି କରା ଯାଇଥିଲା। ପରେ ପରେ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନ ପରିଚାଳନା ଦାୟିତ୍ୱରେ ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ନିର୍ଦ୍ଦେଶରେ ଶ୍ରୀ ବ୍ରହ୍ମା, ଶ୍ରୀ ବକ୍ସି ଓ ଶ୍ରୀ ସାହୁ ପରିଚାଳନା କରିଥିଲେ । ସର୍ବ ସମ୍ମତିକ୍ରମେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଭାବେ ଦୁର୍ଯ୍ୟୋଧନ ପାତ୍ର ପୁନର୍ବାର ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ ମିଶ୍ର, ଉପ ସଭାପତି ମୁକୁନ୍ଦ ନାୟକ, ସାଧାରଣ ସମ୍ପାଦକ ବି. ଶ୍ରୀନିବାସ ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ଦାସ, ଯୁଗ୍ମ ସମ୍ପାଦକ ଅପୂର୍ବ ଥଣ୍ଡର, ବିଦେଶୀ ଗୌଡ, କୋଷାଧ୍ୟକ୍ଷ ହୃଷିକେଷ ସେଠି, ଉପଦେଷ୍ଟା ପ୍ରଭାକର ସୁନା, ସିମାଂଚଳ ପାଣିଗ୍ରାହି ମନୋନୀତ ହୋଇଥିଲା ବେଳେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଭଗବାନ ସାହୁ, ବିଦ୍ୟୁତ୍ ବୈରାଗୀ, ବିକ୍ରମ ସ୍ୱାଇଁ, ବାସୁଦେବ ଜେନା, ମାଣିକ ବାଛାର, ଏ. ଦେବାଶିଷ ପାତ୍ର ମନୋନୀତ ହୋଇଥିଲେ । ପର୍ଯ୍ୟବେକ୍ଷକ ଶ୍ରୀ ବ୍ରହ୍ମ ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲା ବେଳେ ଶ୍ରୀ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭୟାରଣ୍ୟରେ ମହାବଳ ବାଘ ଶିକାର: ୬ ଶିକାରୀଙ୍କୁ ଅଟକ ରଖିଛି ଛତିଶଗଡ଼ ବନ ବିଭାଗ



ନୂଆପଡ଼ା, ୦୫/୦୬ (ନି.ପ୍ର): ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତ ସୁନାବେଡ଼ା ଓ ଉଦନ୍ତୀ ଅଭୟାରଣ୍ୟରେ ମହାବଳ ବାଘ ଶିକାର କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଛତିଶଗଡ଼ ବନ ବିଭାଗ ନୂଆପଡ଼ା ଜିଲ୍ଲାର ୬ ଜଣ ଶିକାରୀଙ୍କୁ ଉଠାଇ ନେଇଛି । ଏ ସମ୍ପର୍କରେ ନୂଆପଡ଼ା ବନ ବିଭାଗ ପାଖରେ କେ ?ଣସ ଖବର ନଥିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ମତେ, ଉଦନ୍ତୀ ଅଭୟାରଣ୍ୟରେ ଛତିଶଗଡ଼ ବନ ବିଭାଗ ଟ୍ରାକ୍ କ୍ୟାମେରା ଲଗାଇଥିଲା । କ୍ୟାମେରାରେ ମହାବଳ ବାଘ ଚଳପ୍ରଚଳ କରୁଥିବା ଚିତ୍ର କଏଦ ହୋଇଥିଲା । ହେଲେ, କିଛିଦିନ ହେବ କ୍ୟାମେରାରେ ବାଘର ଚିତ୍ର ନଆସିବାରୁ ବନ ବିଭାଗ ଚିନ୍ତା ପ୍ରକଟ କରିଥିଲା । ବାଘର ସ୍ଥିତି ସଂପର୍କରେ ତଦନ୍ତ ଆରମ୍ଭ କରାଯାଇଥିଲା । ଶନିବାରଠାରୁ ଉଦନ୍ତୀ ଅଭୟାରଣ୍ୟରେ ଡିଏଫ୍ଓ ଅନୁଜ ଜୈନଙ୍କ ନେତୃତ୍ୱରେ ଏସିଏଫ୍, ରେଞ୍ଜର, ଫରେଷ୍ଟର ମିଶି ୨୦ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଥିଲେ । ତେବେ ବାଘକୁ ମାରି ଦିଆଯାଇଥିବା ସନ୍ଦେହ କରି ରବିବାର ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରେଞ୍ଜ ବୋଡ଼େନ ଥାନା ଖଲ୍ଲୁପାଣି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଉକ୍ତ ଟିମ୍ ଚଢ଼ଉ କରିଥିଲେ । ସେଠାରୁ ଏକ ଫୁଟ୍ ଲମ୍ବର ମହାବଳ ବାଘର ଛାଲ ସହ ଫାଶ, ଦେଶୀ ବନ୍ଧୁକ ଓ ବନ୍ୟପ୍ରାଣୀ ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଥିଲେ । ଏହାପରେ ଛତିଶଗଡ଼ ବନ ବିଭାଗ ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅଞ୍ଚଳର ୬ ଜଣଙ୍କୁ ଉଠାଇ ନେଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ନୂଆପଡ଼ା ବନ ବିଭାଗ ଡିଏଫ୍ଓ ସୁଶୀଳ ତ୍ରିପାଠୀଙ୍କୁ ପଚାରିବାରୁ ଛତିଶଗଡ଼ ବନ ବିଭାଗ ଆସି ଚଢ଼ଉ କରିଥିବା ସୂଚନା ମିଳିଛି, ହେଲେ ତାଙ୍କ ପାଖରେ ବର୍ତ୍ତମାନ ସୁଦ୍ଧା କୌଣସି ଖବର ନାହିଁ ବୋଲି ସେ ପ୍ରକାଶ କରିଥିଲେ ।

# ଉଠାଦୋକାନୀ ମାନଙ୍କ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ

ଭୁବନେଶ୍ୱର, ୦୫/୦୬ (ନି.ପ୍ର): ସମ୍ପ୍ରତି ଦେଶରେ ଦେଖା ଦେଇଥିବା ବୃକ୍ଷ ଛେଦନ, ଜଳବାୟୁ ପରିବର୍ତ୍ତନ, ମୃତିକା କ୍ଷୟ, ଉତାପ ବୃଦ୍ଧି, ପରିବେଶ ପ୍ରଦୂଷଣ, ଉନ୍ନତି ନାମରେ ଚାଲିଥିବା ବିନାଶ କଳ କାରଖାନା ପ୍ରତିଷ୍ଠା ପାଇଁ ବୃକ୍ଷଛେଦନ ଓ କମ୍ପାନୀମାନଙ୍କୁ ବଂଚାଇବା ପାଇଁ ଚାଲିଥିବା ମାଇନ୍ସ ଖନନ, ଧୂମ୍ରପାନ, ଗାଡ଼ି ମଟର ବୃଦ୍ଧି କାରଣ ଯୋଗୁ ବିଶ୍ୱରେ ଦିନକୁ ଦିନ ତାପାମାତ୍ରା ବୃଦ୍ଧି ପାଇବା ସହ ଜଳବାୟୁରେ ପରିବର୍ତ୍ତନ ଘଟିଛି । ଠିକ୍ ସମୟରେ ବର୍ଷା ନହେବାର କାରଣୁ ମରୁଡ଼ି ଦେଖାଦେବା ଭଳି ପରିସ୍ଥିତି ଉପୁଜିଛି ତାହା ମନୁଷ୍ୟକୃତ । ମଣିଷ ନିଜର ସ୍ୱାର୍ଥ ପାଇଁ ଘରେ ଶୀତତାପ ନିୟନ୍ତ୍ରଣ କୋଠରୀରେ ଶୋଇବା, ନିଜ ସୁଖ ପାଇଁ କଳ କାରଖାନା ଓ ଗାଡ଼ି ମଟରରୁ ନିର୍ଗତ ଧୂଆଁକୁ ଅତ୍ୟଧିକ ଉତ୍ପାଦନ କରିବା ଯୋଗୁ ଜଳବାୟୁରେ ପରିବର୍ତ୍ତନ ଦେଖାଦେବା ସହ କର୍କଟ ଓ କରୋନା ଭଳି ବହୁ ମାରାତ୍ମକ ରୋଗ ଦେଖାଦେଇଅଛି ଯାହାକି ଆଜି ପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନାହିଁ । ଲକ୍ଷ ଲକ୍ଷ ଲୋକ ଏଥିରେ ମୃତ୍ୟୁବରଣ କରିଛନ୍ତି । ମଣିଷ ପାଇଁ ବହୁ ସମୟରେ ପ୍ରକୃତିର ତାଣ୍ଡବ ଲୀଳା ରଚାଇ ହଜାର ହଜାର ଘରଦ୍ୱାର ଭାଙ୍ଗିଦେବା, ନିରୀହ ପଶୁପକ୍ଷୀମାନେ ମୃତ୍ୟୁମୁଖରେ ପଡ଼ିବା, ଜଙ୍ଗଲର ଜୀବଜନ୍ତୁ ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ଜାତୀୟ ଉଠାଦୋକାନୀ ଫେଡ଼େରେସନ, ଓଡ଼ିଶା ଉଠାଦୋକାନୀ ମହାସଂଘ, ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟ, ଜାତୀୟ ମହିଳା ଉଠାଦୋକାନୀ ଫେଡ଼େରେସନର ମିଳିତ ସହଯୋଗରେ ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ ଶହ ଶହ ଉଠାଦୋକାନୀ ମାଷ୍ଟର କ୍ୟାଂଟିନରୁ ଜନସଚେତନତା ଶୋଭାଯାତ୍ରାରେ ବାହାରି ମାଷ୍ଟର କ୍ୟାଂଟିନ ଛକ ଦେଇ ହାତରେ ପ୍ଲାକାର୍ଡ଼ ଧରି ଗଛ ବଂଚିଲେ ବିଶ୍ୱ ବଂଚିବ, ଗଛ କାଟିବା ବନ୍ଦ କର, ପ୍ଲାଷ୍ଟିକ ଜିନିଷ ବର୍ଜନ କର, ଗୁଟ୍ଖା, ସିଗାରେଟ ବନ୍ଦ କର ଆଦି ସ୍ଲୋଗାନ ଦେଇ ଲୋୟର ପିଏମ୍ଜିଠାରେ ପହଂଚିଥିଲେ । ଲୋୟର ପିଏମ୍ଜିରେ ପ୍ରଥମେ ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍ଗତ କାମନା କରି ୧ ମିନିଟ ନୀରବ ପ୍ରାର୍ଥନା କରାଯିବା ପରେ ଶ୍ରୀ ସାହୁଙ୍କ ସଭାପତିତ୍ୱରେ ଏକ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।

## ଆସନ୍ତୁ ଗଛଟିଏ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଜଳାଭାବ ଯୋଗୁ ମାଟି ଶୁଷ୍କ ହୋଇ ଯାଉଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଚାଷରେ ବାଧା ସୃଷ୍ଟି ହେବା ଫଳରେ ଚାଷୀମାନେ ଚାଷକାର୍ଯ୍ୟରେ କ୍ଷତିର ସମ୍ମୁଖୀନ ହୋଇ ଆତ୍ମହତ୍ୟା କରୁଛନ୍ତି। ଫଳରେ ଏହାର ପ୍ରଭାବ ସମାଜ ଉପରେ ପଡୁଛି। ଜଳସ୍ତର ହ୍ରାସ ପାଉଥିବାରୁ ଜଳ ସଙ୍କଟ ଉଗ୍ରରୂପ ଧାରଣ କଲାଣି। ପାନୀୟ ଜଳ ପାଇଁ ଲୋକମାନେ ତ୍ରାହି ବିକଳ ହେଉଛନ୍ତି। ଏଣୁ ବହୁ ପରିମାଣରେ ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରିବା ସହ ତାହାର ଉପଯୁକ୍ତ ସୁରକ୍ଷା ନିଆଯାଇ କିପରି ଜଙ୍ଗଲ ପରିସୀମା ବୃଦ୍ଧି ପାଇବା ସହ ଏହାର ସବୁଜିମା ଓ ଘନତ୍ୱ ଫେରି ପାଇବ ସେଥିପାଇଁ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀମାନେ ଉଦ୍ୟମ ଜାରି ରଖିଛନ୍ତି।

ତେବେ ଗଛ ଆମର ଏତେ ଉପକାରରେ ଆସୁଥିଲେ ମଧ୍ୟ କିଛି ଅସାଧୁ ବ୍ୟବସାୟୀଙ୍କ ପ୍ରରୋଚନାରେ ଶହ ଶହ ଗଛ କଟାଚାଲିଛି। ଏହି ବ୍ୟବସାୟୀମାନେ ମୂଲ୍ୟବାନ ଗଛ କାଟି ତାକୁ ଚଢ଼ା ଦରରେ ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି। ରାଧେ ରାଧେ, ତମର ଅଧେକୁ ଆମର ଅଧେ ନ୍ୟାୟରେ ଏହି ମଉକାରେ ଫାଇଦା ଉଠାନ୍ତି ବିଭାଗୀୟ ଅଧିକାରୀ ଓ କିଛି ମୁଷ୍ଟିମେୟ ରାଜନେତା। ସେପଟେ ଶିଳ୍ପ ପ୍ରତିଷ୍ଠା ଓ କଳକାରଖାନା ତିଆରି ପାଇଁ ଶହ ଶହ ଜଙ୍ଗଲ ମରୁଭୂମିରେ ପରିଣତ ହେଉଛି। ବଳି ପଡୁଛନ୍ତି ଲକ୍ଷ ଲକ୍ଷ ସଂଖ୍ୟାର ଗଛ। ଏହି କଳ କାରଖାନାର ମାଲିକମାନେ ପ୍ରଶାସନିକ ଅଧିକାରୀଙ୍କ ସହିତ ସଲାସୁତୁରା ହୋଇ ମୋଟା ଅଙ୍କର ଉତ୍କୋଚ ଦେଇ ଗଛ କଟାଯାଇ ସେଠାରେ ବିଭିନ୍ନ ପ୍ରକାର କଳ କାରଖାନା ତିଆରି ହେଉଛି। ଗଛ କାଟିବା ଯୋଗୁ ପରିବେଶ ତ ପ୍ରଦୂଷଣ ହେଉଛି, ଏହି କଳ କାରଖାନା ପ୍ରତିଷ୍ଠା ଫଳରେ ଏହାର ବିଷାକ୍ତ ଧୂଆଁ ବାୟୁ ମଣ୍ଡଳରେ ମିଶୁଥିବା ବେଳେ ଏଥିରୁ ନିର୍ଗତ କେମିକାଲଯୁକ୍ତ ମଇଳା ପାଣି ନଦୀ ଓ ନାଳରେ ମିଶି ବିଷାକ୍ତ ହେବାରେ ଲାଗୁଛି। ଫଳରେ ଏହି ନଦୀ ନାଳର ପାଣିକୁ ବ୍ୟବହାର କରି ମଣିଷ ଓ ପଶୁପକ୍ଷୀମାନେ ମୃତ୍ୟୁବରଣ କରିବା ସହିତ ମାରାତ୍ମକ ରୋଗର ଶିକାର ହେଉଛନ୍ତି। କଳ କାରଖାନାକୁ ଲାଗି ରହିଥିବା ବହୁ ଚାଷ ଉପଯୋଗୀ ଜମିରେ ବିଷାକ୍ତ ଧୂଆଁ ଓ କେମିକାଲ ପାଣି ମାଡୁଥିବାରୁ ଉକ୍ତ ଜମିରେ ଫସଲ ହୋଇପାରୁ ନାହିଁ। ଫଳରେ ଶହ ଶହ ଚାଷୀ ନିଜର ଜୀବିକା ହରାଇ ବସୁଛନ୍ତି। ଏଥି ପ୍ରତି ପ୍ରଶାସନ କିମ୍ବା କଳକାରଖାନାର ମାଲିକମାନେ ସଚେତନ ହେଉନାହାଁନ୍ତି, ବରଂ ଅଭିଯୋଗ କଲେ ମିଳୁଛି ହତ୍ୟା ଧମକ। ଗୋଟିଏ ପଟେ ପରିବେଶକୁ ସୁରକ୍ଷା ଦେବାକୁ ଯାଇ ବୃକ୍ଷ ରୋପଣ ସହ ଏହାର ସୁରକ୍ଷା ନେବାକୁ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଥିବା ବେଳେ ଅପର ପକ୍ଷରେ ଶିଳ୍ପ ପ୍ରତିଷ୍ଠା ଓ କଳ କାରଖାନା ପ୍ରତିଷ୍ଠା ନାମରେ କଟା ଚାଲିଛି ଲକ୍ଷ ଲକ୍ଷ ସଂଖ୍ୟାରେ ଗଛ। ଏସବୁରୁ ବିରତ ରହି ମାନବ ସମାଜ ଓ ଜୀବଜଗତ ମଧ୍ୟରେ ସମନ୍ୱୟ ଭାବ ଜାଗ୍ରତ କରିପାରିଲେ ତାହା ପରିବେଶ ଉପରେ ଅନୁକୂଳ ପ୍ରଭାବ ପକାଇଥାଏ। ଜୀବଜଗତରେ ପ୍ରତିଟି ଜୀବନ ମୂଲ୍ୟବାନ, ସେ ମନୁଷ୍ୟ ହୁଅନ୍ତୁ, ପଶୁ ହୁଅନ୍ତୁ, କୀଟପତଙ୍ଗ ଅବା ବୃକ୍ଷ। ଜୀବଜଗତର ସୃଷ୍ଟି ଓ ସ୍ଥିତି ପାଇଁ ବୃକ୍ଷ ତଥା ବନ୍ୟଜନ୍ତୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାନବ ସମାଜ ପଶୁପକ୍ଷୀ, କୀଟପତଙ୍ଗ ଏବଂ ବୃକ୍ଷ ପ୍ରତି ନିଷ୍ଠୁରତା ନହୋଇ ଦୟାଶୀଳ ହେଲେ ତାହା ସମାଜ, ପରିବେଶ ତଥା ଜୀବଜଗତ ପାଇଁ ଫଳପ୍ରଦ ହୋଇଥାଏ। ତେଣୁ ଆସନ୍ତୁ ବିଶ୍ୱ ପରିବେଶ ଦିବସରେ ଗଛଟିଏ ଲଗାଇବା, ପରିବେଶକୁ ସୁରକ୍ଷିତ ରଖିବା।

+କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର

## ଜାତୀୟସ୍ତର ଦୌଡ଼ ପ୍ରତିଯୋଗିତାରେ ଭଦ୍ରକର ଗୌରବ



ଭଦ୍ରକ , ୫/୦୬ (ନି.ପ୍ର): ମଧ୍ୟପ୍ରଦେଶର ଗ୍ୱାଲିୟର ଠାରେ ଆୟୋଜିତ ଜାତୀୟସ୍ତରର ଦୌଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଭଦ୍ରକ ଜିଲ୍ଲାର ୩ ଖେଳାଳୀ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଜି ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ୩ ଧାବକଙ୍କୁ ସେମାନଙ୍କ ସଫଳତାର ପ୍ରଶଂସା କରି ଉତ୍ସାହିତ କରିବା ସହିତ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅଭିନନ୍ଦନ ଜଣାଇଥିଲେ । ସୂଚନାଯୋଗ୍ୟକି ସ୍ପୋର୍ଟସ୍ ଡ଼େଭେଲପ୍‌ମେଣ୍ଟ ଆଣ୍ଡ ପ୍ରମୋସନ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫ମ ଥର ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ଏହି ଖେଳାଳୀମାନେ ଭାଗ ନେଇଥିଲେ । ଚାନ୍ଦବାଲିର ମାଧପୁର ର ସଂଗ୍ରାମ ଦାସ ୨୦୦ ମିଟର ଦୌଡ଼ରେ ପ୍ରଥମ, ପୀରହାଟର ହରିଶଙ୍କର ପାଣିଗ୍ରାହୀ ୪୦୦ ମିଟର ଦୌଡ଼ରେ ପ୍ରଥମ ଏବଂ ମହୁଲିଆର ସ୍ୱୟମ୍ ପ୍ରକାଶ ସାହୁ ୧୫୦୦ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନ ହାସଲ କରି ପଦକ ଅର୍ଜନ କରିଥିଲେ। ପ୍ରକାଶ ଥାଉକି ଏହି ତିନି ଖେଳାଳୀ ଗରିବ ପରିବାରର ହୋଇଥିବାରୁ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯାତାୟତ ବାବଦ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ଜଣ ପ୍ରତି ୧୦ ହଜାର ଟଙ୍କା ଲେଖାଁଏ ମଞ୍ଜୁର କରିଥିଲେ ।

## ରାସ୍ତା ସଫାକଲେ ସ୍ଥାନୀୟ ଯୁବକ



ଲଙ୍ଗଳେଶ୍ୱର, ୫/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ସେତପୁରା-ନେପୁରା ରାସ୍ତାର ସାଇମନ୍ଦିର ପାଖରେ ଝଡବର୍ଷାରେ ଗଛପଡି ରାସ୍ତା ଅବରୋଧ ହୋଇଯାଇଥିଲା । ସ୍ଥାନୀୟ ନେପୁରା ଗ୍ରାମର ଯୁବକମାନେ ରାସ୍ତା ସଫା କରିଥିଲେ । ରାସ୍ତା ଉପରେ ଗଛପଡିବାରୁ ଲୋକେ ଯିବାଆସିବା କରିବାରେ ହଇରାଣ ହୋଇଥିଲେ ।କରତ ସାହାଯ୍ୟରେ ଗଛକୁ କାଟି ରାସ୍ତାକୁ ସ୍ଥାନୀୟ ଯୁବକମାନେ ସଫାସୁତୁରା କରିଥିଲେ । ଗ୍ରାମର ଡ.ଅଜୟ କୁମାର ବେହେରା ଙ୍କ ନେତୃତ୍ୱରେ ଶିକ୍ଷକ ପାର୍ଥସାରଥୀ ବେହେରା, ସଂକଳ୍ପ ଜେନା,ଖେଳ ଶିକ୍ଷକ ଦେବାଶିଷ ବେହେରା,ମୁନା ଦେ, ଗଜେନ୍ଦ୍ର ଦେ,ଜୟୀ ଦେ ପ୍ରମୁଖ ନେପୁରା ଗ୍ରାମର ଯୁବକମାନେ ରାସ୍ତା ସଫାରେ ସହଯୋଗ କରିଥିଲେ । ସ୍ଥାନୀୟ ଯୁବକମାନଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଯୁଗଶ୍ରୀ ଟ୍ରଷ୍ଟ ଓ ଗ୍ରୀନ ଇଣ୍ଡିଆ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ବାଲେଶ୍ୱର, ୫/୦୬ (ନି.ପ୍ର): ଯୁଗଶ୍ରୀ ଟ୍ରଷ୍ଟ ଓ ଗ୍ରୀନ ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସୋମାବାର ପାଳିତ ହୋଇଯାଇଛି। ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ମିଶନ ବାଳିକା ଉଚ୍ଚ ବିଦ୍ୟାଳୟ, ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଓ ବାଲେଶ୍ୱର ଟେକ୍ନିକାଲ ସ୍କୁଲ ପରିସରରେ ବିଭିନ୍ନ ଫଳ, ଔଷଧୀୟ ଓ ଶାଗୁଆନ ବୃକ୍ଷର ଚାରା ରୋପଣ କରାଯାଇଥିଲା । ଯୁଗଶ୍ରୀ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ମମତା ମହାପାତ୍ର, ଗୀତାଞ୍ଜଳି ସିଂହ, ସଂପାଦକ କମଳାକାନ୍ତ ଦାଶ, ଗ୍ରୀନ ଇଣ୍ଡିଆ ଫାଉଣ୍ଡେସନର ଆବାହକ ଅକ୍ଷୟ ପତି, ସମାଜସେବୀ ଶୁଭଙ୍କର ମହାପାତ୍ର, ପ୍ରଶାନ୍ତୀ ସାହୁ, ଡ. ଗିରୀଶ କିଙ୍କର ମଲିକ, ଇଂ. ଡ଼ମ୍ବରୁଧର ବିଶୋଇ, ଇଂ. ତ୍ରିଭୁବନ ଦାସ, ଦେବାଶିଷ ଦାସ, ପ୍ରତାପ ଚନ୍ଦ୍ର ନାୟକ, ସମ୍ବିତ ସିଂହ, ଗୁଣାକର ଦେ, କୃତିବାସ ବେଜ, ବସନ୍ତ ପ୍ରଧାନ, ଅସିତ ପାତ୍ର, କିଶୋର ରାଉତ, ସନ୍ତୋଷ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ । ମ୍ୟୁନିସିପାଲ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନମିତା ମହାପାତ୍ର, ମିଶନ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ନାୟକ, ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡାଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁଗଶ୍ରୀ ଟ୍ରଷ୍ଟ ପକ୍ଷରୁ ମାଗଣା ଚାରା ରୋପଣ ଓ ବଣ୍ଟନ ନିଷ୍ପତ୍ତି ନିଆଯାଇଛି।

## ସ୍ଥାନୀୟ ଲୋକଙ୍କୁ ସାବାସୀ ଦେଲେ ଏସଆରସି

ଭୁବନେଶ୍ୱର, ୫/୦୬ (ନି.ପ୍ର): ବାହାନଗା ଟ୍ରେନ୍ ଦୁର୍ଘଟଣାରେ ସ୍ଥାନୀୟ ଲୋକଙ୍କ ତ୍ୱରିତ ପଦକ୍ଷେପ ପାଇଁ ବହୁ ଜୀବନ ବଂଚିଗଲା ବୋଲି କହିଛନ୍ତି ଏସଆରସି ସତ୍ୟବ୍ରତ ସାହୁ। ସେ କହିଛନ୍ତି ସ୍ଥାନୀୟ ଲୋକଙ୍କ ସହ ସମସ୍ତେ ଲାଗିଯିବାରୁ ଅନେକ ଜୀବନ ବଂଚିଗଲା। ତ୍ୱରିତ ଉଦ୍ଧାର ଓ ଚିକିତ୍ସା ଯୋଗାଇବାରୁ ୧୨ଶହ ଲୋକଙ୍କ ଜୀବନ ବଂଚିଗଲା। ସ୍ଥାନୀୟ ଲୋକଙ୍କୁ ଯେତେ ସାବାସୀ ଦେଲେ ବି କମ୍ ହେବ- ।ସ୍ଥାନୀୟ ଲୋକ, ଅଗ୍ନିଶମ ଟିମ୍, ଓଡ୍ରାଫ୍ ଟିମ୍ ପ୍ରଶଂସନୀୟ କାମ କରିଛନ୍ତି। ଠିକ୍ ସମୟରେ ଉଦ୍ଧାର ନହୋଇଥିଲେ ମୃତ୍ୟୁସଂଖ୍ୟା ବଢ଼ିଥାନ୍ତା ବୋଲି କହିଛନ୍ତି ଏସଆରସି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଆଜି କଟକ ଆସୁଛନ୍ତି...

ସର୍ବାଧିକ ୬୬ ଜଣ ଚିକିତ୍ସିତ ହେଉଛନ୍ତି।” ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ବାହାନଗା ଠାରେ କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୨୦୭ ଆହତ ହୋଇଥିବା ବେଳେ ୨୭୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ରେଳ ବିଭାଗ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛି। ତା ସହିତ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

### ଓଡ଼ିଶାରେ ଆଉ .....

ଉକ୍ତ ମାଲବାହୀ ଟ୍ରେନଟି ଏକ ଘରୋଇ ସିମେଣ୍ଟ କମ୍ପାନୀର। ଆଉ ଏହାକୁ ଚଲାଇବା ପାଇଁ ଯାହା କିଛି ଭିତ୍ତିଭୂମିର ଆବଶ୍ୟକତା ରହିଛି, ତାହା ଉକ୍ତ କମ୍ପାନୀ କରିଛି। ସେହି କମ୍ପାନୀ ଉକ୍ତ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ମଧ୍ୟ କରେ।

### ଆଜି କଟକ....

ଲୋକଙ୍କ ମଧ୍ୟରେ ଅଶାନ୍ତି କୁହୁଳିବାରେ ଲାଗିଛି। ପୂର୍ବରୁ ୩୦ ଟଙ୍କା କିଲୋ ପିଛା ମିଳୁଥିବା ଚାଉଳ ହଠାତ୍ ଡବଲ ହୋଇ ଯାଇଛି। ପିଆଜ କିଲୋ ପିଛା ପୂର୍ବରୁ ୩୫ ଟଙ୍କା ଥିବା ବେଳେ ତାହା ଏବେ ୭୦ ଟଙ୍କାରେ ପହଞ୍ଚିଛି। ଆଳୁ କିଲୋ ପିଛା ୧୫ ଟଙ୍କାରୁ ବଢ଼ି ୪୦ ଟଙ୍କା ଛୁଇଁଛି। ଅଣ୍ଡା ଗୋଟା ପିଛା ପୂର୍ବରୁ ୬ ଟଙ୍କା ଥିବା ବେଳେ ଏବେ ତାହା ୧୦ ଟଙ୍କାରେ ପହଞ୍ଚିଛି। ରିଫାଇନ ଲିଟର ପିଛା ପୂର୍ବରୁ ୨୨୦ ଟଙ୍କା ଥିବା ବେଳେ ଏବେ ତାହା ୨୫୦ରୁ ୨୮୦ ଟଙ୍କାରେ ବିକ୍ରି ହେଉଛି। ମଣିପୁରରେ ଏବେ ଅଧିକାଂଶ ପେଟ୍ରୋଲ ପମ୍ପରେ ତାଲା ଝୁଲୁଥିବା ବେଳେ ଲୋକେ କଳାବଜାରୀରୁ ଲିଟର ପିଛା ୨ଶହ ଟଙ୍କ ଦେଇ କିଣୁଛନ୍ତି। କିଛି ପମ୍ପ ଖୋଲାଥିବା ବେଳେ କିଲୋମିଟର ବ୍ୟାପୀ ଲାଇନ୍ ଲାଗିଛି। ରାଜପଥକୁ ବ୍ଲକ କରି ଦିଆଯାଇଥିବାରୁ ମେଡିସିନ ଷ୍ଟୋରରେ ଜୀବନ ରକ୍ଷାକାରୀ ମେଡିସିନ ବି ସରିଗଲାଣି। ଫଳରେ ଲୋକେ ନିରାଶ ହୋଇ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳିଛି। ଣିପୁରରେ କର୍ଫ୍ୟୁକୁ କିଛି ସମୟ ପାଇଁ କୋହଳ କରାଯାଉଥିବା ବେଳେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହେଉଛନ୍ତି। ଏଟିଏମ୍‌ଗୁଡ଼ିକ ଖାଲି ପଡ଼ିଲାଣି। ଇଣ୍ଟରନେଟ ସେବାକୁ ବିଚ୍ଛିନ୍ନ କରାଯାଇଥିବାରୁ ଅନଲାଇନ୍ ପେମେଣ୍ଟ ବି ହୋଇ ପାରୁନି। କିଛି ଦିନ ପୂର୍ବେ ସ୍ଥିତି ସମୀକ୍ଷା ପାଇଁ ଗୃହ ମନ୍ତ୍ରୀ ଅମିତ ଶାହ ୩ ଦିନିଆ ମଣିପୁର ଗସ୍ତ କରିଥିଲେ। ଉକ୍ତ ସମୟରେ ସେ ସାଧାରଣ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ନିରବଚ୍ଛିନ ଗ୍ୟାସ୍ ସପ୍ଲାଏ ସହ ପେଟ୍ରୋଲ ଓ ପରିବା ଦରଦାମକୁ ନିୟନ୍ତ୍ରଣରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଏକ ଅସ୍ଥାୟୀ ପ୍ଲାଟଫର୍ମ କରି ଦେଶର ବିଭିନ୍ନ କୋଣରୁ ମଣିପୁରରେ ଯେପରି ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚି ପାରିବ ତାହାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରିସ୍ଥିତି ଏବେ ସମ୍ପୂର୍ଣ୍ଣ ଭିନ୍ନ। ଚାରିଆଡ଼େ ହାହାକାର ପଡ଼ି ଯାଇଥିବା ବେଳେ ପ୍ରତିଦିନ ବଞ୍ଚିବାକୁ ସାଧାରଣ ଲୋକଙ୍କୁ ସଂଘର୍ଷ କରିବାକୁ ପଡୁଛି।

## ରେଳ ଦୁର୍ଘଟଣାର ଉଦ୍ଧାର କାର୍ଯ୍ୟରେ ସରକାରୀ ଅବହେଳା: ଶ୍ରୀକାନ୍ତ

ବାଲେଶ୍ୱର, ୫/୦୬ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣାରେ ସ୍ଥିତି ସ୍ୱାଭାବିକ ହୋଇଆସୁଥିବା ବେଳେ ରାଜନୈତିକ ଦଳର ନେତା ଦୁର୍ଘଟଣା ସ୍ଥଳ ଓ ହସପିଟାଲ ପରିଦର୍ଶନ ସହ ମୃତାହତଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।ଏହି କ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସୋମବାର ଦୁର୍ଘଟଣା ସ୍ଥଳ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସହ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରେଳ ଦୁର୍ଘଟଣା ଓ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ସରକାରୀ ଅବହେଳାକୁ ଅକ୍ଷମଣୀୟ ବୋଲି କହିଛନ୍ତି। ମୃତାହତ ସଂଖ୍ୟା କମ କରିବାକୁ ଦୀର୍ଘ ଦୁଇଘଣ୍ଟା କାଳ ପ୍ରଶାସନ ଅଥବା ରେଳ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଜେନା କହିଥିଲେ। ପ୍ରାଥମିକ ସ୍ତରରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟକୁ ଶ୍ରୀ ଜେନା ପ୍ରଶଂସା କରିଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ମୃତକଙ୍କ ସଂଖ୍ୟାରେ ବୃଦ୍ଧି ହୋଇଥିବା ସେ ଯୁକ୍ତି ଦର୍ଶାଇଥିଲେ। ତେବେ ମୃତକ ସଂଖ୍ୟାକୁ ନେଇ ସୃଷ୍ଟି ହୋଇଥିବା ସନ୍ଦେହ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଥିଲେ । ଉଦ୍ଧାର ବେଳେ କେତେ ମୃତ ଶରୀର କେଉଁ ସ୍ଥାନକୁ ନିଆଯାଇଥିଲା ତାହାର ସବିଶେଷ ତଥ୍ୟ ରଖିବାକୁ ଶ୍ରୀ ଜେନା ଦାବି କରିଛନ୍ତି। ଅତୀତରେ ରେଳ ଦୁର୍ଘଟଣାରେ ପୂର୍ବ ରେଳ ମନ୍ତ୍ରୀମାନେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇ ଉଦାହରଣ ସୃଷ୍ଟି କରିଥିବା ବେଳେ ବର୍ତ୍ତମାନର ରେଳମନ୍ତ୍ରୀଙ୍କ ନୈତିକ ଆଚରଣ କେଉଁ ପ୍ରକାର ରହିବ ତାହା ତାଙ୍କ ଉପରେ ଛାଡ଼ିଦେବା ଉଚିତ ବୋଲି ଶ୍ରୀ ଜେନା କହିଥିଲେ । ଅନ୍ୟପକ୍ଷରେ ଇଷ୍ଟକୋଷ୍ଟ ରେଲୱେର ବିଶାଖାପଟଣା ଡିଭିଜନର ହଜାରେରୁ ଉର୍ଦ୍ଧ୍ୱ ଶ୍ରମିକ ଦିନରାତି ଏକ କରି ରେଳ ଚଳାଚଳ ସ୍ୱାଭାବିକ କରିଥିବା ବେଳେ ସମ୍ପ୍ରତି ୱାଲଟିଅର ଡିଭିଜନକୁ ଇଷ୍ଟକୋଷ୍ଟ ରେଲୱେରୁ କାଢ଼ି ଆନ୍ଧ୍ର ପ୍ରଦେଶ ପାଇଁ ଗଠିତ ନୂତନ ରେଳ ଜୋନରେ ସାମିଲ ନେଇ ରେଳ ମନ୍ତ୍ରୀ ନିଷ୍ପତ୍ତି ନେବା କେଉଁ ପ୍ରକାର ନ୍ୟାୟର ବୋଲି ଶ୍ରୀ ଜେନା ପ୍ରଶ୍ନ କରିଥିଲେ । ସେହି ଅନୁସାରେ ବାଲେଶ୍ୱରରେ ନୂତନ ରେଳ ଡିଭିଜନ ପ୍ରତିଷ୍ଠା ସହ ଇଷ୍ଟକୋଷ୍ଟ ରେଲୱେ ସାମିଲ ପାଇଁ ସେ ଦାବି କରିଥିଲେ। ଅନ୍ୟପକ୍ଷରେ ରେଳ ଦୁର୍ଘଟଣାରେ ହଜାରେରୁ ଅଧିକ ଆହତଙ୍କ ଚିକିତ୍ସା ପାଇଁ ସମସ୍ୟା ଦେଖା ଦେଇଥିବା ବେଳେ ୟୁପିଏ ସରକାର ଅମଳରେ ୫୦୦ ଶଯ୍ୟା ବିଶିଷ୍ଟ ଏମ୍ସ ସାଟେଲାଇଟ ସେଣ୍ଟର ପ୍ରତିଷ୍ଠାର ଗୁରୁତ୍ୱ ସମ୍ପର୍କରେ ଶ୍ରୀ ଜେନା ଅବଗତ କରିଥିଲେ। ତୁରନ୍ତ ଏ ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେବା ସହିତ ବାଲେଶ୍ୱରରେ ଏକ ଅତ୍ୟାଧୁନିକ ଟ୍ରମା ସେଣ୍ଟର ପ୍ରତିଷ୍ଠା ପାଇଁ ଶ୍ରୀ ଜେନା ଯୁକ୍ତି ଦର୍ଶାଇଥିଲେ।

## ରେଳ ଦୁର୍ଘଟଣାଗ୍ରସ୍ତଙ୍କୁ ପୂର୍ବତନ ସେନାନୀଙ୍କ ସହାୟତା

ବାଲେଶ୍ୱର, ୫/୦୬ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣାରେ ମୃତାହତଙ୍କୁ ଉଦ୍ଧାର ସାଙ୍ଗକୁ ଚକିତ୍ସିତ ଯାତ୍ରୀଙ୍କୁ ଖାଦ୍ୟପେୟ ପ୍ରଦାନରେ ଭାରତୀୟ ପୂର୍ବତନ ସେନାନୀ ସଂଘ ମଧ୍ୟ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ରେଳ ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ମାତ୍ରେ ପୂର୍ବତନ ସେନାନୀମାନେ ଘଟଣା ସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପ ଏବଂ ସର୍ଜରୀ ୱାର୍ଡ଼ରେ ଥିବା ଆହତ ବ୍ୟକ୍ତିମାନଙ୍କୁ ବିସ୍କୁଟ୍, କ୍ଷୀର, ହର୍ଲିକ୍ସ ଏବଂ ଚାହା ପ୍ରଭୃତି ବଣ୍ଟନ କରିଥିଲେ। ଏହି ରିଲିଫ କାର୍ଯ୍ୟ ପାଇଁ ସଂଘର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସଂପାଦକ ଆନନ୍ଦ ବରାଳ, ସହ-ସଂପାଦକ ରବୀନ୍ଦ୍ର ମୋହନ ନାୟକ, ଉପଦେଷ୍ଟା ଯଦୁନାଥ ସାହୁଙ୍କ ସମେତ କରୁଣା କର ସୂତାର, ଅଭୟଲାଲ ପାତ୍ର, ସଂଘର ପୂର୍ବତନ ସଭାପତି ଜୟନ୍ତ କୁମାର ବେହେରା, ବିଷ୍ଣୁପଦ ମିଶ୍ର, ଷ୍ଟାଲିନ ରାଉତ, ଭଗବାନ ସାହୁ, ଜୟନ୍ତ କୁମାର ସାହୁ, ବିଜୟ ପଣ୍ଡା ଇତ୍ୟାଦି ଉପସ୍ଥିତ ଥିଲେ। ସେହିଭଳି ୪ ତାରିଖ ସନ୍ଧ୍ୟାରେ ଚାହା ବିସ୍କୁଟ ଆଦି ବଣ୍ଟନ କରିଥିଲେ।

## ହଳଦୀଗୁଡିରେ ବିଶ୍ୱ ପରିବେଶ ଦିବସ ପାଳନ




ଲଙ୍ଗଳେଶ୍ୱର , ୫/୦୬ (ନି.ପ୍ର): ଲଙ୍ଗଳେଶ୍ୱର ଫରେଷ୍ଟ ଅଧିନସ୍ଥ ସମୁଦ୍ର ଉପକୂଳବର୍ତ୍ତୀ ହଳଦୀ ଗୁଡି ପଡ଼ିଆରେ ଆଜି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବୃକ୍ଷ ରୋପଣ ଏବଂ ପରିବେଶ ଦିବସ ପାଳନ ସମ୍ପର୍କରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ସଭାପତିତ୍ୱ ??? କରିଥିଲେ ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା । ଏଥିରେ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ଖୁସବନ୍ତ ସିଂ, ସହକାରୀ ବନସଂଗ୍ରକ୍ଷକ ଦିଗନ୍ତ ଶୋଭନ ଚାନ୍ଦ, ଅବୈତନିକ ବନ୍ୟଜନ୍ତୁ ସଂଗ୍ରକ୍ଷକ ଅଶ୍ୱିନୀ କୁମାର ଦାସ, ପରିବେଶ ବିତି ତରଣୀ ସେନ ଜେନା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗ ରେ ବନି ଜଙ୍ଗଲର ଅଭିବୃଦ୍ଧି ପାଇଁ ମିଷ୍ଟି ପ୍ରୋଗ୍ରାମ ଆୟୋଜିତ ସମ୍ପର୍କରେ ମତବ୍ୟକ୍ତ କରିଥିଲେ ପ୍ରାଣୀ ଓ ଉଦ୍ଭିଦ ସୁସ୍ଥ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟି କରିଥାଏ ।ଏହି ଅବସରରେ ହଳଦୀ ଗୁଡି ଠାରେ ହେନ୍ତାଳ ବଣ ସୃଷ୍ଟି ସକାଶେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ଶେଷରେ ସ୍ଥାନୀୟ ସରପଞ୍ଚ ଧନୁଞ୍ଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଲଙ୍ଗଳେଶ୍ୱର ଫରେଷ୍ଟର ଶଶିଧର ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ସମାପନ ହୋଇଥିଲା। ଏହି ସଭାରେ ଆଖପାଖ ଅଞ୍ଚଳ ରୁ ଶହ ଶହ ଲୋକ ଯୋଗଦେଇ ଥିଲେ। ହୃଷିକେଶ ପ୍ରଧାନ, ପ୍ରମିଳା ସେନ, ରାମେଶ୍ୱର ମୁର୍ମୁ, ମନୋରଞ୍ଜନ ଧଡା, ପ୍ରମୁଖ ପରିଚାଳନା କରିଥିଲେ।

## ବିଶ୍ୱ ଯୋଗ ଦିବସ ପାଇଁ ପ୍ରସ୍ତୁତି

ବାଲେଶ୍ୱର, ୫/୦୬ (ନି.ପ୍ର): ଆସନ୍ତା ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନପାଇଁ ରବିବାର ଦିନ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଲଳିତେଶ୍ୱରୀ କାଳୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ମହୋତ୍ସବ ସମିତିର ସଭାପତି ସୁଜିତ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ସମଗ୍ର ଜିଲାରେ ଏହା ପାଳନ ପାଇଁ ଏକ ଯୋଗ ଶିକ୍ଷକ ତାଲିମ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲାର ବିଭିନ୍ନ ପ୍ରାନ୍ତରରୁ ଇଚ୍ଛୁକ ବ୍ୟକ୍ତିମାନେ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଭାଗ ନେଇପାରିବେ। ଆସନ୍ତା୍ ୨୧ ତାରିଖରେ ଚାନ୍ଦିପୁର ପ୍ରୁଫ ପରୀକ୍ଷା କେନ୍ଦ୍ର, ବାଲେଶ୍ୱର ଜେଲ୍, ପୁଲିସ ଲାଇନ୍, ଆୟୁଷ୍ମାନ କଲ୍ୟାଣ ମଣ୍ଡପ ଇସିଏଚଜି, ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର ଜିଲା ସ୍କୁଲ ସମେତ ୧୫୦ ସ୍ଥାନରେ ଏହା ପାଳନ କରାଯିବାକୁ ସ୍ଥିର ହୋଇଥିଲା। ଏଥିରେ ସମିତିର ଉପ-ସଭାପତି ଦମୟନ୍ତୀ ମହାପାତ୍ର, ସମ୍ପାଦକ ଅଜୟ ଚୌଧୁରୀ, ଯୁଗ୍ମ ସମ୍ପାଦକ ସଞ୍ଜୀବ ତାଳଦି, କୋଷାଧ୍ୟକ୍ଷ ବଳଭଦ୍ର ଶତପଥୀ, ସଭ୍ୟ ସଞ୍ଜୟ ମହାପାତ୍ର, ଗୋପାଳ ନାୟକ, ଡ. ଚତ୍ତରଞ୍ଜନ ସାହୁ, ଆଚାର୍ଯ୍ୟ ବିଜୟଜୀ, ପାର୍ଥ ପ୍ରୀତିମ କର, ରାଜେଶ କର, ସଭ୍ୟା ସ୍ନେହଲତା ଦାସ, ସରସ୍ୱତୀ ଭୋଇ, ଅର୍ଚ୍ଚନା କର, ସାବିତ୍ରୀ ବେହେରା, ଅନିତା ମିତ୍ର, ଜାନକୀ ଦାସ, ତାପତୀ ଦେ, ପବିତ୍ରା ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।



## କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ପକ୍ଷରୁ ରେଳମନ୍ତ୍ରୀଙ୍କ ଇସ୍ତଫା ଦାବି

ବାଲେଶ୍ୱର, ୫/୦୬ (ନି.ପ୍ର): ବାଲେଶ୍ୱରର ମେଡିକାଲ କଲେଜ ସ୍ଥାପନ ହେବା ଯୋଗୁଁ ବାହାନଗା ରେଳ ଦୁର୍ଘଟଣାରେ ସହସ୍ରାଧିକ ଆହତ ଯାତ୍ରୀଙ୍କ ଆଶୁ ଚିକିତ୍ସା ପାଇବା ସମ୍ଭବ ହୋଇପାରିଛି। ଦୁର୍ଘଟଣା ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦ୍ଧାରକାରୀ ଦଳ ସେମାନଙ୍କ କାର୍ଯ୍ୟ ମଧ୍ୟ ସୁସମ୍ପାଦନ କରିଛନ୍ତି। ମାତ୍ର ରେଳମନ୍ତ୍ରୀଙ୍କ ବକ୍ତବ୍ୟ ଓ ରେଲୱେ ନିରାପତ୍ତା ବିଭାଗ ଦ୍ୱାରା କିମ୍ବା ସିବିଆଇ ଦ୍ୱାରା ଅନୁସନ୍ଧାନ ବିଶେଷ କିଛି ସୁଫଳ ମିଳିବାର ସମ୍ଭାବନା ନାହିଁ। କାରଣ ରେଲୱେ ନିରାପତ୍ତା ରକ୍ଷା ପାଇଁ ଯେଉଁ ବ୍ୟବସ୍ଥା କରିବା କଥା ସେ ବ୍ୟବସ୍ଥା ଆପଣେଇବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ରେଲୱେ ନିରାପତ୍ତା କମିଟିର ରିପୋର୍ଟ ଅନୁଯାୟୀ ପୁରୁଣା ରେଳ ଟ୍ରାକକୁ ଓ ପୁରୁଣା ବ୍ରିଜ ବଦଳାଇବା ଓ ଖାଲିଥିବା ସମସ୍ତ ପଦବୀ ପୂରଣ କରିବା, ରେଲୱେ ସେନ୍‌ସର୍ / ରେଲୱେ କବଚକୁ ବ୍ୟବହାର ପାଇଁ କମିଟି ଅନୁମୋଦନ କରିଥିଲେ ମଧ୍ୟ ରେଳ ବିଭାଗ ତରଫରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ରେଲୱେ ନିରାପତ୍ତା ବଜେଟରୁ ୪୦ ପ୍ରତିଶତ ଅର୍ଥ କମାଇ ଦିଆଯାଇଛି ବୋଲି ତାଙ୍କ ମନ୍ତବ୍ୟରେ କହିଛନ୍ତି। ସେଫ୍ଟି ବ୍ୟବସ୍ଥା ନକରିବା, ସେନସର ନ ଲଗାଇବା ଏବଂ ପୁରୁଣା ରେଲୱେ ଟ୍ରାକ୍ ବଦଳ ନକରିବା ହେତୁ ଏଭଳି ଦୁର୍ଘଟଣା ଯୋଗୁଁ କେନ୍ଦ୍ର ସରକାରଙ୍କର ରେଳବିଭାଗ ସଂପୂର୍ଣ୍ଣ ଦାୟୀ। ଏଣୁ ରେଳମନ୍ତ୍ରୀ ଓ ରେଳଚେୟାର ପଦବୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ଦାବି କରାଯାଇଛି। ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟା ଯୋଗୁଁ ଗତ ୧୯୯୯ ମହାବାତ୍ୟାରେ ମୃତ୍ୟୁବରଣ କରିଥିବା ବହୁ ଲୋକ ଚିହ୍ନଟ ହୋଇପାରି ନଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିବା ମୃତକଙ୍କ ପରିବାରକୁ ସହାୟତା ରାଶି ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ କେନ୍ଦ୍ର ଶ୍ରମିକ ସଂଗଠନ ପକ୍ଷରୁ ବାଲେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପ-ସଭାପତି ତଥା ରାଜ୍ୟ ସଭାପତି ପ୍ରାକ୍ତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଜିଲା ସଭାପତି ସୁରେଶ ଚନ୍ଦ୍ର ବେହେରା, ଜିଲା ଉପ-ସଭାନେତ୍ରୀ ବାସନ୍ତୀ ସାମଲ, ଜିଲା ସମ୍ପାଦକ ବିକାଶ ଦାସ, ଏଆଇଟିୟୁସିର ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସଂପାଦକ ମାୟାଧର ନାୟକ ଓ ଜିଲା ସଂପାଦକ ଶ୍ୟାମସୁନ୍ଦର ଜେନା, ଏଚ୍.ଏମ୍.ଏସ୍‌ର ସଭାପତି ଅରୁଣ କୁମାର ସ୍ୱାଇଁ, ସିଆଇଟିୟୁସିର ଜିଲା ଆବାହକ ରାଜ କିଶୋର ଲେଙ୍କାଙ୍କ ସମେତ ବାଲେଶ୍ୱର ଟ୍ରେଡ୍ ୟୁନିୟନ ଆସୋସିଏସନ୍ କୋଅର୍ଡ଼ିନେସନ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସମତେ ସୁବାଷିସ ନାୟକ, କାଶୀନାଥ ଦାସ ଓ ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମଙ୍ଗଳବାର, ଜୁନ୍ ୦୬, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନେତୃତ୍ୱ ବିକାଶ ତାଲିମ ଶିବିର ଉଦ୍‌ଘାଟିତ

ଉଦଳା, ୦୫/୦୬ (ନି.ପ୍ର):- ଲୋକ ସଂଗଠନ 'ଜନଜାଗୃତି ମଂଚ' ମୟୂରଭଞ୍ଜ ଆୟୋଜନରେ ଆଜି ଜୁନ ୫ ତାରିଖ ସୋମବାରଦିନ ' ନେତୃତ୍ୱ ବିକାଶ ତାଲିମ ଶିବିର' ଆରମ୍ଭ ହୋଇଛି । କପ୍ତିପଦା, ଉଦଳା, ଖୁଂଟା ଓ ଗୋପବନ୍ଧୁନଗର ବ୍ଲକରୁ ମୋଟ ୪୦ ଜଣ ଶିବିରାର୍ଥି ଏହି ଶିବିରରେ ପ୍ରଶିକ୍ଷଣ ନେଉଥିବାର ଜଣାଯାଇଛି । ଶିବିରର ଉଦ୍‌ଘାଟନ ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଜନଜାଗୃତି ମଂଚର ସମସ୍ତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ବିଶେଷ କରି କରୋନା ସମୟରେ ପିଲାଙ୍କ ପାଠ ପଢ଼ାରେ ବହୁ କ୍ଷତି ଘଟିଥିଲା । ଏପରିକି କିଛି ପିଲା ସମ୍ପୂର୍ଣ୍ଣ ପାଠ ପଢ଼ା ଛାଡ଼ିଦେବାକୁ ବାଧ ହୋଇଥିଲେ । ସେ ସମୟରେ ପିଲାଙ୍କୁ କିପରି ପୁଣିଥରେ ପାଠ ସହିତ ବାନ୍ଧି ରଖାଯିବ ଓ ବିଦ୍ୟାଳୟକୁ ଅଣାଯିବ ଏ କ୍ଷେତ୍ରରେ ଜନଜାଗୃତି ମଂଚର ଉଦ୍ୟମ ବେଶ ପ୍ରଶଂସନୀୟ ଥିଲା ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ 'ରୋକ ଠୋକ' ପତ୍ରିକାର ସଂପାଦକ ତଥା ଶିବିରରେ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିବା ଅରୁଣ ପ୍ରସାଦ ଦେହୁରୀ ଓ ମଂଚର ଟିମ ଲିଡ଼ର ଗଦାଧର ଦାଶ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ନେତୃତ୍ୱ ବିକାଶ ତାଲିମ କିପରି ନିଜ ବ୍ୟକ୍ତିଗତ ଜୀବନରେ ଦରକାରରେ ଆସିବ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ସୁବ୍ରତ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଶିବିର ଦୁଇଦିନ ଧରି ଚାଲିବା ସହିତ ଜୁନ ୬ ତାରିଖ ମଙ୍ଗଳବାର ଦିନ ଏହା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ରୁପାଏ ବାସ୍କେ, ହରପ୍ରିୟା ଦାସ, ଆରତୀ ଖଣ୍ଡାପାତ୍ର, କାପାଲ ମୁର୍ମୁ, ଭାରତୀ ଖଣ୍ଡାପାତ୍ର, ଗୌତମ ମହାପାତ୍ର, ମନାଲି ମୁର୍ମୁ ଓ ରିବନ୍ଦ୍ର ଖଣ୍ଡେଇ ପ୍ରମୁଖ ଶିବିର ପରିଚାଳନାର ନେତୃତ୍ୱ ନେଉଛନ୍ତି ।

## ପୋଲିସ କମିସନରେଟ ରେଡ୍‌କ୍ରସ୍ ପକ୍ଷରୁ ଏମ୍ସରେ ଖାଦ୍ୟ ଓ ଜଳ ବଂଟନ


ଭୁବନେଶ୍ୱର, ୫/୦୬ (ନି.ପ୍ର): ଭାରତୀୟ ରେଡକ୍ରସ୍ ସୋସାଇଟି, ଭୁବନେଶ୍ୱର-କଟକ ପୋଲିସ କମିସନରେଟ ଆଂଚଳିକ ଶାଖା ପକ୍ଷରୁ ଏମ୍ସ ଡାକ୍ତରଖାନାରେ ଚିକିତ୍ସିତ ଦୁର୍ଘଟଣାଗ୍ରସ୍ତ ଟ୍ରେନ ଯାତ୍ରୀମାନଙ୍କ ସମ୍ପର୍କୀୟ ମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଏହା ସହିତ ଶବ ବାହକ ଗାଡିର ଡ୍ରାଇଭର ଓ ସହାୟକମାନଙ୍କୁ ମଧ୍ୟ ପୋଲିସ କମିସନରେଟ ରେଡକ୍ରସ୍ ପକ୍ଷରୁ ଖାଦ୍ୟ ଓ ପାନୀୟ ଜଳ ଦିଆଯାଇଛି । ପୋଲିସ କମିସନରେଟ ରେଡକ୍ରସ୍‌ର ଅଧକ୍ଷ ତଥା ପୋଲିସ କମିସନର ସୌମେନ୍ଦ୍ର କୁମାର ପ୍ରୀୟଦର୍ଶୀଙ୍କ ନିଷ୍ପତି କ୍ରମେ ଏହା ପ୍ରଦାନ କରା ଯାଇଥିବା ବେଳେ ଅନୁଷ୍ଠାନର ଯୁଗ୍ମ-ସମ୍ପାଦକ ଡିସି ଲଳିତେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପାଦନ ହୋଇଥିଲା ।

# ଗଣଧାରଣା ପରେ ଗ୍ରାମ ଦାଣ୍ଡରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ




ଭଦ୍ରକ, ୫/୦୬ (ନି.ପ୍ର): ଚାନ୍ଦବାଲି ତହସିଲଦାରଙ୍କ ଅବିଚାରମୂଳକ ପ୍ରଶାସନିକ କାର୍ଯ୍ୟକଳାପର ପ୍ରତିବାଦରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମାଜିକ କର୍ମୀ ଲକ୍ଷ୍ମୀଧର ବିଶ୍ୱାଳ ଏବଂ ତାଙ୍କ ପରିବାରର ସଦସ୍ୟସଦସ୍ୟାଙ୍କ ସହିତ କେତେକ ଗ୍ରାମବାସୀ ଗଣଧାରଣାରେ ବସିଥିଲେ। ପରେ ପୋଲିସର ସହଯୋଗରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶ୍ରୀ ବିଶ୍ୱାଳଙ୍କ ସହିତ ସବିଶେଷ ଆଲୋଚନା କରି ତାଙ୍କ ପ୍ରତି ଓ ତାଙ୍କ ପରିବାର ପ୍ରତି ତହସିଲଦାର ଚାନ୍ଦବାଲିଙ୍କ ତରଫରୁ ହୋଇଥିବା ସମସ୍ତ ଅବିଚାରମୂଳକ କାର୍ଯ୍ୟ ବାବଦରେ ପଚାରି ବୁଝିଥିଲେ। ଘଟଣାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଜିଲ୍ଲାପାଳ ଶ୍ରୀଯୁକ୍ତ ବୋନ୍ଦର ତୁରନ୍ତ ଚାନ୍ଦବାଲି ତହସିଲ୍‌ରେ ପଡ଼ି ରହିଥିବା କେସ୍ ନଂ ୧୬୨/୨୦୨୦ର ବିଚାର କରି ଅଣ୍ଡିଆପାଟ ଗ୍ରାମ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ସରକାରୀ ମାପ କରାଇ ଜବରଦଖଲମୁକ୍ତ କରିବାକୁ ଚାନ୍ଦବାଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ବାବଦରେ ଚାନ୍ଦବାଲି ତହସିଲଦାରଙ୍କୁ ସମସ୍ତ ବିଷୟ ଫୋନ ଯୋଗେ ଅବଗତ କରାଇବାକୁ ଉପଜିଲ୍ଲାପାଳଙ୍କୁ କହିବା ସହିତ ଡେପୁଟି କଲେକ୍ଟର କାର୍ତ୍ତିକ ମଣ୍ଡଳ ଉକ୍ତ ନିର୍ଦ୍ଦେଶନାମାକୁ ହ୍ୱାଟ୍‌ସଅପ୍ ଯୋଗେ ତହସିଲଦାର ସୁଶାନ୍ତ ସୁତାରଙ୍କୁ ପଠାଇଥିଲେ। ଧାରଣା ପ୍ରତ୍ୟାହୃତ ପରେ ଶ୍ରୀ ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ବାରମ୍ବାର ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ସେ ବାଧ ହୋଇଥିଲେ ପରିବାର ସହ ଗଣଧାରଣାରେ ବସିବା ପାଇଁ। ଜିଲ୍ଲାପାଳ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାର କାର୍ଯ୍ୟକାରିତାରେ ବିଳମ୍ବ ହେଲେ କିମ୍ବା କାର୍ଯ୍ୟକାରିତା ନହେଲେ ପୁଣି ଆନ୍ଦୋଳନକୁ ଆହୁରି କଠୋର କରିବେ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ। ଏହି ଗଣଧାରଣାରେ ଶ୍ରୀ ବିଶ୍ୱାଳଙ୍କ ମାଆ ଅଖୁଜୀ ବିଶ୍ୱାଳ, ତାଙ୍କର ସମସ୍ତ ଭାଇ, ଭାଉଜ, ପୁତୁରା, ଝିଆରୀଙ୍କ ସହିତ ଗ୍ରାମବାସୀ ଅମିୟ ସାମଲ, ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ୨୦୨୩ ମସିହାର ପ୍ରକୃତିବନ୍ଧୁ ପୁରସ୍କୃତ ପାଇଲେ ଯୁବ ସମାଜସେବୀ ସୁମନ୍ତ କୁମାର ଜେନା



ବସ୍ତା, ୫/୦୬ (ନି.ପ୍ର): କର୍ତ୍ତବ୍ୟନିଷ୍ଠା କୋଣସିକାଯ୍ୟରେ ମନନିବେଶ ନିଷ୍ଠାପର ସେବା କ୍ଷେତ୍ରରେ ଉଲେଖ୍ୟୟ ଅବଦାନ ପାଇଁ ବସ୍ତା ଅଞ୍ଚଳକୁ ସୁନାମ ଆଣିଛନ୍ତି ଯୁବ ସମାଜ ସେବୀ ସୁମନ୍ତ କୁମାର ଜେନା ।ସମୋବାର ବାଲେଶ୍ୱର ବାଲିଆ ସ୍ଥିତ ବନସଂରକ୍ଷକ ଏବଂ ବନବିଭାଗ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟପରିସରରେ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶଓ ଜଳବାୟୁ ପରିବର୍ତ୍ତନବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତହୋଇଥିଲା ଏଥିରେ ଏବର୍ଷପାଇଁ ପ୍ରକୃତି ବନ୍ଧୁ ମାନଙ୍କୁ ୨୦୨୩ ର ମାନପତ୍ର ସହ ୧୦ହଜାର ଟଙ୍କା ପୁରସ୍କୃତ କରାଯାଇଅଛି । ବସ୍ତାବ୍ଳକ ବାହାର୍ଦ୍ଦାପଞ୍ଚାୟତର ସ୍ୱର୍ଗତ ସୁରେନ୍ଦ୍ର ନାଥ ଜେନାଙ୍କ ପୁତ୍ର ଯୁବ ସମାଜସେବୀ ସୁମନ୍ତକୁମାର ଜେନାଙ୍କୁ ବାଲେଶ୍ୱର ଜିଲ୍ଲାପାଳ, ଅତିରିକ୍ତ ଶାସନ ସଚିବ ଆଦେଶ କ୍ରମେ ପୁରସ୍କାର ବିତରଣ ଅନୁଠିତ ହୋଇଯାଇଛି । ଏଥିରେ ବସ୍ତା ର ସୁମନ୍ତ ଜେନାଙ୍କୁ ବଛାଜାଇ ପ୍ରମାଣ ପତ୍ର ଦିଆଯାଛି । ଏହି ଖବର ପ୍ରଚାରିତ ହେବାପରେ ଶ୍ରୀଯୁକ୍ତ ଜେନା ନିକଟକୁ ବହୁ ଅଞ୍ଚଳରୁ ଶୁଭେଛାର ସୁଅ ଛୁଟିଛି ।

# ମିଳିତ ଜନଶୁଣାଣିରେ ୧୩୫ ଅଭିଯୋଗ

ଭଦ୍ରକ , ୫/୦୬ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି. ଭଦ୍ରକ ବରୁଣ ଗୁଣ୍ଟୁପାଲ୍ଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୩୫ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୧୧ଟି ଅଭିଯୋଗ ଥିଲାବେଳେ ୨୪ଟି ସାମୂହିକ ସମସ୍ୟାଭିତ୍ତିକ ଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ପ୍ରଦାନ ପାଇଁ ୨ଟି ଆବେଦନ ଗ୍ରହଣ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ଆବଶ୍ୟକ ଅନୁଯାୟୀ ଜିଲ୍ଲାପାଳଙ୍କ ନିକଟରେ ଉତ୍ତର ରଖିଥିଲେ । ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ଅଭିଯୋଗ ଉପସ୍ଥାପନା ଓ ସହାୟକ ଜିଲ୍ଲାପାଳ ଚିତ୍ତ ରଞ୍ଜନ ସେଠୀ ଅଭିଯୋଗ ପଞ୍ଜିକରଣରେ ସହଯୋଗ କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଯୋଗାଣ, ଯାଜପୁର ଜଳସେଚନ, ସଂସ୍କୃତି , ଟି.ପି.ଏନ୍.ଓ.ଡ଼ି.ଏଲ୍, ଶ୍ରମ, ଭଦ୍ରକ ତହସିଲ, ଭଦ୍ରକ ବ୍ଲକ ଆଦି ସଂପୃକ୍ତ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ସବୁର ଯଥାବିଧି ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# ବିଶ୍ୱ ପରିବେଶ ଦିବସ ଓ ସଫେଇ କାର୍ଯ୍ୟକ୍ରମ



ଲଙ୍ଗଳେଶ୍ୱର, ୫/୦୬ (ନି.ପ୍ର): ପ୍ରତିବର୍ଷ ଜୁନ ମାସ ୫ ତାରିଖ ଆଜିର ଦିନକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ ହୋଇଥାଏ । ଏହି ବିଶ୍ୱ ପରିବେଶ ଦିବସ ଅବସର ରେ ଆଜି ସୁବର୍ଣ୍ଣରେଖା ବନ୍ଦର ତରଫରୁ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଉଭୟ କାଳିପଦା ବଜାର ଏବଂ ଡଗରା ବେଳାଭୂମି ଠାରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଅନେକ ଯୁବକ ଏବଂ ଉଭୟ ଟାଟା ଷ୍ଟିଲ ଫାଉଣ୍ଡେସନ ଏବଂ ସୁବର୍ଣ୍ଣରେଖା ବନ୍ଦର ର କର୍ମକର୍ତ୍ତା ମାନେ ଯୋଗ ଦେଇ ସଫେଇ କାର୍ଯ୍ୟକ୍ରମ କରିଥଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଏହି ଦିବସରେ ଲୋକଙ୍କୁ ପରିବେଶ ବିଷୟରେ ଅବଗତ କରାଇବା ସହିତ ଲୋକ ମାନଙ୍କୁ ସଚେତନତା ର ବାର୍ତ୍ତା ଦିଆଯାଇଥିଲା । ଏହି ଅବସରରେ କାଳିପଦା ବଜାରର ଦୁଇଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ବଜାର କମିଟିକୁ ଦୁଇଟି ଆବର୍ଜନା କୁଣ୍ଡ ପ୍ରଦାନ କରାଯାଇଥିଲା।

# ଗ୍ରୀଷ୍ମକାଳୀନ ଯୋଗ ଶିବିର ଉଦ୍‌ଘାଟିତ



ବାରିପଦା , ୫/୦୬ (ନି.ପ୍ର): ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ ଯୋଗ ଶିବିର ଉଦଘାଟିତ ହୋଇଯାଇଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ପୁରୀ ସ୍ଥିତ ମହାଶକ୍ତି ଗାୟତ୍ରୀ ଚାରିଟେବଲ ଟ୍ରଷ୍ଟର ସଭାପତି ଡ଼ଃ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରବୋଧ କୁମାର ଦେ ତଥା ଶିକ୍ଷକ ସୋମନାଥ ସିଂହ ପ୍ରମୁଖ ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ । ୬ ରୁ ୬୦ ବର୍ଷ ବୟସ ମଧ୍ୟରେ ମୋଟ ୫୬ ଜଣ ଏହି ଶିବିରରେ ଯୋଗ ଦେଇଛନ୍ତି ବୋଲି ମୁଖ୍ୟ ଉପଦେଷ୍ଟା ପ୍ରଦୀପ ବରାଳ ଜଣାଇଛନ୍ତି । ଚଳିତ ମାସ ୨୧ ତାରିଖ ବିଶ୍ୱ ଯୋଗ ଦିବସ ପାଳନ ପର୍ଯ୍ୟନ୍ତ ଏହି ଶିବିର ଚାଲିବ ବୋଲି ଅନୁଷ୍ଠାନର ଉପସଭାପତି ଆଲୋକ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ । ଯୋଗ ସହିତ ଆତ୍ମରକ୍ଷା, ନୃତ୍ୟ ଓ ସଂଗୀତ ମଧ ପ୍ରଶିକ୍ଷଣ ଦିଆଯିବ ବୋଲି ଅନୁଷ୍ଠାନର ସମ୍ପାଦକ ତଥା ଯୋଗ ଗୁରୁ ଜ୍ୟୋତି ରଞ୍ଜନ ଦାସ ଜଣାଇଛନ୍ତି । ଜ୍ୟୋତିପ୍ରଭା ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ ପ୍ରକାଶ ଥାଉକି ଏହି ଅନୁଷ୍ଠାନର ଅନେକ ଛାତ୍ରଛାତ୍ରୀ ବହୁବାର ରାଜ୍ୟ ତଥା ଜାତୀୟ ସ୍ତରରେ ଅଂଶ ଗ୍ରହଣ କରି ପୁରସ୍କୃତ ହେବା ସହ ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି ।

# ବାହାନଗା ରେଲଓ୍ୱେ ଆକ୍ସିଡେଣ୍ଟରେ ମୃତ୍ୟୁ ସଂଖ୍ୟାକୁ ଲୁଚାଉଛି ରେଳ ବିଭାଗ:ଚିତ୍ତ ଷଡ଼ଙ୍ଗୀ

ନୀଳଗିରି, ୫/୦୬ (ନି.ପ୍ର): ଗତ ଶୁକ୍ରବାର ସନ୍ଧ୍ୟା ରେ ବାଲେଶ୍ୱର ବହାନାଗା ଠାରେ ହୋଇଥିବା ଟ୍ରେନ ଟ୍ରାଜେଡି ଦୁର୍ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଓ ସମ୍ବେଦନଶୀଳ ଥିଲା । ଏହି ଦୁର୍ଘଟଣା ରେ ୧୦୦୦ ରୁ୧୫୦୦ ଯାତ୍ରୀ ଙ୍କ ମୃତ୍ୟୁ ହୋଇଥିବା ବେଳେ ରେଳ ବିଭାଗ ମୃତ୍ୟୁ ସଂଖ୍ୟା କୁ ଲୁଚାଇ ଥିବା ନେଇ ନୀଳଗିରି ର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଭାରତ ର ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ଓଡ଼ିଶାର ମୁଖ୍ୟ ଶାସନସଚିବ ଓ ବାଲେଶ୍ୱର ଜିଲ୍ଲାପାଳ ଙ୍କୁ ମୃତ୍ୟୁ ଯାତ୍ରୀ ଙ୍କର ସଠିକ ତଥ୍ୟ ଲୋକଲୋଚନକୁ ଆଣିବାପାଇଁ ଚିଠି ଲେଖିଛନ୍ତି ।ବହୁ ବିନା ଟିକେଟ ଯାତ୍ରୀ ମଧ ମରିଥିବା ବେଳେ ଚିକିତ୍ସାଧିନ ଅବସ୍ଥା ରେ ବହୁ ଯାତ୍ରୀ ମରିଛନ୍ତି ଏଣୁ ପ୍ରକୃତ ମୃତ୍ୟୁ ସଂଖ୍ୟା ରେଳ ବିଭାଗ ଦ୍ୱାରା ଘୋଷଣା କରାଯାଇନଥିବା ବେଳେ ମାନବିକତା ଦୃଷ୍ଟିକୋଣରୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦେଖା ଗଲେ ମୃତ୍ୟୁ ସଂଖ୍ୟା ୧୦୦୦ରୁ୧୫୦୦ ହେବ ବୋଲି ଶ୍ରୀ ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି।

# ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୁସ୍ତକ 'ମହାଭାରତ ବିତର୍କ' ଲୋକାର୍ପିତ




ବାଲେଶ୍ୱର, ୫/୦୬ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଚିଡ଼ିଆପୋଲସ୍ଥିତ ହୋଟେଲ ଲକି ଇଣ୍ଟରନ୍ୟାସନାଲରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଜନ୍ମଦିନ ଅବସରରେ ତାଙ୍କ ରଚିତ ପୁସ୍ତକ 'ମହାଭାରତ ବିତର୍କ' ରବିବାର ସନ୍ଧ୍ୟାରେ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାହାନଗାଠାରେ ହୋଇଥିବା ଛାତିଥରା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯିବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସଙ୍ଗୀତଗୁରୁ ସତ୍ୟରଂଜନ ମହାନ୍ତି ଡ. ଦେବାଶିଷ ପାତ୍ରଙ୍କ ରଚିତ ଗୋଟିଏ ଭଜନ ପରିବେଷଣ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସନ୍ଧ୍ୟାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଯେ ଡାକ୍ତର ନନ୍ଦ ଏକ ଭିନ୍ନ ଦୃଷ୍ଟିକୋଣ ନେଇ ମହଭାରତର ପୃଷ୍ଠଭୂମିରେ ରଚନା କରିଥିବା ଏହି ପୁସ୍ତକଟିରେ ତର୍କ, ଦର୍ଶନ, ବିଜ୍ଞାନ, ମନୋବିଜ୍ଞାନ ଓ ପରିଚାଳନା ବିଦ୍ୟା ସଂପର୍କିତ ଆଲୋଚନା ଯୁଗୋପଯୋଗୀ ହେବା ସହିତ ଉପାଦେୟ ସାବ୍ୟସ୍ତ ହେବ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୁସ୍ତକଟିର ଆଙ୍ଗିକ ଦିଗକୁ ସୁନ୍ଦର ଭାବରେ ଆଲୋଚନା କରିଥିବାବେଳେ ସମ୍ମାନିତ ଅତିଥି ପ୍ରଫେସର ରବିନାରାୟଣ ଦାଶ ପୁସ୍ତକର ତାତ୍ତ୍ୱିକ ଦିଗ ଉପରେ ଆଲୋକପାତ କରିଥିଲେ। ଲେଖକ ଡାକ୍ତର ନନ୍ଦ ନିଜର ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରିତ ପ୍ରଫେସର ସୁପ୍ରୀତି ମିଶ୍ରଙ୍କୁ ଲେଖକଙ୍କ ସହଧର୍ମିଣୀ ପ୍ରଫେସର ରଶ୍ମିରେଖା ପତି ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ପ୍ରଫେସର ମିଶ୍ର ମହାଭାରତର କୁନ୍ତୀ, ଦ୍ରୌପଦୀ ଇତ୍ୟାଦି ନାରୀଚରିତ୍ରମାନଙ୍କ ବୈଶିଷ୍ଟ୍ୟ ଉପରେ ଆଲୋଚନା କରିବା ସହ ସଂପ୍ରତି ବାହନଗାଠାରେ ସଂଘଟିତ ହୃଦୟ ବିଦାରକ ରେଳ ଦୁର୍ଘଟଣାର ଶିକାର ହୋଇଥିବା ପୀଡ଼ିତଙ୍କ ପାଇଁ ବାଲେଶ୍ୱରବାସୀଙ୍କ ନିଃସ୍ୱାର୍ଥପର ସେବାକୁ ମନେପକାଇ କୃତଜ୍ଞତା ଜ୍ଞାପନ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଡ. ସୋମା ନନ୍ଦ, ଇଂ. ସୁଧୀର କୁମାର ଦାଶ, ଅନୁପ ଚାଟାର୍ଜୀ, ଉଦୟ ରଂଜନ ପରିଡ଼ା, ଦୀପକ ବେହେରା ଓ ସୁମନ୍ତ ନାୟକ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ତିନିଶହରୁ ଊର୍ଦ୍ଧ୍ୱ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଉତ୍ସବରେ ଉପସ୍ଥିତ ଥିଲେ।

## ବିଜୁ ମହିଳା ଜନତା ଦଳ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ବାରିପଦା , ୫/୦୬ (ନି.ପ୍ର): ରବିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଗୋଲେଇରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ତଳେ ମୟୂରଭ ଜିଲ୍ଲା-୧ ବିଜୁ ମହିଳା ଜନତା ଦଳ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତ ତା.୦୨.୦୬.୨୦୨୩ ରିଖରେ ବାଲେଶ୍ୱରର ବାହାନଗାଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କ ପାଇଁ ଗଭିର ଶ୍ରଦ୍ଧାଳି ଜ୍ଞାପନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପାଇଁ ବିଜୁ ମହିଳା ଜନତା ଦଳ, ବିଜୁ ଛାତ୍ର ଜନତା ଦଳ, ବିଜୁ ଯୁବ ଜନତା ଦଳ ଏବଂ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଏବଂ ନେତୃମଣ୍ଡଳୀ ଏକତ୍ରିତ ହୋଇ କ୍ୟାଣ୍ଡେଲ ପ୍ରଜ୍ଜଳନ କରିଥିଲେ। ଏଥିରେ ସାଂସଦ ମମତା ମହାନ୍ତ, ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦାଃ, ମୟୂରଭ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ.ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ମହିଳା ସଭାପତି ଦିପ୍ତୀଲତା ମିଶ୍ର, ମିଶନ ଶକ୍ତି ସଭାପତି ବିଷ୍ଣୁପ୍ରିୟା ଦାସ, ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାଏକ, ଅନନ୍ତ ଦାସ, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନିଲ ନାୟକ, ଶ୍ରବଣ ଗୋପ୍, ରାଜୀବ ଜେନା, ସଏଦ୍ ଫିରଜୁଦ୍ଦିନ୍, ରାଜ୍ୟ ବିଜୁ ମହିଳା ଜନତା ଦଳ ସମ୍ପାଦକ ଶ୍ରାବଣୀ ଦାସ, ସବିତା ବେହେରା, ସଂଯୁକ୍ତା ଭୁଜବଳ, ମାନି ଗିରି, ସୁରଭି ଦାସଙ୍କ ସମେତ ଅନେକ ଦଳିୟ କର୍ମକର୍ତ୍ତା ଉପସ୍ଥିତ ରହି ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।

## କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଶଂସା ପତ୍ର

ବସ୍ତା, ୫/୦୬ (ନି.ପ୍ର): ନିକଟରେ ମେଟ୍ରିକ ପରୀକ୍ଷ୍ୟା ର ଫଳାଫଳ ସରକାରଙ୍କ ତରଫରୁ ଘୋଷଣା ହେବାପରେ ବସ୍ତାବ୍ଲକର ଧାନହଣ୍ଡା ହାଇସ୍କୁଲର ଛାତ୍ରୀ ରମେଶ ଚନ୍ଦ୍ର ମହାପାତ୍ର କନ୍ୟା ସମିକ୍ଷ୍ୟା ମହାପାତ୍ର ୬୦୦ ମାର୍କରୁ ୫୫୬ନମ୍ବର ରଖି ବସ୍ତା ଅଞ୍ଚଳ ସହିତ ତାଙ୍କର ସ୍କୁଲ ନାମ ରଖି ବେଶ ପ୍ରଶଂସା ଆଣଛନ୍ତି ।ତାଙ୍କୁ ଆମ୍ବଗଡିଆ ବିକାଶ ମଞ୍ଚ ପକ୍ଷ୍ୟରୁ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁପାଖରୁ ପ୍ରଶଂସା ପତ୍ରଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏହାପରେ ତାଙ୍କୁ ପ୍ରଶଂସାର ସୁହ ଛୁଟିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo